ବର୍ଷ-୨୫, ସଂଖ୍ୟା-୨୨
ଭୁବନେଶ୍ୱର
୨୨, ଜାନୁଆରୀ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 22
Bhubaneswar
22 January, 2025, Wednesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ନକ୍ସଲଗଡ଼ରେ ବଡ ହମଲା, ୧୬ ମୃତ

ଭୁବନେଶ୍ୱର,୨୧।୧(ମହାଭାରତ): ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର କରିଥିବା ପଣ ଦିଗରେ ସୁରକ୍ଷାକର୍ମୀ ଆଉ ପାଦେ ଆଗେଇଛନ୍ତି। ଓଡ଼ିଶା-ଛତିଶଗଡ଼ ସୀମାରେ ଆରମ୍ଭ ହୋଇଥିବା ଅପରେସନକୁ ମିଳିଛି ବଡ଼ ସଫଳତା। ଦୁଇ ରାଜ୍ୟର ପୁଲିସ୍ ବେଶ ଚମତ୍କାର ଢଙ୍ଗରେ ଅପରେସନ କରି ୧୬ କୁଖ୍ୟାତ ନକ୍ସଲଙ୍କ ମୁଣ୍ଡ ଗଡ଼ାଇଛନ୍ତି।ସେମାନଙ୍କ ନିକଟରୁ ଗୋଟିଏ ଏସଏଲଆର ଓ ଆଇଡି ସମେତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଏବେବି ଅପରେସନ ଜାରି ରହିଥିବାବେଳେ ଏହି ସଂଖ୍ୟା ବଢ଼ିବା ସମ୍ଭାବନା ରହିଛି। ନିହତଙ୍କ ମଧ୍ୟରେ ଜଣେ କୋଟିଏ ଟଙ୍କିଆ ମାଓବାଦୀ ରହିଛି। ତା'କୁ ହତ୍ୟା କରିବା ସୁରକ୍ଷାକର୍ମୀଙ୍କ ପାଇଁ ଗୋଟିଏ ବଡ଼ ସଫଳତା। ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲାରେ ଓଡ଼ିଶା ଓ ଛତିଶଗଡ଼ ପୁଲିସରଏସ୍‌ଓଜି ଯବାନମାନେ ମିଳିତ ଅପରେସନ କରି ଏତେ ସଂଖ୍ୟକ ନକ୍ସଲଙ୍କୁ ନିପାତ କରିଛନ୍ତି। ସୁରକ୍ଷାକର୍ମୀଙ୍କ ଏହି ଅପରେସନକୁ ଗୋଟିଏ ବଡ଼ ସଫଳତା ଭାବେ ଅଭିହିତ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ।

ନିହତ ମାଓବାଦୀଙ୍କ ମଧ୍ୟରେ ରହିଛି ବରିଷ୍ଠ ନକ୍ସଲ ନେତା ଜୟରାମ ରେଡ୍ଡି। ସେ ଛାଲାପତି ଭାବେ ମଧ୍ୟ ବେଶ ପରିଚିତ। ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରରେ ଜୟରାମ ବେଶ ସକ୍ରିୟ ରହିଥିଲା। ହେଲେ ଓଡ଼ିଶା-ଛତିଶଗଡ଼ ସୀମାରେ ହୋଇଥିବା ଗୁଳି ବିନିମୟରେ ଜୟରାମର ଖେଳ ଖତମ ହୋଇଯାଇଛି। ତା'କୁ ଧରିବା ପାଇଁ ୧





କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ପୁଲିସ୍ ତା'କୁ ଖୋଜୁ ଥିବା ବେଳେ ସେ ସବୁବେଳେ ସମସ୍ତଙ୍କୁ ଚକମା ଦେଇ ଫେରାର ହୋଇଯାଉଥିଲା। ଏବେ କିନ୍ତୁ ପୁଲିସ ଗୁଳିରେ ସେ ନିହତ ହୋଇଛି। ସିଆରପିଏଫର କୋବରା ବାଟାଲିୟନର ଜଣେ ଯବାନ ଆହତ ହୋଇଛନ୍ତି। ଜୟରାମ ସମେତ ଏକାଧିକ ନକ୍ସଲ ଓଡ଼ିଶାର ନୂଆପଡ଼ା ଜିଲ୍ଲା ଠାରୁ ୫ କିମି ଦୂର ଛତିଶଗଡ଼ର କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ଆଡ୍ଡା ଜମାଇଥିବା ଖବର ମିଳିଥିଲା। ଗୁଇନ୍ଦା ବିଭାଗ ସୂଚନା ଦେବା ପରେ ଉଭୟ ରାଜ୍ୟର ଏସଓଜି ଯବାନମାନେ ମାଓବାଦୀ ଦମନ ଅଭିଯାନ ଆରମ୍ଭ କରି ଦେଇଥିଲେ। ସୋମବାର ରାତିରୁ ଆରମ୍ଭ ହୋଇଥିବା ଏହି ଅପରେସନରେ ଡିଆରଜି, ସିଆରପିଏଫ, ଛତିଶଗଡ଼ର କୋବ୍ରା ଓ ଓଡ଼ିଶାର ଏସଓଜି ଯବାନମାନେ ସାମିଲ ହୋଇଥିଲେ। ଘଞ୍ଚ ଜଙ୍ଗଲ ମଧ୍ୟରେ ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ଆରମ୍ଭ ହୋଇଥିଲା ଗୁଳି ବିନିମୟ।

ସୁରକ୍ଷାକର୍ମୀ ଓ ନକ୍ସଲଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଘମାଘୋଟ ଲଢ଼େଇ ରାତି ତମାମ ଚାଲିଥିଲା। ବେଶ କିଛି ଘଣ୍ଟାର ପ୍ରବଳ ଗୁଳି ବିନିମୟ ପରେ ପୂରା ପରିବେଶ ଶାନ୍ତ ହୋଇଯାଇଥିଲା। ଏହାପରେ ସୁରକ୍ଷାକର୍ମୀମାନେ ଜଙ୍ଗଲ ମଧ୍ୟରେ ବେଶ ସତର୍କତାର ସହ ଆଗକୁ ବଢ଼ିଥିଲେ। ଏହି ସମୟରେ ୧୬ ଜଣ ନକ୍ସଲଙ୍କ ଗୁଳିବିଦ୍ଧ ମୃତଦେହ ଜଙ୍ଗଲ ମଧ୍ୟରୁ ମିଳିଛି। ଏମାନଙ୍କ ମଧ୍ୟରେ ଜୟରାମ ରେଡ୍ଡୀ ମଧ୍ୟ ରହିଛି।ଏହାବାଦ ନିହତ ନକ୍ସଲମାନଙ୍କ ନିକଟରୁ ବିପୁଳ ପରିମାଣର ବନ୍ଧୁକ, ଗୁଳିଗୋଳା ଓ ଆଇଇଡି ମଧ୍ୟ ଜବତ ହୋଇଛି। ଏଗୁଡ଼ିକ ମଧ୍ୟରେ ସେଲ୍ଫ ଲୋଡିଂ ରାଇଫଲ ମଧ୍ୟ ରହିଛି। ଏବେ ବି ଜଙ୍ଗଲ ମଧ୍ୟରେ ସର୍ଚ୍ଚ ଅପରେସନ ଜାରି ରହିଥିବା ଜଣାପଡ଼ିଛି।

୨୦୨୬ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ ଘୋଷଣା କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସୀମାରେ ହୋଇଥିବା ଏନକାଉଣ୍ଟରକୁ ନକ୍ସଲବାଦକୁ ଆଉ ଏକ ବଡ଼ ଝଟକା ବୋଲି କହିଛନ୍ତି। ସେ କହିଛନ୍ତି, ନକ୍ସଲ ମୁକ୍ତ ଭାରତ ଗଠନ ଦିଗରେ ଆମ ସୁରକ୍ଷାବଳ ଗୋଟିଏ ବଡ଼ ସଫଳତା ହାସଲ କରିଛନ୍ତି।

ସିଆରପିଏଫ, ଓଡ଼ିଶାର ଏସଓଜି ଓ ଛତିଶଗଡ଼ ପୁଲିସ୍ ମିଳିତ ଅପରେସନ ଦ୍ୱାରା ଓଡ଼ିଶା-ଛତିଶଗଡ଼ ସୀମାରେ ୨୦ ଜଣ ନକ୍ସଲଙ୍କୁ ନିପାତ କରିଛନ୍ତିୟ ନକ୍ସଲ ମୁକ୍ତ ଭାରତ ଗଠନ ପାଇଁ ଆମର ସଂକଳ୍ପ ଓ ସୁରକ୍ଷାକର୍ମୀଙ୍କ ମିଳିତ ଉଦ୍ୟମ ଯୋଗୁ ନକ୍ସଲବାଦ ଏବେ ନିଜର ଶେଷନିଃଶ୍ୱାସ ନେବା ଆରମ୍ଭ କରିଛି।

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ମଧ୍ୟ ସୁରକ୍ଷାକର୍ମୀଙ୍କୁ ପ୍ରଶଂସା କରିଛନ୍ତି ଓ ଡବଲ ଇଞ୍ଜିନ ସରକାର ଅଧୀନରେ ଛତିଶଗଡ଼ ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀ ମୁକ୍ତ ହେବ। ସୁରକ୍ଷାକର୍ମୀ ନିୟମିତ ଭାବେ ସଫଳତା ହାସଲ କରିବାରେ ଲାଗିଛନ୍ତି। ଏବେ ସେମାନେ ବେଶ ଦ୍ରୁତଗତିରେ ଟାର୍ଗେଟ ପୂରଣ ଦିଗରେ ମାଡ଼ି ଚାଲିଛନ୍ତି।ସୈନ୍ୟମାନଙ୍କ ସଫଳତା ପ୍ରଶଂସନୀୟ। ମୁଁ ବୀରମାନଙ୍କୁ ସଲାମ କରୁଛି ବୋଲି ମୁଖ୍ୟମନ୍ତ୍ରୀ ବିଷ୍ଣୁ କହିଛନ୍ତି।ଚଳିତ ବର୍ଷ କେବଳ ଛତିଶଗଡ଼ରେ ବିଭିନ୍ନ ସ୍ଥାନରେ ହୋଇଥିବା ଏନକାଉଣ୍ଟରେ ୪୦ରୁ ଅଧିକ ମାଓବାଦୀ ନିହତ ହେଲେଣି।

## ୨୮ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୧।୧(ମହାଭାରତ): ଚଳିତମାସରେ ପୁଣି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ। ପ୍ରଧାନମନ୍ତ୍ରୀ ୨୮ ତାରିଖ ପୂର୍ବାହ୍ନ ୧୦ଟା ୩୫ ମିନିଟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ବାହାରି ୧୦ଟା ୫୫ ମିନିଟରେ ଜନତା ମୈଦାନରେ ପହଞ୍ଚିବେ। ଦିନ ୧୧ଟାରୁ ୧୨ଟା ୩୦ ଯାଏଁ ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଉପସ୍ଥିତ ରହିବେ। ମୋଦି ଏହାପରେ ଦିନ ୧୨ଟା ୩୫ରେ ସଭାସ୍ଥଳରୁ ବିମାନବନ୍ଦର ଅଭିମୁଖେ ବାହାରିବେ। ଏହା ପୂର୍ବରୁ ପ୍ରବାସୀ ଭାରତୀୟ ଦିବସରେ ମଧ୍ୟ ପ୍ରଧାନମନ୍ତ୍ରୀ ଯୋଗଦେଇଥିଲେ।

## ଶସ୍ୟ ପରିବହନ ପାଇଁ ସର୍ବାଧିକ ମୂଲ୍ୟ ବୃଦ୍ଧି

ଭୁବନେଶ୍ୱର,୨୧।୧(ମହାଭାରତ): ପରିପୁରକ ପୁଷ୍ଟି କାର୍ଯ୍ୟକ୍ରମରେ ଚାଉଳ ଓ ଗହମ ପରି ଶସ୍ୟ ପରିବହନ ପାଇଁ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ସର୍ବାଧିକ ମୂଲ୍ୟ ୭୫ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି।ଏ ସଂପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ପରିପୁରକ ପୁଷ୍ଟି କାର୍ଯ୍ୟକ୍ରମରେ ଗରମ ରନ୍ଧା ଖାଦ୍ୟ ପାଇଁ ଅଙ୍ଗନବାଡି କେନ୍ଦ୍ର ମାନଙ୍କୁ ଚାଉଳ ଯୋଗାଇ ଦିଆଯାଏ। ଏହାସହିତ ଘରକୁ ରେସନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଗହମ ପ୍ରଦାନ କରାଯାଇଥାଏ। ଏହି ଚାଉଳ ଓ ଗହମ ପରିବହନ କରିବା ପାଇଁ ପରିବହନ ଏଜେଣ୍ଟ ମାନଙ୍କୁ ନିୟୋଜିତ କରାଯାଇଥାଏ ।୨୦୧୧ ମସିହା ପର ଠାରୁ ଏହି ମୂଲ୍ୟରେ ଆଉ ବୃଦ୍ଧି କରାଯାଇ ନ ଥିଲା। ତେଣୁ ବଢୁଥିବା ଇନ୍ଧନ ଖର୍ଚ୍ଚ ଓ ଅନ୍ୟାନ୍ୟ ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ପରିବହନ ମୂଲ୍ୟରେ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ମୂଲ୍ୟ ବର୍ତ୍ତମାନ ନିୟୋଜିତ ଥିବା ପରିବହନ ଏଜେଣ୍ଟ ମାନେ ଦାବୀ କରିପାରିବେ ନାହିଁ କେବଳ ନୂତନ ଭାବେ ନିୟୋଜିତ ହେବାକୁ ଥିବା ଏଜେଣ୍ଟ ମାନଙ୍କ ପାଇଁ ଏହା ଲାଗୁ ହେବ। ପରିବହନ ପାଇଁ ଯେଉଁ ନୂଆ ଏଜେଣ୍ଟ ମାନଙ୍କୁ ନିୟୋଜିତ କରାଯିବ, ଟେଣ୍ଡର ପ୍ରକ୍ରିୟା ଜରିଆରେ ଏହାର ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ କରାଯିବ। ପରିବହନର ମୂଲ୍ୟ କ୍ୱିଣ୍ଟାଲ ପିଛା ୧୫୦ ଟଙ୍କାରୁ ଅଧିକ ହୋଇପାରିବ ନାହିଁ।

## ୬୬ ଜୀବନ୍ତ ଦଗ୍ଧ

ଅଙ୍କରା,୨୧।୧(ମହାଭାରତ): ତୁର୍କୀର ଏକ ରିସର୍ଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଅତି କମରେ ୬୬ ଜଣ ପୋଡ଼ିହୋଇ ମୃତ୍ୟୁବରଣ କରିଛନ୍ତି। ଏଥିସହ ୫୧ଜଣ ଆହତ ହୋଇଥିବା ଖବର ମଧ୍ୟ ରହିଛି। ଆହତମାନେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ନିଆଁକୁ ନିୟନ୍ତ୍ରଣ କରାଯାଇଛି।ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଉତ୍ତର-ପଶ୍ଚିମ ତୁର୍କୀର ଏକ ସ୍କି ରିସର୍ଟ ହୋଟେଲରେ ଅଗ୍ନିକାଣ୍ଡ ଘଟି ଅତି କମରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୨ ଜଣ ଆହତ ହୋଇଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ତୁର୍କୀର ଗୃହମନ୍ତ୍ରୀ ଅଲି ୟେରଲିକାୟା କହିଛନ୍ତି ଯେ ପର୍ବତ ଶିଖରସ୍ଥିତ କାର୍ଟାଲକାୟା ରିସର୍ଟରେ ଥିବା ୧୨ ମହଲା ବିଶିଷ୍ଟ ଗ୍ରାଣ୍ଡ କାର୍ଟାଲ ହୋଟେଲର ରେଷ୍ଟୁରାଣ୍ଟରେ ସ୍ଥାନୀୟ ସମୟ ସକାଳ ୩:୨୭ରେ ଅଗ୍ନିକାଣ୍ଡ ଘଟିଥିଲା। କୁହାଯାଉଛି ଯେ ଆତଙ୍କିତ ହୋଇ କୋଠାରୁ ଡେଇଁ ପଡ଼ି ଅତି କମରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି।

## ଶ୍ରୀମନ୍ଦିର ଚାରିପଟେ ଲାଗିଲା ପୋଷ୍ଟର

ପୁରୀ, ୨୧।୧(ମହାଭାରତ) : ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ପରେ ପୁରୀ ପୁଲିସ୍ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଶ୍ରୀମନ୍ଦିର ଚାରିପଟେ ପୋଷ୍ଟର ମାରିଛି ପୁରୀ ପୁଲିସ୍। ଏପରିକି ମନ୍ଦିର ପରିସରରେ ମୋବାଇଲ ଫୋନ୍ ମଧ୍ୟ ନିଷେଧ କରାଯାଇଛି। ନିୟମ ଉଲଂଘନକାରୀଙ୍କୁ ଦଣ୍ଡିତ କରାଯିବା ନେଇ ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ଜାନୁଆରୀ ୧୯ ତାରିଖରେ ଶ୍ରୀମନ୍ଦିରର ଗର୍ଭଗୃହର ସମ୍ବେଦନଶୀଳ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିବା ଦେଖିବାକୁ ମିଳିଥିଲା। ବୃନ୍ଦାବନର ଜଣେ ବ୍ୟକ୍ତି ବାଙ୍କ ବିହାରୀ ଅନନ୍ତ ଇନଷ୍ଟାଗ୍ରାମ ଓ ଫେସବୁକ୍‌ରେ ଶ୍ରୀମନ୍ଦିର ଗର୍ଭଗୃହର ଭିଡିଓ ପ୍ରଘଟ କରିଥିଲେ।

## ୧୩ରୁ ବଜେଟ ଅଧିବେଶନ

**ଭୁବନେଶ୍ୱର,୨୧।୧(**ମହାଭାରତ: ପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆସନ୍ତା ୧୩ ତାରିଖ ଠାରୁ ଆରମ୍ଭ ହେବ। ଏହି ଅଧିବେଶନରେ ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବଜେଟ୍ ଉପସ୍ଥାପନ କରିବେ। ଅର୍ଥ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ବଜେଟ୍ ଉପସ୍ଥାପନ କରିବେ। ଆଉ ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ୨୮ଦିନ ଚାଲିବ।



ଆଜି ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆସନ୍ତା ଫେବୃୟାରୀ ୧୩ତାରିଖରୁ ଆରମ୍ଭ ହେବ। ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୩ରୁ ୨୧ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ୭ରୁ ଏପ୍ରିଲ ୫ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପତିଙ୍କ ଅଭିଭାଷଣର କାର୍ଯ୍ୟକ୍ରମ ରହିଛି ଫେବୃୟାରୀ ୧୪ ଓ ୧୫ତାରିଖ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ । ୧୬ତାରିଖ ରବିବାର ଛୁଟି ଥିବାବେଳେ ୧୭ରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହେବ । ୧୮ରେ ସରକାରୀ କାର୍ଯ୍ୟଦିବସ ଥିବାବେଳେ ୧୯ରେ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ଏବଂ ୨୦ ଓ ୨୧ରେ ବଜେଟ୍ ଉପରେ ସାଧାରଣ ଆଲୋଚନା ଆରମ୍ଭ ହେବ ୨୨ରୁ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବନ୍ଦ ରହିବ ।ଦ୍ୱିତୀୟ ପର୍ଯ୍ୟାୟରେ ଗୃହ କାର୍ଯ୍ୟ ମାର୍ଚ୍ଚ ୭ତାରିଖରୁ ଆରମ୍ଭ ହେବ ବିଭାଗୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟମାନ ଗୃହରେ ଆଗତ ହେବ। ତାପରେ ମାର୍ଚ୍ଚ ୧୦ରୁ ବିଭାଗାରି ଅନୁଦାନ ଦାବି ଉପରେ ଆଲୋଚନା ଓ ମାର୍ଚ୍ଚ ୨୯ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଆସିବ ବୋଲି ବିଜ୍ଞପ୍ତିରୁ ଜଣାପଡ଼ିଛି ।

## ପାଚକ ପାଚିକାଙ୍କ ପାରିଶ୍ରମିକ ବୃଦ୍ଧି

ଭୁବନେଶ୍ୱର,୨୧।୧(ମହାଭାରତ): ପି.ଏମ ପୋଷଣ ଯୋଜନାରେ (ମଧ୍ୟାହ୍ନ ଭୋଜନ) କାମ କରୁଥିବା ଏକ ଲକ୍ଷରୁ ଅଧିକ ପାଚକ, ପାଚିକା ମାନଙ୍କ ପାଇଁ ଖୁସି ଖବର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।ପାଚକ, ପାଚିକା ମାନଙ୍କ କାମ, ଦକ୍ଷତା ଓ ପରିଶ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସେମାନଙ୍କ ମାସିକ ପାରିଶ୍ରମିକ ୨୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ପି.ଏମ ପୋଷଣ ଯୋଜନାରେ (ମଧ୍ୟାହ୍ନ ଭୋଜନ) ରାଜ୍ୟରେ ନିୟୋଜିତ ହୋଇଥିବା ୧,୧୨,୦୯୦ ଜଣ ପାଚକ, ପାଚିକା ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୧୨ କୋଟି ୯ ଲକ୍ଷ ଟଙ୍କା ବ୍ୟୟ କରିବେ। ଏହି ପାଚକ, ପାଚିକା ମାନେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ୫୦,୬୧୮ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୨.୪୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରୁଛନ୍ତି।

## ଟ୍ରମ୍ପଙ୍କ ବଡ଼ ଆକ୍ସନ

ୱାଂଶିଟନ,୨୧।୧(ଏଜେନ୍ସି): ଆମେରିକାରେ ଆରମ୍ଭ ହୋଇଛି ଟ୍ରମ୍ପ ସରକାର। ନିଜ ସରକାର କ୍ଷମତାକୁ ଆସିବା ପରେ ବଡ଼ ଆକ୍ସନ ନେଉଛନ୍ତି ଡୋନାଲ୍ଡ ଟ୍ରମ୍ପ। ଶପଥ ଗ୍ରହଣ କରିବାର କିଛି ସମୟ ପରେ, ରାଷ୍ଟ୍ରପତି ଟ୍ରମ୍ପ ଅନେକ ନିର୍ଦ୍ଦେଶରେ ସ୍ୱାକ୍ଷର କରିଛନ୍ତି ।ପ୍ରଥମେ ବାଇଡେନ ସରକାରଙ୍କ ପୂର୍ବରୁ ନିଆଯାଇଥିବା ଅନେକ ନିଷ୍ପତ୍ତିକୁ ବାତିଲ କରିଦେଇଛନ୍ତି



ଶପଥ ଗ୍ରହଣ ପରେ ତାଙ୍କ ଅଭିଭାଷଣରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ଦକ୍ଷିଣ ସୀମାରେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ଆମେରିକାର ଦକ୍ଷିଣ ସୀମା ମେକ୍ସିକୋକୁ ଲାଗି ରହିଛି। ଆମେରିକାକୁ ମେକ୍ସିକୋରୁ ବେଆଇନ ଅନୁପ୍ରବେଶ ହେଉଥିବାରୁ ଟ୍ରମ୍ପ ଏପରି ନିଷ୍ପତ୍ତି ନେଇଛନ୍ତି। ଏଣିକି ସେଠାରେ ସେନା ମୁତୟନ ହେବେ।

ଟ୍ରମ୍ପ ତାଙ୍କ ପ୍ରଥମ ଭାଷଣରେ ପାନାମା କେନାଲକୁ ଚାଇନା କବଜାରୁ ଫେରାଇ ଆଣିବେ ବୋଲି କହିଛନ୍ତି। ଏହାବାଦ ମେକ୍ସିକୋ ଉପସାଗର ଏବେ ଆମେରିକା ଉପସାଗର ନାମରେ ପରିଚିତ ହେବୟ ମେକ୍ସିକୋ ସୀମାରେ ଅନୁପ୍ରବେଶ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯିବ। ମୁଦ୍ରାସ୍ଫୀତି ହ୍ରାସ ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି।

ଟ୍ରମ୍ପ ବଡ଼ ଘୋଷଣା କରି କହିଛନ୍ତି ଯେ ଆମେରିକାରେ କେବଳ ଦୁଇଟି ଲିଙ୍ଗ ରହିବ; ପୁରୁଷ ଓ ମହିଳା। ଅର୍ଥାତ ଏଲଜିବିଟି ସଂପ୍ରଦାୟର ଲୋକଙ୍କୁ ଟ୍ରମ୍ପ ନିଜର ଘୋଷଣା ମାଧ୍ୟମରେ ବଡ଼ ଝଟକା ଦେଇଛନ୍ତି। ଆମେରିକାରେ ଆଉ ତୃତୀୟ ଲିଙ୍ଗ ବ୍ୟବସ୍ଥା ରହିବ ନାହିଁ।

ତେବେ ସବୁଠାରୁ ଚର୍ଚ୍ଚାରେ ରହିଛି ଜନ୍ମାଧିକାର ନାଗରିକତା ଉପରେ ଟ୍ରମ୍ପ ନେଇଥିବା ନିଷ୍ପତ୍ତି। ୪ ବର୍ଷ ପରେ ହ୍ୱାଇଟ ହାଉସକୁ ଫେରିଥିବା ଟ୍ରମ୍ପ ଶପଥ ନେବା ମାତ୍ରେ ଏକାଧିକ ପ୍ରଶାସନିକ ନିର୍ଦ୍ଦେଶ ଉପରେ ଦସ୍ତଖତ କରିଛନ୍ତି। ଏହା ମଧ୍ୟରେ ଆମେରିକାରେ ଚାଲିଥିବା ଜନ୍ମାଧିକାର ନାଗରିକତା ରହିଛି। ଏହାକୁ ଟ୍ରମ୍ପ ଶେଷ କରିବାକୁ ଚାହୁଁଛନ୍ତି। ଏହାଦ୍ୱାରା ଅଣଆମେରିକୀୟଙ୍କ ଠାରୁ ଜନ୍ମ ହେଉଥିବା ପିଲାଙ୍କୁ ଆପେଆପେ ମିଳୁଥିବା ନାଗରିକତା ଉପରେ ଏଣିକି ରୋକ ଲାଗିବ।

ଟ୍ରମ୍ପ ଦସ୍ତଖତ କରିଥିବା ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆମେରିକାରେ ଜନ୍ମ ହେଉଥିବା ପିଲାକୁ ଆପେଆପେ ନାଗରିକତା ମିଳି ପାରିବ ନାହିଁ। ଯଦି ପିଲାଟିର ବାପା ମା'ଙ୍କ ମଧ୍ୟରୁ ଜଣେ ଆମେରିକାର ନାଗରିକ ହୋଇଥିବେ କିମ୍ବା ସେମାନଙ୍କ ପାଖରେ ଆଇନଗତ ସ୍ଥାୟୀ ଠିକଣା(ଗ୍ରୀନ କାର୍ଡଧାରୀ) ଥିବ କିମ୍ବା ଆମେରିକା ସେନାର ସଦସ୍ୟ ଥିବା ଲୋକ ଠାରୁ ଜନ୍ମିତ ପିଲାଙ୍କୁ ହିଁ ନାଗରିକତା ମିଳିବ।

ଟ୍ରମ୍ପ କହିଛନ୍ତି, ଫେଡଲାର ସରକାର ବେଆଇନ ଭାବେ ଆମେରିକାରେ ରହୁଥିବା ଲୋକଙ୍କ ଠାରୁ ଜନ୍ମିତ ପିଲାଙ୍କୁ ଆପେଆପେ ନାଗରିକତା ପ୍ରଦାନ କରିବେ ନାହିଁୟ ଆମେ ବେଆଇନ ପ୍ରବାସୀମାନଙ୍କ ସ୍କାନିଂ କରିବାକୁ ମଧ୍ୟ ଯାଉଛୁ। ସମସ୍ତ ବେଆଇନ ପ୍ରବେଶ ଉପରେ ତୁରନ୍ତ ରୋକ ଲାଗିବ। ଆମେ ବେଆଇନ ଭାବେ ଆମେରିକାକୁ ଆସିଥିବା ଲକ୍ଷ ଲକ୍ଷ ଲୋକଙ୍କୁ ସେମାନେ ଆସିଥିବା ସ୍ଥାନକୁ ପୁଣି ପଠାଇବୁ।

## ଏନ୍‌ଇପି ନେଇ ଜାତୀୟ କର୍ମଶାଳା | ଶିକ୍ଷା ପାଇଁ ସୃଷ୍ଟି ହେବ ବ୍ୟାପକ ଭିତ୍ତିଭୂମି

ଭୁବନେଶ୍ୱର,୨୧।୧(ମହାଭାରତ): ଆଜି ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ନୂଆ ଶିକ୍ଷା ନୀତି-୨୦୨୦ ସମ୍ପର୍କିତ ଏକ ତିନି ଦିନିଆ। ଜାତୀୟ କର୍ମଶାଳାର ଶୁଭାରମ୍ଭ ହୋଇଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଓଡିଶାରେ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଭିମୁଖ୍ୟ ରଖିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂତନ ଶିକ୍ଷା ନୀତିରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସୁଦୃଢ ଭିତ୍ତିଭୂମି ସୃଷ୍ଟି ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ରାଜ୍ୟ ସରକାର ଏଥିପାଇଁ ନିଷ୍ପତ୍ତି ନେଇ ସାରିଛନ୍ତି ଏବଂ ଆସନ୍ତା ଶିକ୍ଷା ବର୍ଷ ଠାରୁ ଏହି ନୂଆ ନୀତି କାର୍ଯ୍ୟକାରୀ ହେବ। ସେ କହିଥିଲେ ଯେ, ୧୦+୨ ବ୍ୟବସ୍ଥା ବଦଳରେ ରାଜ୍ୟରେ ୫+୩+୩+୪ ବ୍ୟବସ୍ଥା ଲାଗୁ କରାଯିବ। ପ୍ରି-ସ୍କୁଲ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ପିଲାମାନଙ୍କ ପାଇଁ ଶିଶୁ ବାଟିକା ଖୋଲାଯିବ।ଏ ଶିଶୁବାଟିକାରେ ପିଲାଙ୍କ ଉପରେ ବିନା କୌଣସି ଚାପରେ ସେମାନଙ୍କ ମୌଳିକ ଓ ସଂଖ୍ୟା ଜ୍ଞାନ ଉପରେ ଗୁରୁତ୍ୱ ଦିଆଯିବ । ଏଥିପାଇଁ ଆଗାମୀ ବର୍ଷମାନଙ୍କରେ ବ୍ୟାପକ ଭିତ୍ତିଭୂମି ସୃଷ୍ଟି କରାଯିବ । ଶିକ୍ଷକ ନିଯୁକ୍ତି, ପାଠ୍ୟ ପୁସ୍ତିକା ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ପାଠ୍ୟ ଉପକରଣ ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯିବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂଆ। ଶିକ୍ଷା ନୀତିରେ, ଶିକ୍ଷା ଭିତ୍ତିଭୂମି, ଖେଳ ମାଧ୍ୟମରେ ଶିକ୍ଷା, ମୌଳିକ ଶିକ୍ଷା, ବାହ୍ୟ ଜ୍ଞାନର ବ୍ୟବହାର ଉପରେ ଗୁରୁତ୍ୱ ଦିଆ। ଯାଇଛି । ଶିକ୍ଷାରେ ଟେକ୍ନୋଲୋଜିର ପ୍ରୟୋଗକୁ ବ୍ୟାପକ କରାଯିବ। ଟେକ୍ନୋଲୋଜି ଜରିଆରେ ଶିକ୍ଷା ପ୍ରଦାନ ଆମ ଶିକ୍ଷା ବ୍ୟବସ୍ଥାର ଏକ ଅବିଚ୍ଛିନ୍ନ ଅଙ୍ଗ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏକ ବିକଶିତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଯେଉଁ ଲକ୍ଷ୍ୟ ଅଛି, ତାକୁ ସାକାର କରିବା ଦିଗରେ ନୂଆ। ଶିକ୍ଷା ନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ଛାତ୍ର ଓ ଯୁବ ସମାଜକୁ ଏକ ଆଧୁନିକ ଓ ସଶକ୍ତ ଭାରତ ଗଠନ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିପାରିବ । ମୁଖ୍ୟମନ୍ତ୍ରୀ



କହିଥିଲେ ଯେ, ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ସୁଦୃଢ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି ।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ରାଜ୍ୟର ପ୍ରତି ପଞ୍ଚାୟତର ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ବିକଶିତ କରାଯାଉଛି। ଶହୀଦ୍ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ଜନଜାତି ଛାତ୍ରଛାତ୍ରୀମାନଙ୍କ ଡ୍ରପ ଆଉଟ୍ ହାର କମ୍ କରିବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଶିକ୍ଷାର୍ଥୀମାନେ ଆଗାମୀ କାଲିର ଭବିଷ୍ୟତ। ତେଣୁ ଗୁଣାତ୍ମକ ଶିକ୍ଷା ସହିତ ସେମାନଙ୍କୁ ସମୟାନୁବର୍ତ୍ତିତା ଓ ଅନ୍ୟ ଆଦର୍ଶ ଗୁଣର ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ସେମାନେ ଯେପରି ଜଣେ ଜଣେ କର୍ମଯୋଗୀ ହୋଇ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ନିଜର ଯୋଗଦାନ ରଖିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ସେ କହିଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ରାଜ୍ୟର ପାଠ୍ୟକ୍ରମ ପ୍ରସ୍ତୁତି ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ସେଥିରେ ଶିକ୍ଷା କ୍ଷେତ୍ରରେ ଦକ୍ଷତା ଓ ଅଭିଜ୍ଞତା ଥିବା ଓଡିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କର ମତାମତ ଗ୍ରହଣ କରାଯିବା ଆବଶ୍ୟକ। ପାଠ୍ୟକ୍ରମରେ ଓଡିଶାର ଗୌରବମୟ ଇତିହାସ, ଐତିହ୍ୟ ଓ ବରପୁତ୍ରମାନଙ୍କ ବିଷୟ ସ୍ଥାନ ପାଇବା ଆବଶ୍ୟକ । ସମସ୍ତଙ୍କୁ ଯେପରି ସହଜରେ ଓ ସୁବିଧାରେ ଶିକ୍ଷା ମିଳିବ ସେ ଦିଗରେ ନୂଆ। ଶିକ୍ଷା ନୀତି ଏକ ଆଦର୍ଶ ନୀତି ବୋଲି ସେ କହିଥିଲେ। ଜାତୀୟ ଶିକ୍ଷା ନୀତି ଓ ରାଜ୍ୟ ଶିକ୍ଷା ନୀତି ଏକ ରୂପ ନେଇ ଓଡିଶାର ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ସହାୟକ ହେବ ବୋଲି ସେ ମତ ଦେଇଥିଲେ। ଗତ ସାତ ମାସ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ତାହାର ଉଚ୍ଚ ପ୍ରଶଂସା କରିଥିଲେ। ଜାତୀୟ ଶିକ୍ଷା ନୀତି ଗୁଣାତ୍ମକ, ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ଉତ୍ତରଦାୟୀ, ଭଳି ୫ଟି ସ୍ତମ୍ଭ ଉପରେ ପ୍ରସ୍ତୁତ । ଏ ପ୍ରକାର ଶିକ୍ଷା ମାଧ୍ୟମରେ ରାଜ୍ୟରେ ଆମେ ଏକ ନୂଆ ବାତାବରଣ ତିଆରି କରିବା । ପରୀକ୍ଷା ପ୍ରକ୍ରିୟାକୁ ସରଳ କରିବା, ମୂଲ୍ୟାୟନକୁ ପାରଦର୍ଶୀ କରିବା, ଶିକ୍ଷଣ ଫଳାଫଳକୁ ପ୍ରାଥମିକତା ଦେବାକୁ ହେବ । ଶିକ୍ଷକଙ୍କ ଦକ୍ଷତା ବଢାଇବାକୁ ପଡିବ । ଟେକ୍ନୋଲୋଜି ଜରିଆରେ ସ୍କୁଲ ଶିକ୍ଷା ପ୍ରଦାନ କରିବା ସହ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦେବା । ସ୍କୁଲରେ ଡ୍ରପ୍ ଆଉଟ ହାର କମାଇବା ପାଇଁ ଯୋଜନା କରିବା । ଶିକ୍ଷା ଓ ଦକ୍ଷତା ପରିସଂସ୍ଥାନରେ ମାନବ ସମ୍ବଳକୁ ଉଚ୍ଚ ମାନବ ସମ୍ବଳ କରାଇବା । ଓଡ଼ିଶାର ପୁଞ୍ଜି ଶିକ୍ଷା । ଏହି ଭୂମିରେ ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା । ସାରଳା ଦାସ ଓଡ଼ିଆ ମହାଭାରତ ଏହି ପବିତ୍ର ଭୂମିରେ ରଚନା କରିଥିଲେ । ଏଠାରେ ବଳରାମ ଦାସ ଲକ୍ଷ୍ମୀପୁରାଣ ଲେଖିଥିଲେ । ତେଣୁ ଏହି ପୃଷ୍ଠଭୂମିରେ ଶିକ୍ଷା ଜଗତ, ଓଡ଼ିଶାର ସାଢେ ୪ କୋଟି ଲୋକ, ପ୍ରବାସୀ ଓଡ଼ିଆ, ଗବେଷକ ଏବଂ ଅଭିଭାବକମାନେ ଜାତୀୟ ଶିକ୍ଷା ନୀତିରେ ପାଠ୍ୟ ଖସଡା ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେବାକୁ ସେ ଆହ୍ୱାନ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ, ବିଶିଷ୍ଟ ଶିକ୍ଷାବିତ ମଞ୍ଜୁଲ୍ ଭାର୍ଗବ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଅଧିକାରୀ ଓ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

## ରାଜ୍ୟ ବାହାରେ ଥିବା ମହିଳାଙ୍କୁ ସୁଭଦ୍ରା ସହାୟତା

**ଭୁବନେଶ୍ୱର,୨୧।୧(ମହାଭାରତ):** ରାଜ୍ୟ ବାହାରେ ଥିବା ଓ ସୁଭଦ୍ରା ଯୋଜନାରେ ସାମିଲ ପାଇଁ ଆବେଦନ କରି ନ ଥିବା ମହିଳା ମାନଙ୍କୁ ଆବେଦନ କରିବାକୁ ଅନୁରୋଧ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।

ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି ଯେ ରାଜ୍ୟ ବାହାରେ ବହୁତ ମହିଳା ଅଛନ୍ତି ଯେଉଁମାନେ ସୁଭଦ୍ରାରେ ସାମିଲ ପାଇଁ ଆବେଦନ କରି ନାହାନ୍ତି ତେଣୁ ସୋମାନଙ୍କୁ ଅନୁରୋଧ, ଜଲଦି ଆବେଦନ କରନ୍ତୁ, ସୁଭଦ୍ରା ସହାୟତା ପ୍ରଦାନ କରାଯିବ। ଚତୁର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ।

ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟର ସମସ୍ତ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ। ବାଦ୍ ପଡିଥିବା ହିତାଧିକାରୀଙ୍କ ପାଇଁ ଜିଲାଓ୍ୱାରୀ ରିଭ୍ୟୁ ହୋଇଥିଲା । ଯେଉଁମାନେ ଆବେଦନ କରି ନାହାଁନ୍ତି, ସେମାନେ ଆବେଦନ କଲେ ଟଙ୍କା ପାଇବେ।ସୂଚନାଯୋଗ୍ୟ ଯେ, ନଭେମ୍ବର ୨୪ରେ ସୁନ୍ଦରଗଡ଼ରେ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ମହିଳାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଇଥିଲେ। ମୁଖ୍ୟମନ୍ତ୍ରୀ ସିଧାସଳଖ୨୦ ଲକ୍ଷରୁ ଅଧିକ ମହିଳାଙ୍କ ଖାତାକୁ ଯାଇଥିଲା ସୁଭଦ୍ରା ଟଙ୍କା। ଏହି ଅବସରରେ ପୂର୍ବ ସରକାରକୁ ଟାର୍ଗେଟ୍ କରି କହିଥିଲେ, ଖାଲି ମିଶନ ଶକ୍ତି ଗଠନ କରି ପ୍ରଚାର କରୁଥିଲେ, ମହିଳାଙ୍କୁ ଅମେ ସ୍ୱାବଲମ୍ବୀ କରିବୁ ଏବେ ବି ଅନେକ ମହିଳା ଅବେଦନ କରି ସହାୟତା ଅପେକ୍ଷାରେ ଅଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ଆଉ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦେଇ କୋଟିଏ ହିତାଧିକାରୀଙ୍କୁ ସାମିଲ କରିବାକୁ ସ୍ଥିର କରିଛି ବିଭାଗ। ବର୍ତ୍ତମାନ ସୁଦ୍ଧା ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ମହିଳାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଯାଇଛି। ୩ଟି ପର୍ଯ୍ୟାୟରେ ମୋଟ୍ ୮୦ ଲକ୍ଷ ୩୫ ହଜାର ମହିଳାଙ୍କୁ ସୁଭଦ୍ରା ସହାୟତା ରାଶି ମିଳିସାରିଲାଣି।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟି ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା-ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଲର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



**ଖବର**

# ଧାର୍ଯ୍ୟ ହେଲା ତାରିଖ, ଏଠାରେ ହେବ ଅଖିଲ-ଜେନବଙ୍କ ବିବାହ





ସାଉଥ ଷ୍ଟାର ନାଗା ଚେତନ୍ୟ ଏବଂ ଶୋଭିତା ଧୁଳିପାଲାଙ୍କ ପରେ ବର୍ତ୍ତମାନ ନାଗାର୍ଜୁନଙ୍କ ସାନପୁଅ ଅଖିଲ ଅକ୍କିନେନି ବିବାହ କରିବାକୁ ଯାଉଛନ୍ତି । ଅଖିଲ ଅକ୍କିନେନି, ଚିତ୍ରଶିଳ୍ପୀ ଜେନବ ରାବଦଜୀଙ୍କୁ ତାଙ୍କ ଜୀବନସାଥୀ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ନଭେମ୍ବର ୨୦୨୪ରେ ଦୁହେଁ ର୍ନିବନ୍ଧ କରିଥିବା ବେଳେ ଏବେ ଦୁହିଁଙ୍କ ବିବାହ ତାରିଖ ସାମ୍ନାକୁ ଆସିଛି ।

ସୂଚନା ମୁତାବକ, ଅଖିଲ ଆକ୍କିନେନି ଏବଂ ଜୈନବ ମାର୍ଚ୍ଚ ୨୪, ୨୦୨୫ରେ ବିବାହ କରିବେୟ ଅଖିଲ ଏବଂ ଜୈନବଙ୍କ ବିବାହ ମଧ୍ୟ ହାଇଦ୍ରାବାଦର ଅଉପୂର୍ଣ୍ଣା ଷ୍ଟୁଡିଓରେ ହେବ । ନାଗା ଚୈତନ୍ୟ ଏବଂ ସୋଭିତା ଧୂଳିପାଲା ମଧ୍ୟ ଏଠାରେ ବିବାହ କରିଥିଲେ । ଅନ୍ନପୂର୍ଣ୍ଣା ଷ୍ଟୁଡିଓ ଅଖିଲଙ୍କ ଜେଜେବାପା ଅକ୍କିନେନୀ ନାଗେଶ୍ୱର ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।ତେବେ ଅଖିଲ ଅକ୍କିନେନିଙ୍କ ପ୍ରେମିକା ଜେନବ ରାବଦଜୀ ମୁମ୍ବାଇର ଜଣେ ଚିତ୍ରଶିଳ୍ପୀ ତଥା ଚିତ୍ରକଳା ପ୍ରଦର୍ଶକ । ଜେନବଙ୍କ ଇନଷ୍ଟାଗ୍ରାମ ବାୟୋ ଅନୁଯାୟୀ, ସେ ଜଣେ ଲାଇଫଷ୍ଟାଇଲ ବ୍ଲଗର୍ ମଧ ହାଇଦ୍ରାବାଦର ବାସିନ୍ଦା ଜେନବ ଏକ ମୁସଲମାନ ପରିବାରର ଅଟନ୍ତି । ସେ ଶିଳ୍ପପତି ଜୁଲଫି ରାବଦଜୀଙ୍କ ଝିଅ ଏବଂ ଜେଡଆର ରିନିଉଏବଲ ଏନର୍ଜି ପ୍ରାଇଭେଟ ଲିମିଟେଡର ଚେୟାରମ୍ୟାନ୍ ଜେନ ରାବଦଜୀଙ୍କ ଭଉଣୀ ।ଅଖିଲ ଅକ୍କିନେନି ପୂର୍ବରୁ ଜଣାଶୁଣା ବ୍ୟବସାୟ ମ୍ୟାଗ୍ନେଟ୍ ଜି ଭି କୃଷ୍ଣା ରେଡ୍ଡୀଙ୍କ ନାତୁଣୀ ଶ୍ରୀୟା ଭୁପାଲଙ୍କ ସହ ର୍ନିବନ୍ଧ କରିଥିଲେ । ଡିସେମ୍ବର ୨୦୧୬ରେ ଏହି ଦମ୍ପତି ର୍ନିବନ୍ଧ କରିଥିବା ବେଳେ ସେମାନଙ୍କର ବିବାହ ୨୦୧୭ ରେ ହେବ ବୋଲି ଯୋଜନା କରାଯାଇଥିଲା । ହେଲେ ଫେବ୍ରୁଆରି ୨୦୧୭ରେ ଦୁହେଁ ର୍ନିବନ୍ଧ ଭାଙ୍ଗୁଥିବା ଘୋଷଣା କରିଥିଲେ ।

## ପାଦ ଚିହ୍ନ

ଭଗବାନ ଅତ୍ୟନ୍ତ ମନଯୋଗ ସହକାରେ ସୃଷ୍ଟି ନିର୍ମାଣ କଲେ । ସେ ମାନବକୁ ଏହି ମନୋହର ଦୁନିଆ ଦେଖାଇ ସେଠାରେ ଯାଇ ରହିବାକୁ କହିଲେ । ଭାଗବାନଙ୍କ ନିକଟରେ ଛିଡ଼ା ହୋଇଥିବା ମଣିଷ ଆଖି ପୂରାଇ ଦୁନିଆକୁ ଦେଖିଲା, କିନ୍ତୁ ତା' ମନରେ ଏକ ଆଶଙ୍କା ଉତ୍ପନ୍ନ ହେଲା । ତେଣୁ ସେ ସହମତ ହେବା ପୂର୍ବରୁ ସ୍ଥିତି ସ୍ୱଷ୍ଟ କରିନେବାକୁ ଚାହିଁଲା ।

ସେ ଭଗବାନଙ୍କୁ ପଚାରିଲା- ସେଠାକୁ କ'ଣ ମୋତେ ଏକୁଟିଆ ଯିବାକୁ ପଡ଼ିବ ? ଭଗବାନ କହିଲେ, ନା ତୁମ ସହିତ ଏକ ସମାଜ ଥିବ । ମଣିଷ କହିଲା, ମୁଁ ସେକଥା କହୁନାହିଁ । ଆପଣ ଥିବେ ନା ନାହିଁ ? ଭଗବାନ କହିଲେ, ମୁଁ ଏଇଠି ଅଛି । ମୁଁ କାହିଁକି ଯିବି ? ମଣିଷ କହିଲା, ନା ନା ! ଆପଣଙ୍କୁ ଯିବାକୁ ହେବ । ନହେଲେ ମୁଁ ସେଠାକୁ ଯିବି ନାହିଁ, ଯେତେ ସୁନ୍ଦର ଦୁନିଆ ହେଉ ପଛେ । ଭଗବାନ କହିଲେ, ଠିକ ଅଛି ତା'ହେଲେ ମୋର ଗୋଟିଏ ସର୍ତ୍ତ ଅଛି । ମୁଁ ତୁମ ସହିତ ରହିବି, କିନ୍ତୁ ଦେଖାଦେବି ନାହିଁ । ମଣିଷ ପଚାରିଲା- ତା'ହେଲେ ମୁଁ ଜାଣିବି କେମିତି ତୁମେ ଅଛ ବୋଲି ? ତୁମେ ମଝିରେ ମଝିରେ ପଛକୁ ବୁଲି ଚାହିଁବ । ତୁମକୁ ମୋର ପାଦ ଚିହ୍ନ ଦେଖାଯିବ । ତୁମେ ଚାରିଟି ପାଦ ଚିହ୍ନ ଦେଖିପାରିବ । ଦୁଇଟି ତୁମର ଏବଂ ଦୁଇଟି ମୋର । ଭଗବାନଙ୍କ ଏହି କଥା ଶୁଣି ଲୋକଟି ଆଶ୍ୱସ୍ତ ହେଲା । ସେ ଦୁନିଆରେ ରହିବାକୁ ଆସିଲା । ସବୁବେଳେ ଦୁନିଆର କାର୍ଯ୍ୟରେ ସେ ଏତେ ବ୍ୟସ୍ତ ହୋଇଗଲା ଯେ ପାଦ ଚିହ୍ନ ଦେଖିବା ଲାଗି ଫୁରସତ ପାଇଲା ନାହିଁ । ଦୁନିଆର ସୁଖ ଗୋଟାଇବାର ନିଶା ମଧ୍ୟ ତା'କୁ ଜଞ୍ଜାଳ ଭିତରେ ପକାଇ ଦେଲା । ହେଲେ ଏହା ଭିତରେ ସେ ବିପତ୍ତିରେ ପଡ଼ିଗଲା । ଭଗବାନଙ୍କ କଥା ମନେପଡ଼ିବାରୁ ସେ ପଛକୁ ବୁଲିଚାହିଁଲା, ସେ ଦେଖିଲା ଯେ କେବଳ ଦୁଇଟି ପାଦ ଚିହ୍ନ ଅଛି । ହେ ଭଗବାନ ! ଆପଣ କେଉଁଠି ଅଛନ୍ତି ? ମୋତେ କାହିଁକି ଛାଡ଼ିଦେଲେ ? ଏହା କହି ସେ ମୂର୍ଚ୍ଛିତ ହୋଇଗଲା । ହୋସ ଆସିବାରୁ ସେ ଭଗବାନଙ୍କୁ ଅନୁଭବ କରିପାରିଲା । ସେ ଭଗବାନଙ୍କୁ ପଚାରିଲା, ଆପଣ କୁଆଡ଼େ ଚାଲିଯାଇଥିଲେ ? ଦେଖନ୍ତୁ ! ମୋତେ କିଛି କୁହନ୍ତୁ ନାହିଁ । ମୁଁ ବେହୋସ ହେବା ପୂର୍ବରୁ ଆପଣଙ୍କୁ ଦେଖିପାରିନଥିଲି । ପଛକୁ ବୁଲି ଦେଖିବାରୁ କେବଳ ଦୁଇଟି ପାଦ ଚିହ୍ନ ହିଁ ଦେଖିପାରିଲି । ଭଗବାନ କହିଲେ, ହଁ ! ତୁମେ ନିଶ୍ଚିତ ଭାବେ ଦୁଇଟି ପାଦ ଚିହ୍ନ ଦେଖିଥିବ । କାରଣ ତୁମେ ସେତେବେଳେ ମୋ କୋଳରେ ଥିଲ । ତୁମେ ପଡ଼ିଯିବା ପୂର୍ବରୁ ମୁଁ ତୁମକୁ ଉଠାଇ ନେଇଥିଲି ।

# ଭାତ ଖାଇବା ପରେ ଓ ପୂର୍ବରୁ ଏହି ଭୁଲ୍ କରୁଛନ୍ତି କି ?



ଭାରତୀୟ ଖାଦ୍ୟରେ ଭାତ ଏକ ମୁଖ୍ୟ ଖାଦ୍ୟ । ତେଣିକି ତାହା ଘରୋଇ ରନ୍ଧା ଭାତ ହେଉ କିମ୍ବା ବିରିୟାନୀ । ଅନେକ ସମୟରେ ଭାତ ଖାଇବା ପରେ ଏଭଳି କିଛି ଖାଦ୍ୟ ଖାଇ ଥାଆନ୍ତି, ଯାହା ପେଟ ପାଇଁ କ୍ଷତିକାରକ ହେବା ସହ ପାଚନ ଜନିତ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ପାଚନକୁ ସୁସ୍ଥ ରଖିବା ପାଇଁ ଭାତ ଖାଇବା ପରେ ଓ ପୂର୍ବରୁ କେଉଁ ଖାଦ୍ୟ ଖାଇବା ଉଚିତ ଓ ଅନୁଚିତ ଜାଣନ୍ତୁ..

ଭାତକୁ ଭଲ ଭାବେ ହଜମ ହେବା ପାଇଁ କିଛି ଖାଦ୍ୟକୁ ଭାତ ଖାଇବା ପୂର୍ବରୁ ଓ ପରେ ଖାଆନ୍ତୁ ନାହିଁ । ଭାତକୁ ଖାଇବା ସମୟରେ ଭଲ ଭାବେ ଚୋବାଇ ଖାଆନ୍ତୁ । ଏହାଦ୍ୱାରା ଭଲ ଭାବେ ହଜମ ହୋଇଥାଏ ।

ଭାତ ଖାଇବା ପୂର୍ବରୁ ଅଧିକ ଫ୍ୟାଟ୍ୟୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଏହା ହଜମ ହେବାକୁ ଅଧିକ ସମୟ ଲାଗିଥାଏ ଓ ଭାତରେ କାର୍ବୋହାଇଡ୍ରେଟ ଥିବାରୁ ଏହା ମଧ ହଜମ ହେବାରେ ସମୟ ନେଇଥାଏ । ତେଣୁ ଭାତ ଖାଇବା ପୂର୍ବରୁ ଫ୍ୟାଟ୍ୟୁକ୍ତ ଖାଦ୍ୟ ଖାଇବା ଅନୁଚିତ । ଅନ୍ୟ ହାଲକା ଯୁକ୍ତ ଖାଦ୍ୟ ଖାଇପାରିବେ ।

ଅଧିକ ମସଲାଯୁକ୍ତ ଖାଦ୍ୟ ପାଚନ ପାଇଁ କ୍ଷତିକାରକୟ ଏହାଦ୍ୱାରା ଛାତିରେ ଜଳାପୋଡା, ଏସିଡିଟି ଆଦି ହୋଇଥାଏୟ ଭାତ ଖାଇବା ପୂର୍ବରୁ ମସଲା ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ ।

ପନିପରିବା ପାଚନ ପାଇଁ ଉପକାରୀ । ଭାତ ଖାଇବା ପୂର୍ବରୁ କଞ୍ଚା ପରିବା ଖାଆନ୍ତୁ ନାହିଁ । କଞ୍ଚା ପରିବାରେ ଫାଇବର ଅଧିକ ମାତ୍ରାରେ ରହିଥାଏ । ଗ୍ୟାଷ୍ଟ୍ରିକ୍ ସମସ୍ୟା ମଧ ହୋଇଥାଏ । ତେଣୁ ଏହାକୁ ସିଝାଇ କିମ୍ବା ବାମ୍ଫ ଦେବା ପରେ ଖାଆନ୍ତ । ବିଶେଷ କରି ଯେଉଁମାନଙ୍କର ହଜମ ଜନିତ ସମସ୍ୟା ରହିଛି,ସେମାନେ ଭାତ ଖାଇବା ପରେ କୌଣସି କ୍ଷୀର କିମ୍ବା ଛେନା ଜାତୀୟ ଖାଦ୍ୟ ଖାଆନ୍ତୁ ନାହ । ଭାତ ଖାଇବା ପରେ ଏସବୁ ଖାଦ୍ୟ ଖାଇବା ଦ୍ୱାରା ପାଚନ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ ।

ଭାତ ଖାଇବା ପରେ ତୁରନ୍ତ ଅଧିକ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଏହା ପାଚନ ତନ୍ତ୍ରକୁ ଧିମା କରିଥାଏ । ଖାଦ୍ୟ ହଜମ ହେବାକୁ ଅଧିକ ସମୟ ମଧ ଲାଗି ଥାଏ ।ଭାତ ଖାଇବା ପରେ ସଙ୍ଗେ ସଙ୍ଗେ ମିଠା ଜାତୀୟ ଜିନିଷ କିମ୍ବା ମିଠା ଖାଆନ୍ତୁ ନାହିଁ । ଏହା ରକ୍ତରେ ଶର୍କରାର ସ୍ତରକୁ ବୃଦ୍ଧି କରିଥାଏ । ଶରୀରକୁ ଶକ୍ତି ଯୋଗାଇବାରେ ମଧ ପ୍ରଭାବ ପକାଇଥାଏ ।



# ବ୍ରହ୍ମାଙ୍କ ବଂଶ

ହିନ୍ଦୁ ଧର୍ମର ପ୍ରମୁଖ ଦେବତାଙ୍କ ମଧ୍ୟରେ ବ୍ରହ୍ମା ପରିଗଣିତ ହୋଇଥା'ନ୍ତି । ସେ ହିନ୍ଦୁମାନଙ୍କ ତିନି ପ୍ରମୁଖ ଦେବତା ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ମଧ୍ୟରୁ ଅନ୍ୟତମ । ଭଗବାନ ବିଷ୍ଣୁଙ୍କ ନାଭିରୁ ଯାଇଥିବା ପଦ୍ମରୁ ବ୍ରହ୍ମାଙ୍କ ଉତ୍ପତି ହୋଇଥିଲା । ବ୍ରହ୍ମାଙ୍କୁ ସୃଷ୍ଟିର ରଚୟିତା ବୋଲି କୁହାଯାଇଛି । ସେ ଜୀବଜନ୍ତୁଙ୍କ ସୃଷ୍ଟି କରିଥିଲେ । ପ୍ରମୁଖ ଦେବତା ହୋଇଥିଲେ ମଧ ତାଙ୍କ ପୂଜା ଖୁବ କମ ହୋଇଥାଏ । ଏହାର ଭିନ୍ନ ଭିନ୍ନ କାରଣ ରହିଛି । ପ୍ରଥମତଃ ସେ ସରସ୍ୱତୀଙ୍କ ଠାରୁ ଅଭିଶାପ ପାଇଥିଲେ, ଦ୍ୱିତୀୟରେ ଭଗବାନ ଶିବଙ୍କୁ ଅସତ୍ୟ କହିଥିବା କାରଣରୁ ବ୍ରହ୍ମାଙ୍କ ପୂଜା ବର୍ଜିତ ହୋଇଥିବା ମଧ ପୁରାଣରେ ଉଲ୍ଲେଖ ରହିଛି । ବ୍ରହ୍ମାଙ୍କର ଏକମାତ୍ର ତଥା ପ୍ରମୁଖ ମନ୍ଦିର ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ରହିଛି । ଅନେକ ଲୋକ ବ୍ରହ୍ମାଙ୍କୁ 'ବ୍ରହ୍ମ' ବୋଲି ଭୁଲବଶତଃ କହିଥା'ନ୍ତି । ବାସ୍ତବରେ 'ବ୍ରହ୍ମ' ଶବ୍ଦର ଅର୍ଥ ହେଉଛି 'ଈଶ୍ୱର' । ପୁରାଣରେ ବ୍ରହ୍ମାଙ୍କ ମାନସ ପୁତ୍ରଙ୍କ ବିଷୟରେ ଉଲ୍ଲେଖ



ରହିଛି । ବ୍ରହ୍ମାଙ୍କ ମନରୁ ମରିଚି, ନେତ୍ରରୁ ଅତ୍ରି, ମୁଖରୁ ଅଙ୍ଗିରସ, କାନରୁ ପୁଲସ୍ତ୍ୟ, ନାଭିରୁ ପୁଲହ, ହାତରୁ କ୍ରତୁ, ଚର୍ମରୁ ଭୃଗୁ, ପ୍ରାଣରୁ ବଶିଷ୍ଠ, ଆଙ୍ଗୁଠିରୁ ଦକ୍ଷ, ଛାଇରୁ କନ୍ଦର୍ଭ, କୋଳରୁ ନାରଦ, ଇଚ୍ଛାରୁ ସନକ, ସନନ୍ଦନ, ସନାତନ, ସନତକୁମାର ଏବଂ ଶରୀରରୁ ସ୍ୱୟମ୍ଭୁ ମନୁ, ଧ୍ୟାନରୁ ଚିତ୍ରଗୁପ୍ତ ଆଦି ପ୍ରକଟ ହୋଇଥିଲେ । ପୁରାଣରେ ବ୍ରହ୍ମା-ପୁତ୍ରମାନଙ୍କୁ "ବ୍ରହ୍ମ ଆତ୍ମା ବୈ ଜାୟତେ ପୁତ୍ର" ବୋଲି କୁହାଯାଇଛି । ବ୍ରହ୍ମା ସର୍ବପ୍ରଥମେ ଯେଉଁ ଚାରି ଜଣ ପୁତ୍ର-ସନକ, ସନନ୍ଦନ, ସନାତନ ଏବଂ ସନତକୁମାରଙ୍କୁ ସୃଷ୍ଟି କରିଥିଲେ, ସେମାନଙ୍କର ସୃଷ୍ଟି ରଚନା କାର୍ଯ୍ୟରେ କୌଣସି ରୁଚି ନଥିଲା । ସେମାନେ ବ୍ରହ୍ମଚର୍ଯ୍ୟ ପାଳନ କରି ବ୍ରହ୍ମତତ୍ତ୍ୱରେ ମଗ୍ନ ହୋଇଗଲେ । ଏପରି ବୀତରାଗ ପୁତ୍ରମାନଙ୍କର ନିରପେକ୍ଷ ବ୍ୟବହାର ଦେଖି ବ୍ରହ୍ମାଙ୍କୁ ଅତ୍ୟନ୍ତ କ୍ରୋଧ ଉତ୍ପନ୍ନ ହେଲା । ବ୍ରହ୍ମାଙ୍କ ସେହି କ୍ରୋଧରୁ ଏକ ପ୍ରଚଣ୍ଡ ଜ୍ୟୋତି ଜନ୍ମ ନେଲା । ସେହି ସମୟରେ କ୍ରୋଧରେ ଜଳୁଥିବା ବ୍ରହ୍ମାଙ୍କ ମସ୍ତକରୁ ଅର୍ଦ୍ଧନାରୀଶ୍ୱର ରୁଦ୍ର ଉତ୍ପନ୍ନ ହେଲେ । ବ୍ରହ୍ମା ସେହି ଅର୍ଦ୍ଧନାରୀଶ୍ୱର ରୁଦ୍ରଙ୍କୁ ସ୍ତ୍ରୀ ଏବଂ ପୁରୁଷ ଦୁଇ ଭାଗରେ ବିଭକ୍ତ କଲେ । ପୁରୁଷଙ୍କ ନାମ 'କା' ଏବଂ ସ୍ତ୍ରୀଙ୍କ ନାମ 'ୟା' ରଖାଗଲା । ପ୍ରଜାପତ୍ୟ କଳ୍ପରେ ବ୍ରହ୍ମା ଏହି ପୁରୁଷ ଏବଂ ସ୍ତ୍ରୀଙ୍କୁ ସ୍ୱୟମ୍ଭୁ ମନୁ ଏବଂ ସ୍ତ୍ରୀଙ୍କୁ ଶତରୂପା ରୂପରେ ପ୍ରକଟ କଲେ । ଏହି ଦୁହିଁଙ୍କ ଠାରୁ ପ୍ରିୟବ୍ରତ, ଉତ୍ତାନପାଦ, ପ୍ରସୂତି ଏବଂ ଆକୂତି ନାମରେ ସନ୍ତାନ ଜନ୍ମ ନେଲେ । ଏହାପରେ କନ୍ୟା ଆକୂତିଙ୍କ ବିବାହ ରୁଚିଙ୍କ ସହିତ ଏବଂ ପ୍ରସୂତିଙ୍କ ବିବାହ ଦକ୍ଷଙ୍କ ସହିତ ହୋଇଗଲା । ଦକ୍ଷ-ପ୍ରସୂତିଙ୍କ ଠାରୁ ୨୪ କନ୍ୟା ଜନ୍ମ ନେଲେ । ସେମାନଙ୍କ ମଧ୍ୟରୁ ଶ୍ରଦ୍ଧା, ଲକ୍ଷ୍ମୀ, ପୁଷ୍ଟି, ଧୃତି, ତୃଷ୍ଟି, ମେଧା, କ୍ରିୟା, ବୁଦ୍ଧି, ଲଜ୍ଜା, ବପୁ, ଶାନ୍ତି, ଋଦ୍ଧି ଏବଂ କିର୍ତ୍ତୀ ଆଦି ୧୩ ଜଣ କନ୍ୟାଙ୍କ ବିବାହ ଧର୍ମଙ୍କ ସହିତ ହୋଇଥିଲା ଏବଂ ଏହାପରେ ଭୃଗୁଙ୍କ ସହିତ ଖ୍ୟାତି, ଶିବଙ୍କ ସହିତ ସତୀ, ମରିଚିଙ୍କ ସହିତ ସମ୍ଭୂତି, ଅଙ୍ଗିରଙ୍କ ସହିତ ସ୍ମୃତି, ପୁଲସ୍ତ୍ୟଙ୍କ ସହିତ ପ୍ରିତି, ପୁଲହଙ୍କ ସହିତ କ୍ଷମା, କୃତିଙ୍କ ସହିତ ସନ୍ତତିଙ୍କର, ଅତ୍ରିଙ୍କ ସହିତ ଅନସୂୟା, ବଶିଷ୍ଠଙ୍କ ସହିତ ଉର୍ଜା, ବ୍ରହ୍ମଙ୍କ ସହିତ ସ୍ୱାହା ତଥା ପିତରଙ୍କ ସହିତ ସ୍ୱଧାଙ୍କର ବିବାହ ହେଲା । ପରବର୍ତ୍ତୀ କାଳରେ ଏମାନଙ୍କ ଠାରୁ ହିଁ ସୃଷ୍ଟି ବିକଶିତ ହୋଇଥିଲା ।

# ଅବିନାଶୀ ଆତ୍ମା

ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ । ଅନାଶିନୋ ଅପ୍ରମେୟସ୍ୟ ତସ୍ମାଦ୍ୟୁଧ୍ୟସ୍ୱ ଭାରତ ।" ଶ୍ରୀମଦ୍



ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ଅବିନାଶୀ ଅର୍ଥାତ୍ ଯାହାର ବିନାଶ କରାଯାଇପାରିବ ନାହିଁ, ଅପ୍ରମେୟ ଅର୍ଥାତ ଯାହାର ପ୍ରମାଣ କରିବା ସମ୍ଭବ ନୁହେଁ, ସେହି ନିତ୍ୟସ୍ୱରୂପ ଆତ୍ମା ବାସ କରୁଥିବା ପ୍ରତ୍ୟେକ ଶରୀର ନାଶବାନ ଅଟେ । ସେଥିପାଇଁ ହେ ଭରତବଂଶୀ ଅର୍ଜୁନ, ତୁମେ ଯୁଦ୍ଧ କର । ଆତ୍ମା ହିଁ ଅମୃତ ଅଟେ । ଆତ୍ମା ହିଁ ଅବିନାଶୀ ଅଟେ । ତିନି ଲୋକରେ ଆତ୍ମାକୁ କେବେହେଲେ ନାଶ କରାଯାଇପାରିବ ନାହିଁ । ତେଣୁ ଆତ୍ମା ହିଁ ସତ୍ ଅଟେ । କିନ୍ତୁ ଶରୀର ନାଶବାନ, ଏହା ହେଉଛି ଅସତ୍ୟ, ଯାହାର ତିନି ଲୋକରେ କେଉଁଠି ହେଲେ ଅସ୍ତିତ୍ୱ ନାହିଁ । ତେଣୁ ତୁମେ ଯୁଦ୍ଧ ହିଁ କର । ଭଗବାନ ଏ ଯେଉଁ ଆଦେଶ ଅର୍ଜୁନଙ୍କୁ ଦେଇଛନ୍ତି, ତା'ର ଅର୍ଥ ନୁହେଁ ଯେ ସେ କେବଳ କୌରବମାନଙ୍କୁ ବଧ କରିବା ଲାଗି ପାଣ୍ଡୁପୁତ୍ରଙ୍କୁ କହୁଛନ୍ତି । ପାଣ୍ଡବ ପକ୍ଷରେ ମଧ ଶରୀର ଅଛନ୍ତି । ପାଣ୍ଡବଙ୍କ ଶରୀର କ'ଣ ଅବିନାଶୀ ? ଯଦି ଶରୀର ଅବିନାଶୀ, ତା'ହେଲେ ଶ୍ରୀକୃଷ୍ଣ କାହାର ସୁରକ୍ଷା ପାଇଁ ଛିଡ଼ା ହୋଇଥିଲେ ? ଅର୍ଜୁନ କ'ଣ ଅନ୍ୟକୌଣସି ଶରୀରଧାରୀ ଥିଲେ ? ଶରୀର ଯାହା ଅସତ୍, ଯାହାର ଅସ୍ତିତ୍ୱ ନାହିଁ, ଯାହାକୁ ସୁରକ୍ଷା କରି ରଖିବା ସମ୍ଭବ ନୁହେଁ, ଶ୍ରୀକୃଷ୍ଣ କ'ଣ ସେହି ଶରୀରର ସୁରକ୍ଷା ପାଇଁ ସେଠାରେ ଉପସ୍ଥିତ ଥିଲେ ? ତା'ହେଲେ ଶ୍ରୀକୃଷ୍ଣଙ୍କର କ'ଣ ଜ୍ଞାନ ନଥିଲା ? ଏହି ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ନିଜେ ହିଁ କହିଛନ୍ତି । ସେ କହିଛନ୍ତି, ଯିଏ କେବଳ ଶରୀର ପାଇଁ ପରିଶ୍ରମ କରିଥାଏ, ସେ ଅବିବେକୀ ଏବଂ ମୂଢ଼ ବୁଦ୍ଧି ଅଟେ । ତେଣୁ ଅର୍ଜୁନ କ'ଣ ଥିଲେ ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ । ଅନୁରାଗୀ ବ୍ୟକ୍ତି ପାଇଁ ଇଷ୍ଟଦେବ ସର୍ବଦା ରଥୀ ହୋଇ ଛିଡ଼ା ହୋଇ ରହିଥା'ନ୍ତି । ମନୁଷ୍ୟ ଖାଲି ଶରୀର ନୁହେଁ, ଶରୀର ତ' ବାହ୍ୟ ଆବରଣ । ଏହି ଶରୀର ଦିନେ ଚାଲିଯିବ, ଆତ୍ମା ଆଉ ଏକ ଶରୀର ଧାରଣ କରିବ । ଏହି ସମ୍ପର୍କରେ ଶ୍ରୀକୃଷ୍ଣ ଗୀତାରେ କହିସାରିଛନ୍ତି- ଯେପରି ବାଲ୍ୟକାଳରୁ ଯୁବାବସ୍ଥା ଏବଂ ପରେ ବୃଦ୍ଧାବସ୍ଥା ଆସିଥାଏ, ସେହିପରି ଦେହାନ୍ତର(ମୃତ୍ୟୁ)ର ପ୍ରାପ୍ତି ମଧ ହୋଇଥାଏ । ଏ ଶରୀର ଚାଲିଗଲେ, ଜୀବାତ୍ମା ନୂଆ ବସ୍ତ୍ର ଧାରଣ କରିବ ।

# ଟାଟା ପାୱାର ରିନ୍ୟୁଏବଲ- ଓରେଡା ଲିମିଟେଡ୍ ମଧ୍ୟରେ ଏମ୍ଓୟୁ




**ଭୁବନେଶ୍ୱର,୨୧।୧ (ମହାଭାରତ):** ଭାରତର ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଗ୍ରଣୀ କମ୍ପାନି ତଥା ଟାଟା ପାୱାରର ସହାୟକ ସଂସ୍ଥା ଟାଟା ପାୱାର ଅକ୍ଷୟ ଶକ୍ତି ଲିମିଟେଡ୍ (ଟିପିଆରଇଏଲ) ଆବାସିକ ଗ୍ରାହକଙ୍କ ମଧ୍ୟରେ ରୁଫ୍‌ଟପ୍ ସୋଲାର ଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ଅକ୍ଷୟ ଶକ୍ତି ଲାଗି ରାଜ୍ୟର ନୋଡାଲ ଏଜେନ୍ସି ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ (ଓରେଡା ଲିମିଟେଡ) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ସହଯୋଗିତା ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା (ପିଏମଏସଜିୱାଇ) କାର୍ଯ୍ୟକାରୀ କରି ଓଡ଼ିଶାର ଅକ୍ଷୟ ଶକ୍ତି କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଭାରତର ଅନ୍ୟତମ ବୃହତ୍ତମ ସମନ୍ୱିତ ବିଦ୍ୟୁତ୍ କମ୍ପାନି ଟାଟା ପାୱାର ରାଜ୍ୟ ସରକାରଙ୍କ ସହଭାଗିତାରେ ଏହାର ୪ଟି ଡିସକମ୍ ମାଧ୍ୟମରେ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ପରିଚାଳନା କରୁଛି। ଡିସକମ୍ ଜରିଆରେ ଏହି ଯୋଜନା କାର୍ଯ୍ୟକାରୀ ହେବ ଯାହା ଘରେ ଘରେ ସୌର ଶକ୍ତି ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଓଡ଼ିଶା ସରକାରଙ୍କ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି. ସିଂହଦେଓ ଏବଂ ମୁଖ୍ୟ ଶାସନ ସଚିବ ଆଇଏଏସ୍ ଶ୍ରୀ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଓରେଡା ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ଏବଂ ଟାଟା ପାୱାରର ସିଇଓ ତଥା ଏମଡି ଡ. ପ୍ରବୀର ସିହ୍ନା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

ଏହି ସହଯୋଗିତାର ଲକ୍ଷ୍ୟ ହେଉଛି ସମଗ୍ର ଓଡ଼ିଶାରେ ସୁଲଭ ସୌର ଶକ୍ତି ସମାଧାନର ନିରବଚ୍ଛିନ୍ନ ରୂପାୟନ ଏବଂ ଜନସଚେତନତା ବୃଦ୍ଧି ମାଧ୍ୟମରେ ସୌର ଶକ୍ତି ଗ୍ରହଣକୁ ତ୍ୱରାନ୍ୱିତ କରିବା। ଓରେଡା ଦ୍ୱାରା ଏହାର ପସନ୍ଦର ସୌରଶକ୍ତି ସହଯୋଗୀ ଭାବରେ ତାଲିକାଭୁକ୍ତ ହେବାକୁ ଥିବା ଟିପିଆରଇଏଲ ଜୀବନବ୍ୟାପୀ ଯତ୍ନ ସହିତ ବିଶ୍ୱସନୀୟ ଏବଂ ଅସୁବିଧାମୁକ୍ତ ସୌର ସମାଧାନ ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓରେଡା ଏବଂ ଏହାର ଆର୍ଥିକ/ବ୍ୟାଙ୍କିଙ୍ଗ ଅଂଶୀଦାରଙ୍କ ସହ କମ୍ପାନି ବିମାନବନ୍ଦର, ମଲ୍ ଏବଂ ରେଳ ଷ୍ଟେସନ ଭଳି ଉଚ୍ଚ ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ଅଭିଯାନର ନେତୃତ୍ୱ ନେବ। ଗୋଷ୍ଠୀ ନିୟୋଜନକୁ ସୁଦୃଢ଼ କରିବା ପାଇଁ କମ୍ପାନି ଅକ୍ଷୟ ଶକ୍ତି ବ୍ୟବହାରର ଲାଭ ଉପରେ ଶିକ୍ଷଣୀୟ ସାମଗ୍ରୀ ବିକଶିତ କରିବ, ସ୍ଥାନୀୟ ଭେଣ୍ଡରଙ୍କ ପାଇଁ ଅଧିବେଶନ ଆୟୋଜନ କରିବ ଏବଂ ରୁଫଟପ୍ ସୋଲାର ସ୍ଥାପନା ଓ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ତାଲିମ ଦ୍ୱାରା ସ୍ଥାନୀୟ ବୈଷୟିକ ବିଶେଷତାକୁ ସୁଦୃଢ଼ କରିବ। ଅକ୍ଷୟ ଶକ୍ତି ଏବଂ ଶକ୍ତି ଦକ୍ଷତାର ଲାଭ ଉପରେ ଗୁରୁତ୍ୱ ଦେବା ପାଇଁ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀ ସୃଷ୍ଟି ଏବଂ ପ୍ରସାର ଦ୍ୱାରା ସମର୍ଥିତ ଜନଶିକ୍ଷା ଏକ କେନ୍ଦ୍ରୀୟ ସ୍ତମ୍ଭ ହୋଇ ରହିବ।

ଦେଶରେ ସର୍ବାଧିକ ସୋଲାର ସବସିଡି ଥିବା ରାଜ୍ୟ ଭାବରେ ଓଡ଼ିଶା ସୌର ବିପ୍ଳବର ନେତୃତ୍ୱ ନେଉଛି ଯାହା ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝକୁ ଯଥେଷ୍ଟ ହ୍ରାସ କରିବା ସହ ସହଜରେ ଗ୍ରହଣ କରିବାକୁ ସକ୍ଷମ କରୁଛି।

# ମାଣ୍ଡିଆ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୨୧।୧ (ମହାଭାରତ):** ଆଜି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀ ଅନ୍ନ ଅଭିଯାନ ଅଧିନରେ ମାଣ୍ଡିଆ କ୍ରୟ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ କୃଷି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚଳିତ ବର୍ଷ ଚାଷୀମାନଙ୍କୁ ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୪୨୯୦/- ଟଙ୍କା ସହ ରାଜ୍ୟ ସରକାରଙ୍କ ଅତିରିକ୍ତ ପ୍ରୋତ୍ସାହନ ରାଶି ୨୧୦ ଟଙ୍କା ମିଶି କୁଇଂଟାଲ ପିଛା ସର୍ବମୋଟ ୪୫୦୦/- ଟଙ୍କା ପ୍ରଦାନ କରାଯିବାକୁ ସରକାର ଅନୁମୋଦନ ପ୍ରାପ୍ତ କରିଛନ୍ତି। ଚାଷୀ ତଥା ଜନସାଧାରଣଙ୍କୁ ଏନେଇ ସଚେତନ କରିବା ଏବଂ ଜିଲ୍ଲା ଅନୁଯାୟୀ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସଚେତନତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ଏହି ଅବସରରେ ମାଣ୍ଡିଆ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଡ଼ ପାଢ଼ୀ ପରାମର୍ଶ ଦେବା ସହ ଚାଷୀ ଭାଇ ଭଉଣୀ ଯେପରି ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ନ ହୁଅନ୍ତି ତାହା ଉପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ପ୍ରାପ୍ୟ ପ୍ରଦାନରେ ଅନିୟମିତତା ଦୃଷ୍ଟିଗୋଚର ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଏହି ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ସମେତ ଯୋଗାଣ ବିଭାଗ, ଆଦିବାସୀ ଉନ୍ନୟନ ବିଭାଗ, କୃଷି ବିଭାଗ ଏବଂ ଶ୍ରୀ ଅନ୍ନ ଅଭିଯାନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ।

# ପରିଚୟ ସଙ୍କଟରୁ ବର୍ତ୍ତିବା ପାଇଁ କଂଗ୍ରେସର ପ୍ରୟାସ

**ଭୁବନେଶ୍ୱର,୨୧।୧ (ମହାଭାରତ):** ଓଡ଼ିଶାରେ କଂଗ୍ରେସର ଶାଖାକୁ କେନ୍ଦ୍ରୀୟ କମିଟି ବନ୍ଦ କରି ଦେଇଛନ୍ତି। ଏଠାରେ କଂଗ୍ରେସର ନାଁ ଅଛି ସଙ୍ଗଠନ, ନାଁ ଅଛନ୍ତି ସଭାପତି, ନାଁ ଅଛି କୌଣସି କାର୍ଯ୍ୟକାରିଣୀ। ଗୋଟିଏ ବାକ୍ୟରେ କହିବାକୁ ଗଲେ ଓଡ଼ିଶାରେ କଂଗ୍ରେସ ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିଯାଇଛି। ଏଭଳି ପରିସ୍ଥିତିରେ ପରିଚୟ ସଙ୍କଟରୁ ବର୍ତ୍ତିବା ପାଇଁ କଂଗ୍ରେସ ଉଦ୍ୟମ କରୁଛି ବୋଲି ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଆଜି ଏକ ସମ୍ବାଦିକ ସମ୍ମିଳନୀରେ କଟାକ୍ଷ କରିଛନ୍ତି।



ଶ୍ରୀ ପଣ୍ଡା କହିଛନ୍ତି ଯେ, ପ୍ରଦେଶ କଂଗ୍ରେସ ପରି ତାଙ୍କ ଯୁବ କଂଗ୍ରେସ ଏବେ ସମ୍ପୂର୍ଣ୍ଣ ଦିଶାହୀନ। ସେମାନେ ଏବେବି ଯୁବକ ଓ ବରିଷ୍ଠ ମଧ୍ୟରେ ତାରତାମ୍ୟ ଜାଣିପାରୁନାହାନ୍ତି। ସେମାନଙ୍କ ପାଇଁ ରାହୁଲ ଗାନ୍ଧୀ ଏବେବି ଯୁବକ। ରାହୁଲ ଗାନ୍ଧୀଙ୍କୁ ପ୍ରତିଷ୍ଠିତ କରାଇବା ପାଇଁ କଂଗ୍ରେସ ଅନେକ ଯୁବନେତାଙ୍କ ତଂଟି ଚିପିଛି। ତାଙ୍କ ଦଳରେ ଆଉ ନୂଆପିଢ଼ି ମଧ୍ୟ ନାହାନ୍ତି। ପ୍ରଦେଶ କଂଗ୍ରେସ କମିଟିର ଗୋଷ୍ଠୀକନ୍ଦଳ ଏବେ ସାରା ଓଡ଼ିଶା ଦେଖୁଛି। ନିଜ ଦଳ ଭିତରେ ଥିବା ଅସନ୍ତୋଷକୁ ସେମାନେ ଏପର୍ଯ୍ୟନ୍ତ ସମାଧାନ କରିପାରୁ ନ ଥିବାବେଳେ ସମାବେଶ କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ନିଜ ଦଳ ଭିତର ଅସନ୍ତୋଷକୁ ଜାହିର କରିବା, ପରିଚୟ ସଙ୍କଟରୁ ବର୍ତ୍ତିବା ଓ ନିଜର ଅସ୍ତିତ୍ୱ ଜାହିର କରିବା ପାଇଁ କଂଗ୍ରେସ ପକ୍ଷରୁ ଆଜି ସମାବେଶ କରାଯାଉଛି। ଏହି କାର୍ଯ୍ୟକ୍ରମ କେବଳ ନାମକୁ ମାତ୍ର କରାଯାଉଛି ବୋଲି ସେମାନଙ୍କ ହାତଗଣତି ସଂଖ୍ୟାରୁ ଜଣାପଡୁଛି।

କଂଗ୍ରେସ ଆଗେ ନିଜେ ଜାଣିବା ଦରକାର ଯେ, ଦଳ ଆଉ ଓଡ଼ିଶାରେ କାମ କରିବ କି ନାହିଁ? ଯଦି କାମ କରିବ ତେବେ ଦଳର କିଏ କାର୍ଯ୍ୟକାରିଣୀ ସଦସ୍ୟ ହେବ, କିଏ ସଭାପତି ହେବ ଆଉ କେଉଁମାନେ ଅନ୍ୟାନ୍ୟ ଦାୟିତ୍ୱରେ ରହିବେ ସେନେଇ ନିଷ୍ପତି ନେବା ଆବଶ୍ୟକ। ଓଡ଼ିଶାରେ କଂଗ୍ରେସ ଦଳ ୫୫ ବର୍ଷ ଧରି କ୍ଷମତାସୀନ ଥିଲା। ଏହି ସମୟ ମଧ୍ୟରେ ସେମାନେ ଓଡ଼ିଶା ପାଇଁ ଯାହା କରିଥିଲେ, ମାତ୍ର ୫ବର୍ଷରେ ଓଡ଼ିଶାରେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ତା'ଠାରୁ ଢ଼େର ଅଧିକା କାମ କରି ଦେଖାଇବ। ଏହାର ହିସାବ ଆଗାମୀ ସାଧାରଣ ନିର୍ବାଚନରେ ଲୋକେ କଂଗ୍ରେସକୁ ଦେଇଦେବେ। ମୁଣ୍ଡ ନ ଥିବା ଗଣ୍ଡି ଯେପରି କୌଣସି ନିର୍ଦ୍ଦେଶ ନ ପାଇ ଦିଶାହୀନ ହୋଇଯାଏ, ଶରୀରର ଅଙ୍ଗପ୍ରତ୍ୟଙ୍ଗମାନେ କ'ଣ କରିବେ ଆଉ ନ କରିବେ ତାହା ଜାଣିପାରିଁ ନାହିଁ ଓଡ଼ିଶାରେ କଂଗ୍ରେସର ଅବସ୍ଥାରେ ଏବେ ସେହିପରି ହୋଇଯାଇଛି। ତେଣୁ ଓଡ଼ିଶା କଂଗ୍ରେସର କୌଣସି କାର୍ଯ୍ୟକ୍ରମକୁ ଗୁରୁତ୍ୱର ସହ ନେବା ଆବଶ୍ୟକ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

# ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର,୨୧।୧ (ମହାଭାରତ):** ଭାରତବର୍ଷକୁ ପରାଧିନତାର ବନ୍ଧନରୁ ମୁକ୍ତ କରିବା ପାଇଁ ବହୁ ବୀର ସ୍ୱାଧୀନତା ସଂଗ୍ରାମୀ ଜୀବନ ଉତ୍ସର୍ଗ କରିଛନ୍ତି। ସେମାନଙ୍କର ତ୍ୟାଗପୂର୍ଣ୍ଣ ବଳିଦାନ ପାଇଁ ଆମ ଦେଶ ଶେଷରେ ସ୍ୱାଧୀନ ହେଲା। ସେହିପରି ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ହେଲେ ଚାଖି ଖୁଣ୍ଟିଆ। ଜଗନ୍ନାଥଙ୍କର ପରମ ସେବକ ଚାଖି ଖୁଣ୍ଟିଆଙ୍କର ବଳିଷ୍ଠ ନେତୃତ୍ୱ, ଅବଦମିତ ଦେଶପ୍ରେମ, ଅତୁଳନୀୟ ତ୍ୟାଗ ଏବଂ ସମାଜସେବା ଜନମାନସରେ ଚିରସ୍ମରଣୀୟ ହୋଇରହିଛି ଏବଂ ରହିବ ବୋଲି ମହାନ ବିପ୍ଳବୀ ଚନ୍ଦନ ହଜୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଅତିଥିମାନେ ଉଲ୍ଲେଖ କରିଛନ୍ତି।



ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଚନ୍ଦନ ହଜୁରୀଙ୍କର ଦେଶପ୍ରେମ, ବୀରତ୍ୱ ବିଷୟରେ ଆଲୋକପାତ କରିବା ସହ ଚନ୍ଦନ ହଜୁରୀ ଏକାଧାରରେ ଜଣେ ମହାନ ବିପ୍ଳବୀ, ଯୋଦ୍ଧା, ଦେଶଭକ୍ତ, ସେବକ, ସମାଜ ସଂସ୍କାରକ ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରମ ଭକ୍ତ ଥିଲେ ବୋଲି ଉଲ୍ଲେଖ କରିଥିଲେ। ତାଙ୍କର ସାହିତ୍ୟ ରଚନା ସୁନ୍ଦର ଏବଂ ସରଳ। ସେ ପ୍ରଚଣ୍ଡ ପ୍ରତିଭାଧାରୀ ଏବଂ ଜଗନ୍ନାଥ ସଂସ୍କୃତିର ବାହକ ଭାବେ ସମଗ୍ର ଭାରତ ଭୂଖଣ୍ଡରେ ତାଙ୍କ କୀର୍ତ୍ତି ରଚି ଯାଇଛନ୍ତି। ଏଭଳି ମହାପୁରୁଷ ଆମ ଦେବଭୂମିରେ ବାରମ୍ବାର ଜନ୍ମ ନିଅନ୍ତୁ ବୋଲି ଶ୍ରୀମତୀ ପରିଡା କହିଥିଲେ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ ଓ ସାହିତ୍ୟିକ ଡ଼. ନଟବର ଶତପଥୀ ଚାଖି ଖୁଣ୍ଟିଆଙ୍କ ଜୀବନାଦର୍ଶ ସଂପର୍କରେ ଆଲୋଚନା କରି କହିଲେ ସଂସ୍କୃତିର ଚମତ୍କାରିତା ହେଉଛି ରୂପାନ୍ତରଣ ପ୍ରକ୍ରିୟା। ଯେଉଁ ଜାତି ଇତିହାସର ଦର୍ପଣରେ ରୂପାନ୍ତରଣ ପ୍ରକ୍ରିୟା ଦେଖେ ସେତେବେଳେ ଚନ୍ଦନ ହଜୁରୀଙ୍କ ନାମ ଆସେ। ଆମେ ଯେବେ ତାଙ୍କୁ ସ୍ମରଣ କରୁ ତାହା ସାଂସ୍କୃତିକ ଚେତନାର ସ୍ଫୁରଣ। ସେ ୧୮୫୭ ମସିହାର ସିପାହୀ ବିଦ୍ରୋହକୁ ଶକ୍ତିଶାଳୀ କରି ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ କରି ଓଡ଼ିଶା ବୀରତ୍ୱ ଇତିହାସରେ ଏକ ଅବିସ୍ମରଣୀୟ ଛାପ ଛାଡ଼ି ଯାଇଛନ୍ତି। ଓଡ଼ିଶାର ଗର୍ବ ଓ ଗୌରବକୁ ଜାତୀୟସ୍ତରରେ ଉଚ୍ଚତମ ସୋପାନରେ ପହଞ୍ଚାଇ ପାରିଥିଲେ ବୋଲି ସେ ଉଲ୍ଲେଖ କରିଥିଲେ।

ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଚାଖି ଖୁଂଟିଆଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବାକୁ ଯାଇ କହିଲେ ଯେ ଚନ୍ଦନ ହଜୁରୀଙ୍କ ବୈପ୍ଳବିକ ଚିନ୍ତାଧାରା ଅନନ୍ୟ ଥିଲା। ଆମ ଉତ୍ତରପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ।

ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇ ଚନ୍ଦନ ହଜୁରୀଙ୍କୁ ମହାନ ବିପ୍ଳବୀ, କ୍ରାନ୍ତିକାରୀ ପୁରୁଷ ଓ ପରମ ଯୋଦ୍ଧା ଭାବେ ଅଭିହିତ କରିଥିଲେ। ସେ ୧୮୫୭ ମସିହାରେ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସମରର ଆଗ୍ରଦୂତ ଥିଲେ। ୫୨ ବର୍ଷର ଜୀବନ ଅବଧି ଭିତରେ ସେ ତାଙ୍କର ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଜାତୀୟ ସ୍ତରରେ ଓଡ଼ିଶାର ଗର୍ବଗୌରବକୁ ମହିମାମଣ୍ଡିତ କରିଥିଲେ ଏବଂ ଯଥାର୍ଥରେ ସେ ଥିଲେ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି ଶ୍ରୀ ସାମଲ ଉଲ୍ଲେଖ କରିଥିଲେ।

ଚାଖି ଖୁଂଟିଆ ସ୍ମୃତି ସମିତି, ଭୁବନେଶ୍ୱରର ସଭାପତି ଡାକ୍ତର ବସନ୍ତ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ, ଜୟଦେବ ଭବନ ଉପନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଅଭୟା ରାୟରେ ଡାକ୍ତରମାନେ ଅସନ୍ତୁଷ୍ଟ

**ଭୁବନେଶ୍ୱର,୨୧।୧ (ମହାଭାରତ):** କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ମହିଳା ଡାକ୍ତରଙ୍କୁ ଗତବର୍ଷ ଅଗଷ୍ଟ ୯ ତାରିଖ ଦିନ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଆଜି ପଶ୍ଚିମବଙ୍ଗର ସିଆଲଦା କୋର୍ଟରେ ରାୟ ପ୍ରକାଶ ପାଇଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟକୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ କୋର୍ଟ ୫୦,୦୦୦ ଟଙ୍କା ଜରିମାନା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ରାୟ ଆସିବା ପରେ କଟକ ଏସସିବି ମେଡିକାଲ କଲେଜର ଛାତ୍ରଛାତ୍ରୀଙ୍କର ପ୍ରତିକ୍ରିୟା ପ୍ରକାଶ ପାଇଛି। ସିଆଲଦା କୋର୍ଟର ବିଚାରପତି ଜାନୁଆରୀ ୧୮ତାରିଖରେ ସ୍ପଷ୍ଟ କରିସାରିଥିଲେ ଯେ ଏହି ମାମଲାରେ ସର୍ବାଧିକ ଦଣ୍ଡ ମୃତ୍ୟୁଦଣ୍ଡ ଓ ସର୍ବନିମ୍ନ ଦଣ୍ଡ ଆଜୀବନ କାରାଦଣ୍ଡ ହେବ। ଏହା ପରେ ମୃତ ଡାକ୍ତରଙ୍କ ପରିବାର ସହିତ ସିବିଆଇ ମଧ୍ୟ ମୃତ୍ୟୁଦଣ୍ଡ ଦାବି କରିଥିଲା। କିନ୍ତୁ, ମୃତ୍ୟୁଦଣ୍ଡ ଦେବା ପରିବର୍ତ୍ତେ, କୋର୍ଟ ଆଜୀବନ କାରାଦଣ୍ଡ ଦେଇଛନ୍ତି। କୋର୍ଟ ଏହି ମାମଲାକୁ ବିରଳ ବୋଲି ବିବେଚନା କରୁନଥିବାରୁ ମୃତ୍ୟୁଦଣ୍ଡ ଦେଇନଥିବା ସାମ୍ନାକୁ ଆସିଛି। ରାୟ ଶୁଣାଇବା ପୂର୍ବରୁ କୋର୍ଟ ସଞ୍ଜୟକୁ ନିଜର ପକ୍ଷ ରଖିବାକୁ କହିଥିଲେ। ଉତ୍ତରରେ ସଞ୍ଜୟ କହିଥିଲା, କୌଣସି କାରଣ ବିନା ମୋତେ ଏଥିରେ ଜଡିତ କରାଯାଇଛି। ମୁଁ ସବୁବେଳେ ରୁଦ୍ରାକ୍ଷ ମାଳା ପିନ୍ଧେ। ଯଦି ମୁଁ କୌଣସି ଅପରାଧ କରିଥାଆନ୍ତି, ତେବେ ମାଳା ଅପରାଧ ସ୍ଥାନରେ ହିଁ ଛିଡ଼ି ଯାଇଥାନ୍ତା। ମୋତେ କହିବାକୁ ଅନୁମତି ଦିଆଗଲା ନାହିଁ। ଅନେକ କାଗଜପତ୍ରରେ ଜୋରଜବରଦସ୍ତ ଦସ୍ତଖତ କରାଯାଇଥିଲା।

# ଦୟା ନଦୀର ପାଣି ସମ୍ପୂର୍ଣ୍ଣ ପ୍ରଦୂଷିତ

**ଭୁବନେଶ୍ୱର,୨୧।୧ (ମହାଭାରତ):** ପୁରୀ ଜିଲାର ସ୍ୱାସ୍ଥ୍ୟ ବିଭାଗ ସୋମବାର ଦୟା ନଦୀର ପାଣି ସମ୍ପୂର୍ଣ୍ଣ ପ୍ରଦୂଷିତ ବୋଲି ନିଶ୍ଚିତ କରିଛି ଏବଂ ସ୍ଥାନୀୟ ଲୋକଙ୍କୁ ଏହାକୁ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛି। ଗତ ୧୫ ଦିନରେ ଜିଲାର କଣାସ ବ୍ଲକର ଗୋପୀନାଥପୁର ଏବଂ ଗଡିଶଗୋପା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅନେକ ଗାଁରେ ଡାଇରିଆ ବ୍ୟାପିବା ପରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଅସୁସ୍ଥ ହୋଇପଡ଼ିଥିବାରୁ ବିଭାଗ ପୂର୍ବରୁ ନଦୀରୁ ନମୁନା ପରୀକ୍ଷାଗାର ପରୀକ୍ଷା ପାଇଁ ପଠାଇଥିଲା। ନଦୀକୂଳର ଗ୍ରାମବାସୀମାନେ ଦୈନନ୍ଦିନ ବ୍ୟବହାର ପାଇଁ ଦୟା ନଦୀ ଉପରେ ନିର୍ଭର କରନ୍ତି।

ମୃତକଙ୍କ ନାମ ନାଇକୁଲାପାଟଣା ଗ୍ରାମର ଗୁରେଇ ସେଠି, ମାଗି ଦଳେଇ, ସଚଳା ସାହୁ ଏବଂ ସାରଥି ପ୍ରଧାନ, ସମସ୍ତେ ନାଉଗାଁ ଗ୍ରାମର ବାସିନ୍ଦା ବୋଲି ଚିହ୍ନଟ କରାଯାଇଛି।

ଦୟା ନଦୀର ପ୍ରଦୂଷିତ ପାଣି ପିଇବା ପରେ ସେମାନେ ସମସ୍ତେ ବାନ୍ତି ଏବଂ ଝାଡ଼ାରେ ପୀଡିତ ହୋଇ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ସମୟରେ ମୃତ୍ୟୁବରଣ କରିଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିବା ପରେ, ଜିଲାର ସ୍ୱାସ୍ଥ୍ୟ ବିଭାଗ ନଦୀରୁ ନମୁନା ପଠାଇଥିଲା, ଯାହା ଦୂଷିତ ବୋଲି ଜଣାପଡ଼ିଥିଲା।

ଏହି ଘଟଣା ବିଷୟରେ ସୂଚନା ଦେଇ ପୁରୀ ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ରୂପଭାନୁ ମିଶ୍ର କହିଛନ୍ତି, ପୁରୀ ଅତିରିକ୍ତ କଲେକ୍ଟର ଶରତ ଚନ୍ଦ୍ର ବେହେରା, ଉପ-କଲେକ୍ଟର ରାଜ କିଶୋର ଜେନା ଏବଂ ମୁଁ ଡାଇରିଆ। ପ୍ରଭାବିତ ଗ୍ରାମଗୁଡ଼ିକରେ ଏକ ମିଳିତ ଯାଞ୍ଚ କରିଥିଲେ। ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିବା ସମୟରେ ସ୍ଥାନୀୟ ଲୋକମାନେ କହିଥିଲେ ଯେ ପାଣି ସମସ୍ୟା ହେଉଛି ଅଞ୍ଚଳର ମୁଖ୍ୟ ସମସ୍ୟା। ସେମାନେ ପାନୀୟ ଜଳର ଅଧିକ ଯୋଗାଣ ଦାବି କରିଥିଲେ।

ଦୟା ନଦୀ ଜଳର ପ୍ରୟୋଗଶାଳା ପରୀକ୍ଷାରୁ ଜଣାପଡିଛି ଯେ ପାଣି ଦୂଷିତ ଏବଂ ବ୍ୟବହାର ପାଇଁ ଉପଯୁକ୍ତ ନୁହେଁ। ତେଣୁ, ଆମେ ଲୋକମାନଙ୍କୁ ଦୟା ନଦୀର ପାଣିକୁ କୌଣସି ଉଦ୍ଦେଶ୍ୟରେ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛୁ। ସ୍ଥାନୀୟ କର୍ତ୍ତୃପକ୍ଷ ସେମାନଙ୍କୁ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇ ଦେଉଛନ୍ତି ଯାହାକୁ ସେମାନେ ପିଇବା ପାଇଁ ବ୍ୟବହାର କରିପାରିବେ ଏବଂ ନଳକୂପରୁ ପାଣି ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ, ସେ ଆହୁରି ମଧ୍ୟ କହିଛନ୍ତି। ବର୍ତ୍ତମାନ, ପ୍ରତ୍ୟେକ ରୋଗୀଙ୍କ ମଧ୍ୟରୁ ଜଣେ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର ଏମ୍‌ସ ଏବଂ ଭୁବନେଶ୍ୱରର ହାଇଟେକ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହା ବ୍ୟତୀତ, କଣାସ ହସ୍ପିଟାଲରେ ଅନ୍ୟ ସାତ ଜଣ ଚିକିତ୍ସାଧୀନ ଅଛନ୍ତି, ସିଡ଼ିଏମ୍ଓ ସୂଚନା ଦେଇଛନ୍ତି।

### ଓଡ଼ିଶାରେ ଆନ୍ତଃ ରାଜ୍ୟ ଜୀବନ ଦର୍ଶନ କାର୍ଯ୍ୟକ୍ରମ

# ଭୁବନେଶ୍ୱର ଆସିବେ ୩୨ ଉତ୍ତରପୂର୍ବାଞ୍ଚଳ ବିଦ୍ୟାର୍ଥୀ

**ଭୁବନେଶ୍ୱର,୨୧।୧ (ମହାଭାରତ):** ଆଗାମୀ ୨୪ ଜାନୁଆରୀରେ ଓଡ଼ିଶାରେ ଆନ୍ତଃ ରାଜ୍ୟ ଜୀବନ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ୩୨ ଜଣ ଉତ୍ତରପୂର୍ବାଂଚଳ ବିଦ୍ୟାର୍ଥୀ ଭୁବନେଶ୍ୱର ଆସିବେ। ବିଦ୍ୟାର୍ଥୀ ପରିଷଦର ସିଲ ପ୍ରକଳ୍ପର ସଂଯୋଜକ ଅରିଜିତ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ୧୯୬୨ର ଚୀନ-ଭାରତ ଯୁଦ୍ଧ ପରେ ଚାଇନା ଦ୍ୱାରା ଉତ୍ତରପୂର୍ବାଂଚଳର ଜନସାଧାରଣଙ୍କ ମନରେ ବିଚ୍ଛିନ୍ନତାବାଦର ବିଚାର ସୃଷ୍ଟି କରିବାର ଯେଉଁ ହୀନ ପ୍ରୟାସ କରାଯାଉଥିଲା ତାହାକୁ ଦୁରକରିବା ପାଇଁ ଉତ୍ତରପୂର୍ବାଂଚଳର ଜନସାଧାରଣଙ୍କୁ ଭାରତ ଏକ ପରିବାରର ବିଶ୍ୱାସ ଓ ଅନୁଭବ ଦେବା ସହ ବିଭିନ୍ନ ରାଜ୍ୟର ଐତିହ ଓ ସଂସ୍କୃତିସହ ପରିଚିତ କରାଇବା ପାଇଁ ୧୯୬୬ ମସିହାରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରୟାସରେ ଆନ୍ତଃ ରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମ) ଆରମ୍ଭ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ଭାରତର ଉତ୍ତର ପୂର୍ବାଂଚଳରେ ଥିବା ୭ଟି ରାଜ୍ୟ ଯଥା ଆସାମ ,ଅରୁଣାଚଳ ପ୍ରଦେଶ,ନାଗାଲାଣ୍ଡ,ମେଘାଳୟ ,ମିଜୋରାମ,ମଣିପୁର ଓ ତ୍ରିପୁରା ରୁ ବିଦ୍ୟାର୍ଥୀ ମାନେ ଭାରତର ଅବଶେଷ ଭାଗକୁ ଏକ ଯାତ୍ରା ମାଧ୍ୟମରେ ଆସି ଭାରତର ଏତିହ୍ୟ ପରମ୍ପରା ଓ ଭାରତ ବାସି ସମସ୍ତେ ମୋ ପରିବାରର ଭାବ ନେଇକି ଯାଇଥାନ୍ତି। ସେ କହିଛନ୍ତି ଯେ, ସେହିପରି ଚଳିତ ବର୍ଷ ଜାନୁଆରୀ ୨୪ ,୨୫ ଓ ୨୬ ତାରିଖ ଭୁବନେଶ୍ୱରକୁ ୩୨ ଜଣ ଉତ୍ତରପୂର୍ବାଂଚଳ ବିଦ୍ୟାର୍ଥୀ ଆସୁଛନ୍ତି। ପ୍ରତ୍ୟେକ ବିଦ୍ୟାର୍ଥୀ ଏକ ଏକ ପରିବାରରେ ଅବସ୍ଥାନ କରିବେ। ଏହା ସହ ତିନି ଦିନର କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ପରିଦର୍ଶନ ସହ କୁଳପତି ମାନଙ୍କ ସହ ଆଲୋଚନା କରିବେ ଏବଂ ଓଡ଼ିଶାର ଐତିହ ସ୍ଥଳ ମାନଙ୍କର ପରିଦର୍ଶନ କରିବେ। ଆସନ୍ତା ୨୬ ତାରିଖ ଦିନ ସନ୍ଧ୍ୟା ୬ ଟା ସମୟରେ ଭୁବନେଶ୍ୱର ମହାନଗର ପକ୍ଷରୁ ଏକ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ସିଲ ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରିବେ।

# ଯୁବ କଂଗ୍ରେସର 'ଯୁବ ଅସନ୍ତୋଷ ସମାବେଶ'

**ଭୁବନେଶ୍ୱର,୨୧।୧ (ମହାଭାରତ):** ଯୁବ ଅସନ୍ତୋଷ ସମାବେଶ ନାମରେ ଆଜି ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯିବା ପାଇଁ ଏକ ବିଶାଳ ବିକ୍ଷୋଭର ଆୟୋଜନ କରାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଯୁବକଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଆଡକୁ ଶୋଭାଯାତ୍ରାରେ ଗଲାବେଳେ ପୂର୍ବରୁ ପୋଲିସ ଓ ଯୁବକଂଗ୍ରେସ କର୍ମୀ ମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ଧସ୍ତାଧସ୍ତି ବେଳେ ପୋଲିସ କେତେକ ଯୁବକଂଗ୍ରେସ କର୍ମୀଙ୍କୁ ସେଠାରୁ ଉଠାଇ ନେଇଥିଲା। ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ମୋଦି ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହିତ ଗତ ୧୧ ବର୍ଷ ଧରି ମୋଦି ଦେଶର ଯୁବଶକ୍ତିକୁ ପ୍ରତାରିତ କରିଛନ୍ତି ବୋଲି କହିଥିଲେ। ସେ କହିଥିଲେ ଯେ, ମୋଦି ଆଦାନୀଙ୍କ ମଧୁଚନ୍ଦ୍ରିକା କଥା ସମସ୍ତେ ଜାଣିଛନ୍ତି। ଗୁଜୁରାଟର ଆଦାନୀ ପୋର୍ଟରେ ପ୍ରାୟ ୨୦ ହଜାର କୋଟିର ଡ୍ରଗ୍ସ ଧରା ହେଲା, କିନ୍ତୁ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ୧୧ ବର୍ଷର ମୋଦି ସରକାରରେ ସମ୍ବିଧାନର କ୍ଷମତାକୁ ସଙ୍କୁଚିତ କରିଆସିଛି ଓ ଦେଶର ଗଣତନ୍ତ୍ର ଆଜି ବିପଦରେ ପଡ଼ିଛି। ସେ କହିଥିଲେ ଯେ, କେନ୍ଦ୍ର ଓ ଓଡ଼ିଶାରେ ବିଜେପି ସରାକର ଚାଲିଛି। ବିଜେପିର ମୁଖ୍ୟମନ୍ତ୍ରୀ ମୋଦିଙ୍କ ସଖିକଣ୍ଢେଇ ହୋଇ କାର୍ଯ୍ୟ କରୁଛନ୍ତି। ଯେଉଁମାନେ ମୋଦି ସରକାରର ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନଙ୍କ ବିରୋଧରେ ଇଡି, ସିବିଆଇ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥା ଲଗାଇ ହଇରାଣ ହରକତ କରାଯାଉଛି। ଦେଶରେ ବେକାରୀ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଛି। ମୋଦିଙ୍କର ବର୍ଷକୁ ୨ କୋଟି ନିଯୁକ୍ତି ପ୍ରତିଶ୍ରୁତି ୧୧ ବର୍ଷ ପରେ ପ୍ରତାରଣା ଥିଲା ବୋଲି ପ୍ରମାଣିତ କରୁଛି। ଓଡ଼ିଶାରେ ମୋହନ ସରକାର ମୋଦିଙ୍କର ଏକ କାଠପିତୁଳା ସରକାର ବୋଲି ସେ କହିଛନ୍ତି। ସ୍ଥାନୀୟ ପିଏମ୍‌ଜି ଛକ ଠାରେ ଅନୁଷ୍ଠିତ ଏହି ସମାବେଶରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଥିଲେ ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ ଯେ, ଯୁବ କଂଗ୍ରେସର ୮ ଦଫା ଦାବିକୁ ମୋହନ ସରକାର ତୁରନ୍ତ ସମାଧାନ କରିବା ପାଇଁ ଉଦ୍ୟମ କରନ୍ତୁ, ନଚେତ ଆନ୍ଦୋଳନ ଚାଲୁ ରହିବ। ବିଶେଷକରି ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଉତ୍କଟ ଦରଦାମ ବୋଝରେ ଓଡ଼ିଶା ଲୋକ ହନ୍ତସନ୍ତ ହୋଇପଡ଼ିଛନ୍ତି। ସେହିପରି ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବାକୁ କହି ଏବେ ସ୍ମାର୍ଟ ମିଟର ମାଧ୍ୟମରେ ମୋହନ ସରକାର ବିଜୁଳି ଖାଉଟିଙ୍କର ରକ୍ତ ଶୋଷଣ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ତାରାପ୍ରସାଦ ବାହିନୀପତି, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ନବଜ୍ୟୋତି ପଟ୍ଟନାୟକ, ୟାସିର ନୱାଜ, ଉଦିତ ପ୍ରଧାନ, ସନ୍ତୋଷ ଜେନା, ମନୋଜ ଜେନା, ମନୋଜ ବିଶ୍ୱାଳ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସୁଦୀପ ସାମଲ, ନିହାର ବେହେରା, ଅଜୟ ସାହୁ, କୃଷ୍ଣ ମହାନ୍ତି, ରାଜୀବ ପଟ୍ଟନାୟକ, କିରଣ ସାହୁ, ସତ୍ୟଜିତ ପଟ୍ଟନାୟକ, ଅଭିଳାଷ ମାଣିଆ, ମହମ୍ମଦ ଗୁଲଫାମ୍, ପ୍ରଭାସ କର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



## ସତର୍କ ରହିବାର ସମୟ

ସବୁଠାରୁ ଆଶ୍ୱସ୍ତିର ବିଷୟ ହେଲା ଏବେ ସୁଦ୍ଧା ଏହି ରୋଗରେ କେହି ଜୀବନ ହରାଇ ନାହାଁନ୍ତି । କାରଣ ଏହି ଭାଇରସର ସଂକ୍ରମଣ କ୍ଷମତା କରୋନା ତୁଳନାରେ କମ ଏବଂ ଏଥିରେ ମୃତ୍ୟୁ ହାର ମଧ୍ୟ ସେଭଳି ଅଧିକ ନୁହେଁ। କିନ୍ତୁ ଏହା ସତ୍ତ୍ୱେ ଏହାକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ। କାରଣ ଏହି ଭାଇରସ ମ୍ୟୁଟେସନ ହୋଇ ନୂଆ ରୂପରେ ଏବଂ ଅଧିକ ଶକ୍ତିଶାଳି ହୋଇ ମଣିଷକୁ ଆକ୍ରମଣ କରିପାରେ। ୨୦୨୧ରେ କରୋନା ଭାଇରସ ନୂଆ ରୂପ ନେଇ ଡେଲଟା ଭାଇରସ ନାମରେ ମୃତ୍ୟୁର ତାଣ୍ଡବ ରଚିଥିଲା। ତେଣୁ ଏମପିଭି ନୂଆ ରୂପରେ ଅଧିକ ଶକ୍ତିଶାଳି ହୋଇ ମଣିଷକୁ ଆକ୍ରମଣ କରିବ ନାହିଁ ବୋଲି କିଏ କହିବ? ଏହି ଭାଇରସ ନୁହେଁ। ୨୦୦୧ରେ ଏହା ପ୍ରଥମେ ଚିହ୍ନଟ ହୋଇଥିଲା। ସେବେଠାରୁ ଏହା ସୁପ୍ତ ଅବସ୍ଥାରେ ଥିଲା। ଏବେ ଏହା ସକ୍ରିୟ ହୋଇଛି। ଏହି ଭାଇରସ କୋଭିଡ ଭଳି ଶ୍ୱାସକ୍ରିୟାକୁ ପ୍ରଭାବିତ କରେ। ଶ୍ୱାସନଳୀ ଏବଂ ଫୁସଫୁସ ଏଥିରେ ପ୍ରଭାବିତ ହୋଇଥାଏ। ଅଧିକ ହେଲେ ରୋଗୀ ମୃତ୍ୟୁ ମୁଖରେ ପଡ଼ିଥାଏ। କରୋନା ଭଳି ଏହାର ଲକ୍ଷଣ ମଧ୍ୟ ସାଧାରଣ ଫ୍ଲୁ ଭଳି। ଥଣ୍ଡା, କାଶ, ଜ୍ୱର, ଛିଙ୍କ, ଜ୍ୱର ଏହାର ସାଧାରଣ ଲକ୍ଷଣ। କୋଭିଡ ମହାମାରୀ ଆରମ୍ଭ ବେଳେ ଯେପରି ପରିସ୍ଥିତି ଥିଲା, ଏବେ ଠିକ ସେହି ପରିସ୍ଥିତି। ଚୀନରେ ଅନେକ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଆଜି ପର୍ଯ୍ୟନ୍ତ ଏହାର ସଠିକ ଔଷଧ ବା ପ୍ରତିଷେଧକ ବାହାରି ନାହିଁ। ଉଦବେଗର ବିଷୟ ହେଲା ଚୀନ ଏହା ଉପରେ ସଠିକ ଏବଂ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରୁନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ବା ହୁ ମଧ୍ୟ ଏହା ଉପରେ ଆଜି ପର୍ଯ୍ୟନ୍ତ ନିରବ ରହିଛି। ଏହା ପରିସ୍ଥିତିକୁ ଅଧିକ ଜଟିଳ କରିପାରେ। କୋଭିଡ ମହାମାରୀର ଭୟଙ୍କର ଅନୁଭୂତି ଏବେ ବି ଲୋକେ ଭୁଲି ନାହାଁନ୍ତି। ଏହି ମହାମାରୀ ଯୋଗୁ ସାରା ବିଶ୍ୱରେ କୋଟିଏରୁ ଅଧିକ ଲୋକଙ୍କ ଜୀବନହାନୀ ହୋଇଥିଲା। ଏବେ ବି ଅନେକ ଦେଶରେ କୋଭିଡ ଆକ୍ରନ୍ତ ଚିହ୍ନଟ ହେଉଛନ୍ତି। ସବୁ ଦିନ ପାଇଁ ଏହି ରୋଗ ସହିତ, କରୋନା ଭାଇରସ ସହିତ ଆମକୁ ଲଢ଼େଇ କରିବାକୁ ପଡ଼ିବ। ଏହା କିପରି ସୃଷ୍ଟି ହେଲା ତାହା ଏବେ ବି ଅସ୍ୱଷ୍ଟ। ଚୀନର ଉହାନ ନଗରୀରୁ ଏହା ପ୍ରଥମେ ଚିହ୍ନଟ ହୋଇଥିଲା। କୁହାଯାଉଛି ଯେ, ବାଦୁଡ଼ି ବା ଅନ୍ୟ କୌଣସି ପଶୁ ବା ପକ୍ଷୀ ଶରୀରରୁ ଏହି ଭାଇରସ ମଣିଷ ଶରୀରକୁ ସଂକ୍ରମିତ କରିଥିଲା। ଆଉ କେତେକଙ୍କ ସନ୍ଦେହ ହେଲା ଉହାନ ସ୍ଥିତ ଏକ ଲ୍ୟାବରୁ ଏହା ସୃଷ୍ଟି ହୋଇଛି। ଏହା ଏକ ମନୁଷ୍ୟକୃତ ବିପର୍ଯ୍ୟୟ ଥିଲା ବୋଲି ଅଧିକାଂଶ ବିଶ୍ୱାସ କରନ୍ତି। ଏଥିପାଇଁ ଚୀନକୁ ଅଧିକାଂଶ ବ୍ୟକ୍ତି ଦୋଷ ଦିଅନ୍ତି। ଚୀନ ପକ୍ଷରୁ ଏଚଏମପିଭି ସଂକ୍ରମଣକୁ ଏକ ଶୀତଦିନିଆ ସାଧାରଣ ଫ୍ଲୁ ବୋଲି କୁହାଯାଉଛି। ଏଥିରେ ଚିନ୍ତିତ ହେବାର କିଛି ନାହିଁ, ଶୀତ ଦିନ ଗଲେ ଏହାର ପ୍ରକୋପ କମିଯିବ ବୋଲି ଚୀନ କହିଛି। କିନ୍ତୁ ଚୀନର ଆଶ୍ୱାସନାରେ ବିଶ୍ୱାସ ନାହିଁ। ସବୁ କଥାକୁ ଲୁଚାଇବା ଏହାର ପ୍ରକୃତି। କୋଭିଡ ମହାମାରୀ ସମ୍ପର୍କରେ ମଧ୍ୟ ଅନେକ ତଥ୍ୟ ଚୀନ ମୁଳରୁ ଲୁଚାଇଥିଲା ଏବେ ବି ଚୀନ ଅନେକ ତଥ୍ୟ ଲୁଚାଇଛି। ଯଦି କୋଭିଡ ମହାମାରୀ ସମ୍ପର୍କରେ ଚୀନ ମୁଳରୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରିଥାଆନ୍ତା ତେବେ ବିଶ୍ୱରେ କୋଟିଏ ଜୀବନ ଯାଇନଥାନ୍ତା। ଆର୍ଥିକ ବିପର୍ଯ୍ୟୟ ସୃଷ୍ଟି ହୋଇନଥାନ୍ତା। କୋଭିଡରେ ଆକ୍ରାନ୍ତ ହୋଇ ପ୍ରତ୍ୟକ୍ଷ ଭାବେ ଯେତିକି ଲୋକ ପ୍ରାଣ ହରାଇଛନ୍ତି ତାହାଠାରୁ ବହୁ ଅଧିକ ପରୋକ୍ଷରେ ଏଥିରେ ଶିକାର ହୋଇଛନ୍ତି। ସରକାରୀ ଭାବେ କୋଭିଡରେ ଯେତିକି ଲୋକ ପ୍ରାଣ ହରାଇଥିବା କୁହାଯାଉଛି ବାସ୍ତବରେ ତାହାଠାରୁ ଢେର ଅଧିକ ଲୋକ ଏଥିରେ ପ୍ରାଣ ହରାଇଛନ୍ତି। କୋଭିଡରେ ମୃତକଙ୍କ ମଧ୍ୟରୁ ଅନେକ ଭିନ୍ନ କାରଣରୁ ପ୍ରାଣ ହରାଇଥିବା କୁହାଗଲା। କିନ୍ତୁ ବାସ୍ତବରେ କୋଭିଡ ଯୋଗୁ ଅନ୍ୟ ରୋଗର ଚିକିତ୍ସା ସମ୍ଭବ ହେଲା ନାହିଁ ଏବଂ ଲୋକେ ଜୀବନ ହାରିଲେ।

“

*;ସଦଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁ ବ୍ୟକ୍ତି ଯେଉଁ ଭାବ ନେଇ ସଦଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦଗୁରୁଙ୍କ ଦର୍ଶନ ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହିପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି। ଏହି କାରଣରୁ ଦେଖାଯାଏ ଯେ ସଦଗୁରୁଙ୍କର ଦର୍ଶନ ଓ ସ୍ପର୍ଶନ ପରେ ବ୍ୟକ୍ତିର ଚରିତ୍ରରେ ଉନ୍ନତି ହୁଏ।*

# ସତ୍ୟନାମର ମାହାତ୍ମ୍ୟ

॥ ଉମେଶ ଚନ୍ଦ୍ର ପାତ୍ର ॥

ସତ୍ୟନାମରେ ତ୍ରିତାପଜ୍ୱାଳା ବିଦୂରିତ ହୁଏ। ଏହି ନାମ ଦ୍ୱାରା ଯେପରି ଆଧାତ୍ମିକ ଉନ୍ନତ ବା ଆତ୍ମାର ଉନ୍ନୟନ ଅତି ସତ୍ୱର ଅତି ସହଜରେ ହୁଏ, ସେହିପରି ସାଂସାରିକ ଦୁଃଖ-କଷ୍ଟ, ଯନ୍ତ୍ରଣା, ବିପଦ-ଆପଦ, ରୋଗଶୋକାଦି ମଧ୍ୟ ଶୀଘ୍ର ବିଦୂରିତ ହୁଏ। ସାଧାରଣତଃ ଦେଖାଯାଏ ଯେ କୌଣସି ଜଣେ ଲୋକକୁ ଯଦି ଗୋଟିଏ ଅଙ୍କ କରିବାକୁ ଦିଆଯାଏ, ସେ ସେହି ଅଙ୍କଟି କଠିନ ଏକଥା ଶୁଣିଲେ ବା ଅଙ୍କଟି କଠିନ ମନେ କଲେ ତା'ପକ୍ଷରେ ସେ ଅଙ୍କ କରିବା ଆଉ ସାଧ୍ୟ ହୁଏନାହିଁ। 'ଅଙ୍କଟି କରିପାରିବି ନାହିଁ' - ଏହି ଭାବ ମନରେ ଆସିଲେ ସେହି ଅଙ୍କରେ ସେ ଆଉ ମନୋନିବେଶ କରିପାରେନା। ମନଟି ନିବଷ୍ଟ ନ ହେଲେ ଆଉ ତାହାଦ୍ୱାରା ସେ ଅଙ୍କ ହୋଇପାରେନା। ହୁଏତ ଅଙ୍କଟି ସେ କରିପାରିବ ବିଶ୍ୱାସ କରି ଆରମ୍ଭ କଲେ ସେଥିରେ ତାର ମନ ନିବିଷ୍ଟ ହୁଅନ୍ତା, ଫଳରେ ସେ ଚେଷ୍ଟା କରି ହୁଏତ ସଫଳତା ଲାଭ କରିପାରନ୍ତା। ବିଶ୍ୱାସରେ ମନୋନିବେଶ ହୁଏ ଏବଂ ତଦ୍ୱାରା ଆଭ୍ୟନ୍ତରୀଣ ସୁପ୍ତଶକ୍ତିର ଉଦବୋଧନରେ କାର୍ଯ୍ୟରେ ସଫଳତା ଲାଭ ହୁଏ। ସେଥିପାଇଁ ଭଗବାନ କୃଷ୍ଣ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି- ଯୋଗ କର୍ମସୁ କୌଶଳଂ।

ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ। ମର୍ମସ୍ଥାନ ବା ଜୀବନୀ ଶକ୍ତି ଉତ୍ତେଜିତ ହେଲେ ଗୋଟାଏ ପ୍ରବାହ ଉପସ୍ଥିତ ହୁଏ, ଏବଂ ସେହି ପ୍ରବାହ ଦ୍ୱାରା ସମସ୍ତ ଯନ୍ତ୍ର, ଶରୀର ଓ ମନର କାର୍ଯ୍ୟକାରିତା ବୃଦ୍ଧି ପାଏ। ଆମ ଶରୀର ମଧରେ ହିଁ ଆରୋଗ୍ୟକାରୀ ଶକ୍ତି ବର୍ତ୍ତମାନ ଅଛି। କୌଣସି ପ୍ରକାର ଔଷଧ ବା ଉଷ୍ଣତା ବା ଶୈତ୍ୟାଦି ପ୍ରୟୋଗ ଦ୍ୱାରା ରୋଗ ଭଲ ହୁଏ ନାହିଁ। ଏଗୁଡ଼ିକର ପ୍ରୟୋଗ ଦ୍ୱାରା ସେହି ସୁପ୍ତ ଆରୋଗ୍ୟକାରୀ ଶକ୍ତିକୁ ଉଦବୋଧିତ ବା ଜାଗ୍ରତ କରିଦିଏ ବୋଲି ରୋଗ ଆରୋଗ୍ୟ ହୁଏ। ସେହିପରି ଭାବରେ ଜୀବନୀଶକ୍ତି ଉତ୍ତେଜିତ ହେଲେ ଆମ୍ଭମାନଙ୍କ ଶରୀରର ସମସ୍ତ ଯନ୍ତ୍ର କାର୍ଯ୍ୟକ୍ଷମ ହୁଏ। ସେମାନଙ୍କର କାର୍ଯ୍ୟକାରୀ ଶକ୍ତି ଉତ୍ତେଜିତ ହେବା ଦ୍ୱାରା ଆମର ଆଳସ୍ୟ, ମୋହ ଇତ୍ୟାଦି ଦୂରୀଭୂତ ହୋଇ ଆମେ ଖୁବ କାର୍ଯ୍ୟକ୍ଷମ ହେଉ। ପୁଣି ଠିକ୍ ସେହି ହିସାବରେ ଆମ ଦେହର ବା ଦେହ ଯନ୍ତ୍ରର ପୀଡ଼ା ଦୂରୀଭୂତ ହୁଏ। ପୀଡ଼ା ଯଦି ସାଧାରଣ ହୋଇଥାଏ ତେବେ କେବଳ ନାମ ଜପ ଦ୍ୱାରା ତାହାର ନିରାକରଣ ହୋଇପାରେ। ଯେତେ ପରିମାଣର ରୋଗାକ୍ରମଣ ସେତେ ପରିମାଣର ନାମ କମ୍ପନରେ ହିଁ ଉପକାର ହୋଇପାରେ, ଅଥବା ତତପେକ୍ଷା ଉଚ୍ଚ ଡିଗ୍ରୀର ନାମରେ ମଧ ହୋଇପାରେ, କିନ୍ତୁ ନିମ୍ନ ଡିଗ୍ରୀର ନାମରେ ହୋଇପାରେନା। ଯେପରି ଓଁର ଏକ ନିର୍ଦ୍ଦିଷ୍ଟ ଡିଗ୍ରୀର କମ୍ପନ ଅଛି। ସେହି ଓଁ ଜପ କଲେ ବାୟୁମଣ୍ଡଳରେ ନାମକାରୀର ଦେହରେ ବା ଶ୍ରୋତାର ଦେହରେ ଓଁ ଡିଗ୍ରୀର ଯେଉଁ କମ୍ପନ ଅଛି ତାହା ହିଁ ସ୍ପନ୍ଦିତ ହେବ। ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ଦ୍ୱାରା ସ୍ଥୁଳ କମ୍ପନ ହୁଏ, କିନ୍ତୁ ଧ୍ୱନ୍ୟାତ୍ମକ ନାମ, ଅନାହତ ନାଦ ବା ବୀଜମନ୍ତ୍ର ଦ୍ୱାରା ସୂକ୍ଷ୍ମ କମ୍ପନ ହୁଏ। ପୁଣି ଯେଉଁ ବୀଜମନ୍ତ୍ର ଯେତେ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅର୍ଥାତ୍ ସତ୍ୟାଦି ଉଚ୍ଚତମ ଧାମର ବୀଜ, ତାହା ଜପ କରିବା ଦ୍ୱାରା ସେତେ ଅଧିକ ସୂକ୍ଷ୍ମଦେଶ, ଇଥର ବା ଇଲେକଟ୍ରନାଦି ପର୍ଯ୍ୟନ୍ତ ଏବଂ ନର ଦେହର ସେତେ ଅଧିକ ସୂକ୍ଷ୍ମଦେଶ ବା ମର୍ମସ୍ଥାନ ପର୍ଯ୍ୟନ୍ତ କମ୍ପିତ ହୁଏ ଏବଂ ସେତେ ବେଶୀ ଶକ୍ତିର କମ୍ପନ ଉପସ୍ଥିତ ହୁଏ, ସୁତରାଂ କଠିନ ରୋଗ ଆରୋଗ୍ୟ ପାଇଁ ବା କୌଣସି କଠିନ କାର୍ଯ୍ୟ ସାଧନ ଅଥବା ଉଚ୍ଚତମ ଆଧାତ୍ମିକତା ଲାଭ କରିବା ପାଇଁ ଉଚ୍ଚତମ ସ୍ତରର ବୀଜ ଜପ କରିବା ଦରକାର।ସେଥିପାଇଁ ସାଧକ ଗାଇଛନ୍ତି - 'ନାମେ ଶୁଷ୍କତରୁ ମୁଞ୍ଜରିଲା।' ଅର୍ଥାତ୍ ନାମ ଦ୍ୱାରା ଶୁଷ୍କତରୁ ପଲ୍ଲବିତ ହୁଏ। ସେଥିପାଇଁ ନାମ ଦ୍ୱାରା ମୃତ ମଣିଷ ମଧ ବଞ୍ଚିପାରେ। ଯେଉଁମାନେ ରୋଗୀ, ସେମାନଙ୍କୁ ସତ୍ୟନାମ ଜପ କରାଇବା ଦ୍ୱାରା ଉପରୋକ୍ତ କାରଣରୁ ଏବଂ ସେଥି ସହିତ ବିଶ୍ୱାସ ବଳରେ ଆରୋଗ୍ୟ ଲାଭ ଘଟିଥାଏ। ଯେ ଯେଉଁ ଉଦ୍ଦେଶ୍ୟରେ ଯେପରି ଭାବରେ ନାମ କରେ, ସେହି କାର୍ଯ୍ୟରେ ତାହାର ମନୋଯୋଗ ହୋଇ ମନ ସଂଯତ ଓ ସଂଯୁକ୍ତ ହୁଏ ଏବଂ ତାହା ଫଳ ଲାଭ କରିବାରେ ସହାୟତା କରେ। କିନ୍ତୁ ଯେଉଁ ରୋଗୀର ସଂଜ୍ଞାଶୂନ୍ୟାବସ୍ଥା ହୋଇଥାଏ, ତାକୁ ନାମ ଦ୍ୱାରା ଆରୋଗ୍ୟ କରିବାକୁ ହେଲେ, ନାମକାରୀ ବ୍ୟକ୍ତିକୁ ଉଚ୍ଚତମ ଶକ୍ତିମାନ ନାମ ଜପ କରି ନାମମୟ ହୋଇ ରୋଗୀକୁ ସ୍ପର୍ଶ କରି ଏକାନ୍ତ ମନରେ ନାମ କରିବାକୁ ହେବ। ତଦ୍ୱାରା ତାହାର ନାମକାରୀର ଶରୀରରେ ଯେ କମ୍ପନ ହୁଏ ତାହା ବୈଦ୍ୟୁତିକ ଶକ୍ତି ଧାରା ପରି ରୋଗୀର ଶରୀରର ସମଜାତୀୟତା ବଶତଃ ଆଭ୍ୟନ୍ତରରେ ପ୍ରବେଶ କରି ପୂର୍ବୋଲ୍ଲିଖିତ ପ୍ରଣାଳୀ କ୍ରମେ ରୋଗ ନିରାମୟ କରେ। ଏହା ସଙ୍ଗେ ସଙ୍ଗେ ତାହାର ନିରାମୟ ଭାବର ଇଚ୍ଛାଶକ୍ତିର କ୍ରିୟା ମଧ ହୋଇଥାଏ। ମଣିଷର ଶାଖା ଅର୍ଥାତ୍ ହସ୍ତପଦର ଅଙ୍ଗୁଳି ନେଗେଟିଭ ପୋଲର କାର୍ଯ୍ୟ କରେ। ସେହି ଅଙ୍ଗୁଳି ସମୂହରେ ଅନ୍ତର୍ବାହୀ ଓ ବହିର୍ବାହୀ ସ୍ନାୟୁ ରହିଛି, ତଦ୍ୱାରା ଚୈତନ୍ୟ ଶକ୍ତିଧାରା ବାହିତ ହୋଇଥାଏ। ଉତ୍ତମାଙ୍ଗ ବା ଦେହ ପଜିଟିଭ ପୋଲ କାର୍ଯ୍ୟ କରେ। ସୁତରାଂ ଯେ ବ୍ୟକ୍ତି ନାମମୟ ହୋଇ ନାମ କରେ ତାହାର ହସ୍ତ ରୋଗୀର ଉତ୍ତମାଙ୍ଗରେ ବା ଦେହରେ ସଂସ୍ଥାପିତ ହେଲେ ଭଲ କାର୍ଯ୍ୟ ହୁଏ। ନାମର କମ୍ପନ ରୋଗୀର ଗୃହ, ତନ୍ମଧ୍ୟସ୍ଥ ବାୟୁ, ଅଣୁ-ପରମାଣୁ ଓ ଇଥର ଇତ୍ୟାଦିକୁ ମଧ ସ୍ପନ୍ଦିତ କରିଦିଏ। ତାହାର ଫଳ ମଧ ରୋଗୀ ଲାଭ କରିଥାଏ। ଯେପରି କୌଣସି ସ୍ଥାନରେ କୌଣସି ଅସତ୍ କାର୍ଯ୍ୟ କଲେ ବା ଅସତ୍ ବାକ୍ୟ ଉଚ୍ଚାରିତ ହେଲେ ସେହି ସ୍ଥାନର ଅଣୁ-ପରମାଣୁ ଓ ଇଥର ପ୍ରଭୃତିରେ ସେହି ଅସତ୍ ଭାବର କମ୍ପନ ଯେପରି ବିସ୍ତାର ଲାଭ ଘଟିଥାଏ, ନାମ କମ୍ପନରେ ମଧ ତଦ୍ରୁପ ହୋଇଥାଏ। ଗୋଟିଏ ସତ୍ୟ ଘଟଣା ଅଛି। କୌଣସି ଏକ ସ୍ଥାନରେ ଗୋଟିଏ ଛୁରୀ ଦ୍ୱାରା ନରହତ୍ୟା ହୋଇଥିଲା। ତାପରେ ଦେଖାଗଲା, ସେହି ନରହତ୍ୟା ଭାବ କମ୍ପନ ସେହି ଛୁରୀରେ ଏପରି ଭାବରେ ପ୍ରବେଶ କରିଥିଲା ଯେ, ଯେ କେହି ବ୍ୟକ୍ତି ସେହି ଛୁରୀ ହାତରେ ଧରିଲେ ତାହାର ନରହତ୍ୟା କରିବାର ଇଚ୍ଛା ହେଉଥାଏ। ସେହିପରି ସାଧୁପୁରୁଷ ଓ ମହାପୁରୁଷଗଣ ନାମମୟ ରହୁଥିବାରୁ ସେମାନଙ୍କ ଅଙ୍ଗ ସଂଶ୍ଳିଷ୍ଟ ପ୍ରତ୍ୟେକ ବସ୍ତୁ ହିଁ ନାମ କମ୍ପନମୟ ହୋଇଥାଏ। ସେତେବେଳେ ସେହିସବୁ ବସ୍ତୁ ଦ୍ୱାରା ଅନେକଙ୍କର ଅନେକ ଉଦ୍ଦେଶ୍ୟ ସଫଳ ହୁଏ। ଯେପରି ସାଧୁ ପିତରଙ୍କ ଗାମୁଛା ସ୍ପର୍ଶ ଦ୍ୱାରା ବହୁ ବ୍ୟକ୍ତିଙ୍କର ରୋଗ ଆରୋଗ୍ୟ ହେଉଥିଲା। ସାଧୁଙ୍କ ଚରଣଧୂଳି ବା ଚରଣାମୃତରେ ଅନେକ ରୋଗ ଆରୋଗ୍ୟ ହୋଇଥାଏ। ଜଣେ ଜଜକୋର୍ଟର ଓକିଲ ପୂଣ୍ୟପୋଥିର ଭାଷ୍ୟକାର ଲେଖିଛନ୍ତି ଜଣେ ଭଦ୍ରଲୋକର ହାତ ଧରି ମୋର ମନ ହେଉଥିଲା - ଯେପରି ତାଙ୍କର ସମସ୍ତ ଶିରାକମ୍ପନ ସେହି ଓଁକାର ଧ୍ୱନି ଶୁଣା ଯାଉଛି।ଉପରୋକ୍ତ ଉପାୟରେ ସତ୍ୟନାମର ଶକ୍ତିରେ ମୃତ ବ୍ୟକ୍ତିର ଜୀବନ ଲାଭ ହୋଇପାରେ। ଯଦି ମୃତ୍ୟୁର ସମ ସମୟରେ ବା ଠିକ ଅବ୍ୟବହିତ ପରେ ସତ୍ୟନାମର ଶକ୍ତି ପ୍ରୟୋଗ କରାଯାଏ, ତା'ହେଲେ ତାହାର ସେହି ଅନ୍ତରତମ ମର୍ମସ୍ଥାନ ମସ୍ତିଷ୍କରେ ଚୈତନ୍ୟ ଶକ୍ତି ଉତ୍ତେଜିତ ହୋଇ ବୈଦ୍ୟୁତିକ ଶକ୍ତି ସ୍ରୋତ ଓ କୃତ୍ରିମ ଶ୍ୱାସ ପ୍ରକ୍ରିୟା ଦ୍ୱାରା ଯେପରି ହୁଏ ସେହିପରି ଭାବରେ ସମସ୍ତ ଯନ୍ତ୍ର ଏକ ସଙ୍ଗରେ କାର୍ଯ୍ୟ କରିବା ଦ୍ୱାରା ଜୀବନଲାଭ ଘଟିଥାଏ - ଅବଶ୍ୟ ଯଦି ଅଭ୍ୟନ୍ତରସ୍ଥ କୌଣସି ଯନ୍ତ୍ର ଧ୍ୱଂସପ୍ରାପ୍ତ ନ ହୋଇଥାଏ। ଏକଥା ବିଜ୍ଞାନଶାସ୍ତ୍ର ସମ୍ମତ ଓ ପ୍ରତ୍ୟକ୍ଷ ପରୀକ୍ଷିତ।

ସଦଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁ ବ୍ୟକ୍ତି ଯେଉଁ ଭାବ ନେଇ ସଦଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦଗୁରୁଙ୍କ ଦର୍ଶନ ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହିପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି। ଏହି କାରଣରୁ ଦେଖାଯାଏ ଯେ ସଦଗୁରୁଙ୍କର ଦର୍ଶନ ଓ ସ୍ପର୍ଶନ ପରେ ବ୍ୟକ୍ତିର ଚରିତ୍ରରେ ଉନ୍ନତି ହୁଏ। ସତଭାବ ନେଇ ତାଙ୍କ ନିକଟସ୍ଥ ହେଲେ ସଦଭାବର ଉଦବୋଧନ ହୁଏ, ବୃଦ୍ଧି ହେବାକୁ ଲାଗେ। ପୁଣି ତାଙ୍କ ମଧ୍ୟରେ ନାମର ଶକ୍ତିର କମ୍ପନ ବର୍ତ୍ତମାନ ଥିବାରୁ ତାଙ୍କର ଦର୍ଶନ ସ୍ପର୍ଶନରେ ଅଥବା ତାଙ୍କର ଅଙ୍ଗ ସଂଲଗ୍ନ ଶକ୍ତି ସଞ୍ଚାରିତ ବସ୍ତୁ ଦ୍ୱାରା ନାନାବିଧ ଅଦ୍ଭୁତ ଘଟଣା ସଙ୍ଘଟିତ ହୋଇଥାଏ।

ବିଶ୍ୱାସରେ ରୋଗ ଆରୋଗ୍ୟ ହୁଏ ବୋଲି ଶୁଣାଯାଏ, ସେ କଥା ସତ୍ୟ। କିନ୍ତୁ ସେହି ବିଶ୍ୱାସ ସହିତ ଯଦି ସତ୍ୟନାମ ଜପ କରାଯାଏ, ତା'ହେଲେ ବହୁ ଅସାଧ୍ୟ ବ୍ୟାଧି ଆରୋଗ୍ୟ ହୋଇ ମୁମୁର୍ଷୁ ଓ ମୃତ ବ୍ୟକ୍ତିର ଜୀବନଲାଭ ହୁଏ। ନାମ ପ୍ରୟୋଗର ଆହୁରି କେତେ ଗୁଡ଼ିଏ ପ୍ରକ୍ରିୟା ଅଛି ତାହା ସଦଗୁରୁ ଉପଦେଶଗମ୍ୟ। ସେହି ପ୍ରଣାଳୀ ଅବଗତ ନ ହେଲେ ପ୍ରକୃତ ଭାବରେ କାର୍ଯ୍ୟରେ ସଫଳତା ଆସେନାହିଁ। ଆୟୁର୍ବେଦ ଶାସ୍ତ୍ରୋକ୍ତ ଚିକିତ୍ସା ପ୍ରଣାଳୀରେ ରୋଗ ଆରୋଗ୍ୟ ହୋଇଥାଏ। ପୁଣି ଏଲୋପ୍ୟାଥିକ ଚିକିତ୍ସା ପ୍ରଣାଳୀରେ ମଧ୍ୟ ରୋଗାରୋଗ୍ୟ ହୁଏ। ମାନସିକ ଶକ୍ତି ବା ହିପନଟିଜମ ଦ୍ୱାରା ରୋଗାରୋଗ୍ୟ ହୋଇଥାଏ। ସୂକ୍ଷ୍ମତତ୍ତ୍ୱ ହୋମିଓପ୍ୟାଥିର ଉଚ୍ଚଶକ୍ତିର ଏକ ମାତ୍ରାରେ ମଧ୍ୟ ରୋଗାରୋଗ୍ୟ ହୁଏ। ପୁଣି ଶତସହସ୍ର ଔଷଧ ଦ୍ୱାରା ଚିକିତ୍ସା ନକରି ମଧ୍ୟ ମାତ୍ର ବାରଗୋଟି ବାଇଓକେମିକ ବା ଟିସୁରେମିଡ଼ି ଦ୍ୱାରା ରୋଗାରୋଗ୍ୟ ହେଉଛି। ସେହିଭଳି ବର୍ତ୍ତମାନ ନବଯୁଗରେ ପ୍ରଣାଳୀକ୍ରମରେ ଏକ ସତ୍ୟନାମ ଦ୍ୱାରା ସହଜରେ ସତ୍ୱର ରୋଗାରୋଗ୍ୟ ହେଉଅଛି ଏବଂ ହେବ, ଅକାଳ ମୃତ୍ୟୁର ହାତରୁ ରକ୍ଷା ମିଳିପାରିବ। ତାହାର ସୂତ୍ରପାତ ହେଉଅଛି। ତାହା ସୁଦୂର ଭବିଷ୍ୟତରେ ନୁହେଁ। ଏ ନୁହେଁ କାହାଣୀ ଏ ନୁହେଁ ସ୍ୱପ୍ନ। ସେଦିନ ଆଗତପ୍ରାୟ। ପୂର୍ବୋକ୍ତ ସେହିସବୁ ଚିକିତ୍ସା ପ୍ରଣାଳୀ ଦ୍ୱାରା ରୋଗ ଆରୋଗ୍ୟ ଅପେକ୍ଷା ସତ୍ୟନାମରେ ରୋଗ ଆରୋଗ୍ୟର ଶକ୍ତି ଅତ୍ୟନ୍ତ ଅଧିକ। ପ୍ରତ୍ୟକ୍ଷ ସତ୍ୟ କଥା। ଯେ କେହି ପରୀକ୍ଷା କରିଦେଖିପାରନ୍ତି। କଳକୀ ଅବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ସତ୍ୟନାମର ପ୍ରବର୍ତ୍ତକ ଓ ନାମ ହସ୍ପିଟାଲର ପ୍ରତିଷ୍ଠାତା। ନାମ କମ୍ପନ ମାଧ୍ୟମରେ ରୋଗୀ ଚିକିତ୍ସା (ଭାଇବ୍ରେସିଟର) ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଏକ ଅଭିନବ ପରିକଳ୍ପନା।


**ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**


# ପ୍ରକୃତିର ଆହ୍ୱାନ

॥ ଶୁଭସ୍ମିତା ସାମଲ ॥

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା'ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ? ଭଅଁରର ସ୍ୱର କାହିଁକି ଶୁଣାଯାଉନିତ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ ।

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ୍ତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ କମ୍ କରିଛି । ବୈଜ୍ଞାନିକମାନେ ମଧ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜଷ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍‌ମାନେ ମତ ଦିଅନ୍ତୁ । ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡ଼ି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ।

ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି - ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧାନ କେବଳ ଇକୋ - ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ୍)ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଞ୍ଚଳ ମଧ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।


**ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ**


# ନାନା ମୁନୀ ନାନା ମତ

॥ ଅନୀତା ପଟ୍ଟନାୟକ ॥

ବେଦରେ ସୁନ୍ଦର ଭାବରେ ବର୍ଣ୍ଣନା କରି କୁହାଯାଇଛି ଯେ - 'ଏକଂ ସତ୍ ବିପ୍ରା ବହୁଧା ଭବନ୍ତି' ଏହାର ଅର୍ଥ ସତ୍ୟ ହିଁ ଏକ କିନ୍ତୁ ଜ୍ଞାନୀ ବା ପଣ୍ଡିତମାନେ ଏହାକୁ ବିଭିନ୍ନ ପ୍ରକାରରେ ବର୍ଣ୍ଣନା କରିଛନ୍ତି। ସମସ୍ତଙ୍କୁ ଗଳ୍ପ ପଢ଼ିବାକୁ ଭାରି ଭଲ ଲାଗେ। ସବୁ ବର୍ଗର ଲୋକଙ୍କୁ କ୍ଷୁଦ୍ର ଗଳ୍ପ ଖୁବ ସୁନ୍ଦର ଓ ମଧୁର ଲାଗେ। ସେଥିପାଇଁ ଯୋଗୀ ସନ୍ନ୍ୟାସୀ, ଅବତାରୀ ପୁରୁଷମାନେ ପରମ ସତ୍ୟକୁ ବୁଝାଇବା ସମୟରେ ମୂଲ୍ୟବୋଧଭିତ୍ତିକ ଗଳ୍ପର ସାହାଯ୍ୟ ଦେଇଥାନ୍ତି। ଦିନେ ଆମକୁ ଦର୍ଶନଶାସ୍ତ୍ର ଶିକ୍ଷା ଦେଉଥିବା ଶିକ୍ଷକ ଆମ ଶ୍ରେଣୀ ଗୃହରେ 'ଆମେ କେଉଁଠାରୁ ଆସିଛୁ? କେଉଁଠାକୁ ଯିବୁ? ଓ ଆମର ଜୀବନର ଉଦ୍ଦେଶ୍ୟ କଣ?' ବିଷୟଟିକୁ ଉତ୍ଥାପନ କଲେ। ଆମ ଠାରୁ ପ୍ରଶ୍ନୋତ୍ତର ମାଧ୍ୟମରେ ସେ ଉତ୍ତର ଆଦାୟ କରିବାକୁ ଚେଷ୍ଟା କରି ପରବର୍ତ୍ତୀ କ୍ଲାସରେ ଏହାର ଉତ୍ତର ଦେବାକୁ କହିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା। ଏହାଥିଲା ଯେ ସେ ପରବର୍ତ୍ତୀ କ୍ଲାସ ନେବା ପୂର୍ବରୁ ତାଙ୍କର ବଦଳି ହୋଇଯାଇଥିଲା। କିନ୍ତୁ ଶ୍ରେଣୀଗୃହରେ ସେ ଯେଉଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ ତାହା ଆଜି ବି ମୋର ମନେଅଛି। ସେହି ପୂଜ୍ୟ ଗୁରୁଙ୍କର ପ୍ରଶ୍ନ ଓ ଉତ୍ତର ମୁଁ ଆନନ୍ଦର ସହ ନିମ୍ନରେ ବର୍ଣ୍ଣନା କରୁଛି। ପାଠକ ପାଠିକା ମାନଙ୍କୁ ଅନୁରୋଧ ଏହି ପ୍ରଶ୍ନୋତ୍ତର ପଢ଼ି କେଉଁଟି ସଠିକ ଉତ୍ତର ତାହା ଜଣାଇଲେ ମୁଁ ଆନନ୍ଦିତ ହେବି।

ଶିକ୍ଷକ ସେହିଦିନ କହିଥିଲେ ଯେ ଜ୍ଞାନୀ ଗୁଣୀ ଲୋକମାନେ ଚିରନ୍ତନ ସତ୍ୟର ଅନୁସନ୍ଧାନକୁ ସେମାନଙ୍କର ମାନସିକ ଚିନ୍ତାଧାରା ସ୍ତରକୁ ନେଇ ପରିପ୍ରକାଶିତ କରିଥାନ୍ତି। ଶିକ୍ଷକ ଏହିପରି ଭାବରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ଶ୍ରେଣୀଗୃହର ସବୁଠାରୁ ଭଲପିଲା ସଞ୍ଜୟକୁ ଆମ ଶ୍ରେଣୀର ଧୃତରାଷ୍ଟ୍ର ବୋଲି ଏକ ପିଲାକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ ଯଥା - ସେ କେଉଁଠାରୁ ଆସିଛି? କେଉଁ ଠାକୁ ଯିବ ଓ ତାର ଜୀବନର ଉଦ୍ଦେଶ୍ୟ କ'ଣ? ଧୃତରାଷ୍ଟ୍ର ଉତ୍ତର ଦେଲା - 'ମୁଁ ମାମୁଁ ଘରୁ ଆସିଛି। ବଜାରକୁ ଯିବି, ଫଳ କିଣିବା ମୋର ଉଦ୍ଦେଶ୍ୟ'। ଶିକ୍ଷକ ଏଥର ଶ୍ରେଣୀର ଅନ୍ୟ ଏକ ଛାତ୍ର ଅର୍ଜୁନକୁ ଶ୍ରେଣୀର - ଅନ୍ୟ ଏକ ଛାତ୍ର ଭୀଷ୍ମକୁ ପ୍ରଶ୍ନ ପଚାରିବାକୁ କହିଲେ। ଭୀଷ୍ମ ନିଜର ଉତ୍ତର ରଖି କହିଲା - 'ମୁଁ ବାପାମାଆଙ୍କ ପାଖରୁ ଆସିଛି। ମୋର ଜୀବନ ମୋର ଭାଗ୍ୟକୁ ନେଇ ଚାଲିଛି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ ମୁଁ ଏ ସଂସାରରେ ଯାହା ପାଇଛି ବା ପାଇବି ତାଠାରୁ ଅଧିକ କିଛି ଏ ସଂସାରକୁ ଦେବି। ମୋ ଜୀବନର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଛାତ୍ର ପଦ୍ମପାଦକୁ ସେହି ଶ୍ରେଣୀର ଛାତ୍ର ଶଙ୍କରକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। ପଦ୍ମପାଦ ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଇ କହିଲା। 'ମୁଁ ପୂର୍ଣ୍ଣତାରୁ ଆସିଛି। ପୂର୍ଣ୍ଣତା ଆଡ଼କୁ ଯାଉଛି। ମୁଁ ବର୍ତ୍ତମାନ ପୂର୍ଣ୍ଣତାକୁ ଉପଲବ୍ଧି କରୁଛି। ଏହା ହିଁ ମୋର ଦୈନନ୍ଦିନ ଜୀବନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।' ଏଥର ଶିକ୍ଷକ ସେହି ପ୍ରଶ୍ନଟିକୁ ଆମର ଶ୍ରେଣୀର ଅନ୍ୟ ଏକ ଛାତ୍ର ବିବେକାନନ୍ଦକୁ ବୁଦ୍ଧ ନାମକ ଅନ୍ୟଏକ ଛାତ୍ରକୁ ପଚାରିବାକୁ କହିଲେ। ବୁଦ୍ଧ ମୁଦ୍ରିତ ଚକ୍ଷୁରେ ଉତ୍ତର ରଖି କହିଲା 'ମୁଁ ଶୂନ୍ୟତାରୁ ଆସିଛି। ଶୂନ୍ୟତା ଆଡ଼କୁ ଯାଉଛି ଓ ଶୂନ୍ୟତା ହିଁ ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଅନ୍ୟ ଏକ ଛାତ୍ର ହସ୍ତମଳକକୁ ତ୍ରୋଟକ ନାମକ ଏକ ଛାତ୍ରକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ। ତ୍ରୋଟକ ପ୍ରେମପୂର୍ଣ୍ଣ ଭାବେ ଉତ୍ତର ଦେଇ କହିଲେ 'ମୁଁ ଆସିନାହିଁ। ମୁଁ କେଉଁଠାକୁ ଯାଉନାହିଁ। ତେଣୁ ମୋର ଜୀବନର ଲକ୍ଷ୍ୟ ନାହିଁ।' ଏଥର ଶିକ୍ଷକ ଆମ ଶ୍ରେଣୀର ସତ୍ୟବନ୍ତ ଓ ଧୀରସ୍ଥିର ଏକ ଛାତ୍ର ଯୁଧିଷ୍ଠିରକୁ ସେହି ଶ୍ରେଣୀର ଅନ୍ୟ ଏକ ଛାତ୍ର କୃଷ୍ଣକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। କୃଷ୍ଣ ଉତ୍ତର ଦେବା ଭଙ୍ଗୀରେ ଠିଆ ହେଲେ। କିନ୍ତୁ ଏ କଣ? ତାଙ୍କର କୌଣସି ଉତ୍ତର ନଥିଲା। କେବଳ ଥିଲା 'ସ୍ମିତହାସ୍ୟ' ଶିକ୍ଷକ କହିଲେ କୃଷ୍ଣ ଏହି ପ୍ରଶ୍ନର ଉତ୍ତର କଣ କେବଳ ସ୍ମିତହାସ୍ୟ। ସେ ଉତ୍ତର ଦେଇଥିଲେ 'ହଁ ସାର' । ଏଥର ପଲ୍ଲବୀକୁ ମତେ ମତେ ସେହି ପ୍ରଶ୍ନ ପଚାରିବାକୁ କହିଲେ, ମୁଁ ଉତ୍ତରରେ କହିଲି 'ମୁଁ ନିରାକାର ଥିଲି, ମାତୃଗର୍ଭରେ ଧୀରେ ଧୀରେ ମୁଁ ଆକାର ନେଲି। ପ୍ରତିଦିନ ମୋର ଚେଷ୍ଟା ହେଉଛି ମୋର ଏହି ଆକାରକୁ ଛାଡ଼ି ମୁଁ କିପରି ନିରାକାର ହୋଇଯିବି ମୋର ଜୀବନର ଲକ୍ଷ୍ୟ ହେଉଛି ଯେ କିପରି ମତେ ଆଉଥରେ ଆକାର ନେବାକୁ ପଡ଼ିବ ନାହିଁ।' ଦୁଃଖର ବିଷୟ ଶ୍ରେଣୀର ଦର୍ଶନଶାସ୍ତ୍ରର ଶିକ୍ଷକ ବଦଳି ହୋଇଯିବାରୁ ଆଜି ପର୍ଯ୍ୟନ୍ତ ସଠିକ ଉତ୍ତର ପାଇପାରିନାହିଁ। କେଉଁଟି ସଠିକ ଉତ୍ତର ଜଣାଇଲେ ମୁଁ ଚରିଉପକୃତ ହେବି।


**ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬**



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା







୧୫୬୧୧।


## ରାଜ୍ୟ ମୁଖ୍ୟ କମିଶନର ଦୁଷ୍ୟନ୍ତ ନାଥଙ୍କୁ ଏଚ୍ ସି ଡବ୍ଲୁ ମାନପତ୍ର ପ୍ରଦାନ



ଅନୁଗୋଳ,(ମହାଭାରତ):ଚଳିତ ମାସ ତା ୧୮/୦୧/୨୦୨୫ ରିଖ ଦିନ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ ର ମୁଖ୍ୟ କମିଶନର ଓ ଜାତୀୟ ଉପସଭାପତି ଡଃ କାଳୀ ପ୍ରସାଦ ମିଶ୍ର ଓ ତାଲିମ୍ କମିଶନର ସୁରଜ୍ଜି ସେନ୍ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ଠାରେ ରୋଟାରୀ ପବ୍ଲିକ୍ ସ୍କୁଲ୍ ର ସ୍କାଉଟ୍ ମାଷ୍ଟର ଦୁଷ୍ୟନ୍ତ କୁମାର ନାଥଙ୍କୁ ହିମାଳୟ ଉଡ୍ ବ୍ୟାଚ ମାନପତ୍ର ପ୍ରଦାନ କରିଥିଲେ। ଉକ୍ତ ମାନପତ୍ର ପାଇ ଫେରିଲା ପରେ ସ୍କୁଲ୍ ପରିଚାଳନା କମିଟି ଅଧକ୍ଷ ନିର୍ମଳ କୁମାର ମିଶ୍ର, ନିଖିଳ ରଞ୍ଜନ ମିଶ୍ର, ଅଧକ୍ଷ ଡ଼ଃ ଅଶୋକ କୁମାର ବେହେରା, ଉପାଧକ୍ଷ ଡଃ ମନୋରଞ୍ଜନ ପଣ୍ଡା, ପ୍ରଧାନ ଶିକ୍ଷୟତ୍ରୀ କଲ୍ପଲତା ଦାଶ, ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାଗତ ଓ ସମ୍ବର୍ଧନା ଜଣାଇଁ ଥିଲେ।

## ପକ୍ଷୀ ଶିକାରୀ ଗିରଫ



ଚିଲିକାରେ ଏବେ ବିଦେଶାଗତ ପକ୍ଷୀ ମାନଙ୍କର କଳରବରେ ଫାଟି ପଡୁଛି। ସେହି ବିଦେଶାଗତ ପକ୍ଷୀମାନଙ୍କୁସୁରକ୍ଷାଦେବାପାଇଁ ବନ୍ୟପ୍ରାଣୀ ବିଭାଗ ସମସ୍ତ ପ୍ରକାର ବନ୍ଦୋବସ୍ତ କରିଛି। ଚିଲିକା ରେ ଚାଲିଛି ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥାୟ ହେଲେ ସେହି ସୁରକ୍ଷା କୁ ମାତ ଦେଇ ଶିକାରୀ କରୁଛନ୍ତି ଶିକାର ।ଖୋଲାମେଲାରେ ବିକ୍ରି କରୁଛନ୍ତି ବିଦେଶୀ ପକ୍ଷୀୟ ଆଜି ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ମାନେ ପେଟ୍ରୋଲିଲିଙ୍ଗ କରୁଥିବା ବେଳେ ବାୟାବାଙ୍କ ନିକଟରେ ଚଢ଼ାଉ କରି ଜଣେ ଶିକାରୀ ଙ୍କୁ ଗିରଫ କରିଛନ୍ତି। ଗିରଫ ଶିକାରୀ ନିକଟରୁ ୯ ଟି ମୃତ ବିଦେଶାଗତ ପକ୍ଷୀ ଜବତ କରିଛନ୍ତି। ଗିରଫ ଶିକାରୀର ନାମ ମୁନା ପାତ୍ର ୨୧ ବର୍ଷ ଘର ରତନ ପୁର ଗ୍ରାମରେ ବୋଲି ଜଣା ପଡିଛି।ଶିକାରୀ ପକ୍ଷୀ ମାନଙ୍କୁ ବିଷ ଦେଇ ପକ୍ଷୀ ଶିକାର କରୁଥିଲା।ସେ ମୃତ ପକ୍ଷୀ ମାନଙ୍କୁ ରତନ ପୁର ରେ ୧୫୦ ରୁ ୩୦୦ ଟଙ୍କା ରେ ବିକ୍ରି କରୁଥିବା ସ୍ୱୀକାର କରିଛି ଶିକାରୀ।

## ସରସ୍ୱତୀ ପୂଜା ପାଇଁ ମୂର୍ତ୍ତି କାରିଗର ବ୍ୟସ୍ତ ବହୁଳ ଅଭିଳାଷ ବେହେରା

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ଅଞ୍ଚଳ ର ଅଭିଳାଷ ବେହେରା ଆଜକୁ ପ୍ରାୟ ୮, ୯ ବର୍ଷ ଧରି ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଗୁଡିକ ରେ ଗଣେଶ ମର୍ତ୍ତି, ସରସ୍ୱତୀ, ବିଶ୍ୱାକର୍ମା, ଖୁଦୁରୁକୁଣୀ , ଗ୍ରାମ୍ୟ ଯଜ୍ଞ କମିଟି ରାଧାକୃଷ୍ଣ ମୂର୍ତ୍ତି ତଥା ବିଭିନ୍ନ ପ୍ରକାର ମୂର୍ତ୍ତି ଗୁଡିକ ସ୍କୁଲ, କଲେଜ, ଶିଶୁମନ୍ଦିର, ପବ୍ଲିକ ଅନୁଷ୍ଠାନ ବିଭିନ୍ନ ଗାଁ ମାନଙ୍କ ରେ ମୂର୍ତ୍ତି ଯୋଗାଇ ଆସୁଛନ୍ତି । କିନ୍ତୁ ଆଜିପର୍ଯ୍ୟନ୍ତ ମିସ୍ତ୍ରୀ, ବାଡେଇ, ଟେଲରିଙ୍ଗ, କୁମ୍ଭାର, ସୁନାରି ଏମାନଙ୍କୁ ବିଶ୍ୱାକର୍ମା ଯୋଜନା ନାମରେ ସରକାର ବିଭିନ୍ନ ସହାୟତା ଘୋଷଣା କରିଥିବା ବେଳେ କାରିଗର ମାନଙ୍କ ପାଇଁ ସହାୟତା ମିଳୁନ ଥିବା କହିଛନ୍ତି ସମସ୍ତ କାରିଗର । ମୂର୍ତ୍ତି କାରିଗର କହିବାନୁସାରେ ଗୋଟିଏ ମୂର୍ତ୍ତି ଗଠନ କରିବାକୁ ହେଲେ ବାଉଁଶ, ସୁତୁଲି, ଚିଟିକା ମାଟି,କଲର, କପଡା ଇତ୍ୟାଦି ଆବଶ୍ୟକ ହୋଇଥାଏ । ଯେତିକିରେ ସବୁ ସାମାନ କିଣା ପଡୁଛି ସେତିକିରେ ତାଙ୍କ ପାରିଶ୍ରମିକ ସମାନ ହେଉଛି ।ଯଦି ସରକାର ଙ୍କ ତରଫରୁ କିଛି ସହାୟତା ମିଳନ୍ତା ତାହେଲେ ଆହୁରି ଅଧିକ ରୁ ଅଧିକ ତିଆରି କରି ଯୋଗାଇ ପାରନ୍ତେ ବୋଲି କହିଛନ୍ତି ଯତାଙ୍କୁ ସହଯୋଗ କରୁଛନ୍ତି ଭାଗବତ ବଗର୍ତ୍ତୀ, ବାଳକୃଷ୍ଣ କହଁର, ଅଭିରାମ କହଁର, କାର୍ତିକ ବେହେରା ମୂର୍ତ୍ତି କରିବାରେ ସାହାଯ୍ୟ କରିଆସୁଛନ୍ତି । ଯଦି ସରକାର ସମସ୍ତ ସୁବିଧା ଯୋଗାଇ ଦିଅନ୍ତୁ ତାହେଲେ ସମସ୍ତ ଉପକୃତ ହୁଅନ୍ତେ ବୋଲି ଆଶା ରଖିଛନ୍ତି ।

## ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଆସନ୍ତା ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗୀତା ରେ ପ୍ରବନ୍ଧ, ବକ୍ତୃତା, କୁଇଜ୍, ଦେଶାତ୍ମକ ବୋଦକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଗଜପତି ଷ୍ଟାଡିୟମ ଠାରେ ଆସନ୍ତା ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଦିନ ମୁଖ୍ୟ ଅତିଥିଙ୍କ ଦ୍‌ୱାରା ପୁରସ୍କୃତ କରାଯିବ। ଆଜିର ଏହି କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଶ୍ରୀ ବିଚିତ୍ରା ନନ୍ଦ ବେବର୍ତ୍ତା, ସହକାରୀ ଶିକ୍ଷକ,ଶ୍ରୀ ଅମେଶ ଲିମ୍ମା, ଶିକ୍ଷୟତ୍ରୀ ଶ୍ରୀମତୀ ସୁଲତା ଶୁଭଦର୍ଶୀ, ଶ୍ରୀ ଜଗନ୍ନାଥ ପଟ୍ଟନାୟକ, ଶ୍ରୀମତୀ ଅନିତା ଦାସ, ଶ୍ରୀ ରମାକାନ୍ତ ବରାଡ଼, ଶ୍ରୀ ସିମାଞ୍ଚଳ ବେହେରା ଶ୍ରୀମତୀ ଯଶସ୍ୱିନି ପାଣି, ଶ୍ରୀମତୀ ସୁମିତ୍ରା କୁମାରୀ ଜେନା ଦେବୀ ପ୍ରସାଦ ପଟ୍ଟନାୟକ ଶ୍ରୀମତୀ ସୁଜତା ନନ୍ଦ ପ୍ରମୁଖ ବିଚାରକ ମଣ୍ଡଳୀ ବାଭରେ ଉପସ୍ଥିତ ଥିଲେ। ଏହି ସବୁ ପ୍ରତିଯୋଗିତାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଆୟୋଜିତ ହେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପିଇଟି ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଫେରି ଯା ନବଯୁଗ କମ୍ପାନୀ, ଆମେ ମରିବୁ ପଛେ ବନ୍ଦର ହେବାକୁ ଦେବୁନି

ଅସ୍ତରଙ୍ଗ(ମହାଭାରତ): ୨୦୦୬ ମସିହା ଇଆଇଏ ବିଜ୍ଞପ୍ତି ଅନୁସାରେ ଅସ୍ତରଙ୍ଗ ଠାରେ ପ୍ରସ୍ତାବିତ ବନ୍ଦର ପ୍ରଥମ ଶ୍ରେଣୀ ପରିସରଭୁକ୍ତ ଓ ଭାରତ ସରକାର ଙ୍କ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଣଳୟ ତରଫରୁ ସର୍ତ୍ତ ହାସଲ କରିବା ପରେ ହାଇଦ୍ରାବାଦ ର ନବଯୁଗ କମ୍ପାନୀ ଏହି ପ୍ରକଳ୍ପ କୁ କରିବାପାଇଁ ନିଷ୍ପତି ହୋଇଥିଲା ରାଜ୍ୟ ସରକାର ଙ୍କ ତରଫରୁ, ମାତ୍ର ପ୍ରଥମ ଜନଶୁଣାଣୀ ରେ ଲୋକ ଙ୍କ ରାୟ କୁ ନେଇ ପ୍ରସ୍ତାବିତ ବନ୍ଦର କୁ ବିରୋଧ କରାଯିବା ପରେ ଏହା ଉପରେ ମାନ୍ୟବର ହାଇକୋର୍ଟ ରହିତା ଦେଶ ଲଗାଇ ପୁନଃବାର ପ୍ରସ୍ତାବିତ ଅଞ୍ଚଳ ରେ ଉକ୍ତ ଲୋକ ମାନଙ୍କୁ ନେଇ ଜନଶୁଣାଣୀ କରିବାକୁ ନିର୍ଦ୍ଦେଶ ଦେବା ପରେ ଆଜି ଛୁରୀଆନା ପଞ୍ଚାୟତ ପିର ଜାହାନିଆ ବେଳାଭୂମି ନିକଟରେ ଜନଶୁଣାଣୀ ହୋଇଛି । ମାତ୍ର ଏହି ଜନଶୁଣାଣୀ ରେ ଆଜି ଛୁରିଆନା, ଶିଶୁଅ, ନୂଆଗଡ, ଅସ୍ତରଙ୍ଗ ଭଳି ଉପକୂଳ ପଞ୍ଚାୟତ ର ପ୍ରାୟ ୧୫ ହଜାର ଲୋକ ଏହାକୁ ତୀବ୍ର ବିରୋଧ କରିଛନ୍ତି । ଅସ୍ତରଙ୍ଗ ଅଞ୍ଚଳ ଧାନ, ପାନ, ମୀନ ଚାଷ କୁ ନେଇ ପ୍ରସିଦ୍ଧ, ଏହି ଉପକୂଳ ବାସୀ ନଦୀ ସମୁଦ୍ର ରୁ ମାଛ ଧରିଲେ ନିଜ ପରିବାର ପୋଷଣ କରନ୍ତି, ଏହା ସହ ଲୁଣୀ ଜଙ୍ଗଲ ଏହି ଅଞ୍ଚଳ ରେ ପ୍ରକୃତି ର ବରଦାନ ସଦୃଶ, ଯାହା ପ୍ରାକୃତିକ ଦୁର୍ବିପାକ ରେ



ଜନଜୀବନ କୁ ସୁରକ୍ଷା ଦେଇଆସୁଛି । ଶ୍ରୀଲଙ୍କା ରେ ବିରଳ ଅଲିଭରିଡଲେ କଇଁଛ ଏହି ଅଞ୍ଚଳ କୁ ଚାଲିଆସନ୍ତି ଅଣ୍ଡା ଦେବାପାଇଁ ଓ ଏହା ସହ ଅନେକ ବିଦେଶାଗତ ପକ୍ଷୀ, ଡ଼ଲଫିନ ମଧ୍ୟ ଏହି ଅଞ୍ଚଳ କୁ ନିଜର କରି ଅତିଥି ହିସାବରେ ଆସନ୍ତି ମାତ୍ର ଯଦି ଏଠି କମ୍ପାନୀ ବନ୍ଦର କରେ ତାହେଲେ ଏହି ବିରଳ ଜୀବଜଗତ ଉପରେ କୁ ପ୍ରଭାବ ପଡିବ ବୋଲି ପରିବେଶବି□ ବିଚିତ୍ରାନନ୍ଦ ବିଶ୍ୱାଳ ମତ ପ୍ରକାଶ କରିଛନ୍ତି। ବିସ୍ଥାପିତ ପରିବାର ମାନଙ୍କୁ ଚାକିରି, ଭୂମିହରା ସାହାଯ୍ୟ ର ପ୍ରଲୋଭନ ଦେଖାଇ କମ୍ପାନୀ ଭବିଷ୍ୟତ ରେ ଠକେଇ ଦେଲେ ଅନେକ ପରିବାର ପ୍ରଭାବିତ ହେବେ ବୋଲି ବିଧାୟକ ତୁଷାର କାନ୍ତି ବେହେରା କହିଛନ୍ତି। ଯୁବ ବିଜେପି ନେତା ଦିବାକର ଛାଟୋଇ ଆମ ପ୍ରାକୃତିକ ସମ୍ବଳ ଅସ୍ତରଙ୍ଗ ଉପକୂଳ କୁ ଆମେ ନବଯୁଗ କମ୍ପାନୀ ହାତରେ ଟେକିବୁ ନାହି ବରଂ ଆଗକୁ ତୀବ୍ର ବିରୋଧ କରିବାକୁ ଚେତାବନୀ ଦେଇଥିବା ବେଳେ କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ ଲୋକ ମାନଙ୍କ ଦାବୀ ପାଇଁ ଲୋକଙ୍କ ସହିତ ଶେଷ ପର୍ଯ୍ୟନ୍ତ ରହି ଆନ୍ଦୋଳନ କରିବାକୁ ଦାବୀ ଉପସ୍ଥାପନା କରିଛନ୍ତ। ମାଡ୍ରାସ ଆଇଆଇଟି ରିପୋର୍ଟ ଅନୁସାରେ ୨୦୧୦ ରେ ଏହି କମ୍ପାନୀ ଚୁକ୍ତି କରିଥିବା ବେଳେ ୨୦୧୩ ରେ ପ୍ରୋଜେକ୍ଟ ରିପୋର୍ଟ ଦାଖଲ ଓ ୨୦୧୬ ରେ ଜଙ୍ଗଲ ଓ ପରିବେଶ ମନ୍ତ୍ରାଣଳୟ ରୁ ମଞ୍ଜୁରୀ ମିଳିଥିଲା । ଏହି କମ୍ପାନୀ ୩ ଟି ପର୍ଯ୍ୟାୟ ରେ ୭, ୪୧୭ କୋଟି ୍ୟାୟ ରେ ଏହି କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା କଥା ମାତ୍ର ସମସ୍ତ କାର୍ଯ୍ୟ କରିବାକୁ ପ୍ରଥମ ଜନଶୁଣାଣୀ ସମୟ ରେ ହାଇକୋର୍ଟ ରେ ଅଭିଯୋଗ ହେବା ପରେ ଆଜି ମାନ୍ୟବର ହାଇକୋର୍ଟ ଙ୍କ ନିର୍ଦ୍ଦେଶ ରେ ଦ୍ୱିତୀୟ ଜନଶୁଣାଣୀ ରେ ୯୫%ଲୋକ ଏହାକୁ ତୀବ୍ର ବିରୋଧ କରିବା ସହ ନବଯୁଗ ଫେରିଯିବା ପାଇଁ ଦାବୀ ଉପସ୍ଥାପନା କରିଥିଲେ। ଯାହାକୁ ନେଇ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଏହି ସବୁ ତଥ୍ୟ ସରକାର ଙ୍କୁ ପଠାଯାଇ ନିଷ୍ପତି ନିଆଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ।

## ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମଙ୍କର ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ

(ମହାଭାରତ)କଳିଙ୍ଗନଗର ବରାଗଡିଆ ଗ୍ରାମ ରେ ଶ୍ରୀ ରାମ ଚରିତ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ସମାବେଶ ଆରମ୍ଭ ହୋଇଥିବାବେଳେ,ଚଳିତ ମାସ ୧୮/୦୧/୨୫/ରୁ ଆରମ୍ଭ ହୋଇ ୨୬/୦୧/୨୫ ପର୍ଯ୍ୟନ୍ତ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ସମାରୋହ ପାଳନ କରାଯିବ,ଅନୁଷ୍ଠାନର କର୍ମ କର୍ତ୍ତା ଙ୍କ ସଭିଙ୍କ ସହଯୋଗ ଏବଂ ପ୍ରଭୁ ରାମଙ୍କ ଆର୍ବିଭାବ ବାରଗାଡ଼ିର ଗ୍ରାମରେ ସୁଖ ଶାନ୍ତି ସମୃଦ୍ଧି କୁ ଆଗକୁ ନେବାରେ ମଧ ପ୍ରଭୁ ରାମ ଙ୍କ କୃପା ଅନେକ ରହିଥିବାବେଳେ,ଗ୍ରାମର ଅନେକ ଯୁବକ ଯୁବତୀ ଗ୍ରାମର ପ୍ରିୟଜନ ମାନ୍ୟଗନ୍ୟ ବ୍ୟକ୍ତି ବିଶେଷ ମାନଙ୍କ କୃପା ସହ ଦର୍ଷାନାଭିଲାସି ସାର୍ବଜନୀକ ମହ୍ଣ ଚିନ୍ତାଧାରା ରଖି ପ୍ରଭୁ ରାମଙ୍କ ଉତ୍ସବରେ ସାମିଲ ହୋଇ ପ୍ରଭୁଙ୍କ କାର୍ଯ୍ୟ ସଫଳ କରାଇବାକୁ ଲାଗିଥିବାବେଳେ। ସଭିଙ୍କ ମଙ୍ଗଳ



ପାଇଁ ଏ ସଂସାରର କଲ୍ୟାଣ ନିମନ୍ତେ ମଣ୍ଡଳ ପୂଜା ସୂର୍ଯ୍ୟ ପୂଜା ବେଦ ପାଠ ଦେବତାଙ୍କ ପୂଜାର୍ଚ୍ଚନା ସହ ସଭିଙ୍କ କଲ୍ୟାଣ ନିମନ୍ତେ ଗ୍ରାମରେ ମଣ୍ଡଳ ଯଜ୍ଞ ପୂଜାର୍ଚ୍ଚନା ଚାଲୁରହିଥିବାବେଳେ। ସନ୍ଧ୍ୟା ସମୟରେ ଭଜନ ସମାରହୋ ସହ ପ୍ରସାଦ ସେବନ ପ୍ରଭୁ ରାମ୍ ଚରିତ ଙ୍କ ନିର୍ଦ୍ଦେଶ କର୍ମେ ସଭିଏଁ ସଜାଗ ରହି ଧ୍ୟାନ ର ସହ ବଡ଼ ଆଡ଼ମ୍ବରରେ ବ୍ରଭୁ ଶ୍ରୀ ରାମ ଙ୍କ ବିଗ୍ରହ ପୂଜା ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ସଭିଏଁ ସାମିଲ ହେବାସହ ରାମ ଙ୍କ କୃପାଲାଭ କରି ସଂସାରର ମଙ୍ଗଳପାଇଁ ସଭିଏଁ ଏକ ହୋଇ ଧୁମ୍ ଧାମ ର ସହ ବାରଗାଡ଼ିଆ ଗ୍ରାମରେ ପ୍ରଭୁ ଶ୍ରୀରାମ ଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସାର୍ବଜନୀକ ଭାବେ ପାଳନ କରିବାସହ ସହେ ଆଠ କଳସ ଶୋଭାଯାତ୍ରା ଗ୍ରାମର ମହିଳା ପୁରୁଷ ମାନଙ୍କୁ ନେଇ ଗ୍ରାମ ପରିକ୍ରମା ସମାବେଶ କରିଥିଲେ, ଭଜନ କୀର୍ତ୍ତନ ସହ ଗ୍ରାମର ଗ୍ରାମବାସୀ ବୃନ୍ଦ ଙ୍କ ସମେତ ବେଦ ଶାସ୍ତ୍ର ଅଧ୍ୟୟନ କରୁଥିବା ପଣ୍ଡିତ ମାନେ ମଧ୍ୟ ଗ୍ରାମ ପରିକ୍ରମା କରିଥିଲେ ,ଗ୍ରାମର ସମସ୍ତ ଗ୍ରାମବାସୀ ବୃନ୍ଦ ପିଲାଠୁ ବୃଦ୍ଧାଯାଏଁ ସଭିଏଁ ସାମିଲ ହେଉଛନ୍ତି। ପ୍ରଭୁ ରାମ ଙ୍କ ବିଗ୍ରହ ଉତ୍ସବ ରେ ପ୍ରଭୁ ଙ୍କ ଆଗମନକୁ ଉତ୍ସାହର ସହ ପାଳନ କରାଯାଇଛି।

## ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦଘାଟିତ



ଦଶରଥପୁର ,(ମହାଭାରତ ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ କ୍ରୀଡା ଉଦଘାଟିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରଥମେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ରାଜେଶ୍ୱର ରାଉତଙ୍କ ନେତୃତ୍ୱରେ ଛାତ୍ର ଛାତ୍ରୀ ମାନେ ମା ଜୟଚଣ୍ଡୀଙ୍କ ମନ୍ଦିରକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିବା ସହ ମାଙ୍କ ମନ୍ଦିରରେ ମଶାଲ ପୂଜାକରି ସେଠାରୁ ଦୌଡ଼ି ଦୌଡ଼ି ଆସି ବିଦ୍ୟାଳୟରେ ପହଞ୍ଚିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡି ମସାଲକୁ ସ୍ୱାଗତ କରିବା ସହ କ୍ରୀଡା ପତକା ଉତ୍ତୋଳନ କରି ବାର୍ଷିକ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ କ୍ରୀଡାର ପ୍ରଥମ ଦିନରେ ଉଭୟ ବାଳକ ଓ ବାଳିକା ମାନଙ୍କ କ୍ଷେତ୍ରରେ ୧୦୦ ମିଟର, ୨ ସହ ମିଟର ରେସ, ଡ଼ିସକଶ ଥ୍ରୋ, ଅଙ୍କ କସା, ସଟଫୁଟ, ଲଙ୍ଗଜମ୍ପ, ହାଇଜମ୍ପ ଆଦି ଖେଳ ଅନୁଷ୍ଠିତ ହୋଇଥିଲା । ଖେଳ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ପ୍ରଜାପତି ରାଉତ, ଧର୍ମଜିତ ମଲ୍ଲିକ,ବିଜୟ କୁମାର ଦାସ ଶିକ୍ଷୟତ୍ରୀ ମାଳବିକା ସ୍ୱାଇଁ, ପ୍ରତିଭା ପଣ୍ଡା, ଚିତ୍ରା ଘୋଷ,ଝୁପ୍ରିୟା ସାମଲ ଓ କର୍ମଚାରୀ ଅଶୋକ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବିନା ସୂଚନା ଫଳକ, କୋଟିଏରୁ ଉର୍ଦ୍ଧ ଟଙ୍କାର ସ୍ୱାସ୍ଥ୍ୟକେନ୍ଦ୍ର ଘର

କଳିଙ୍ଗ ନଗର :( ମହାଭାରତ)ସରକାରୀ କାମ ଗୁଡିକୁ ଦାନଗଦି ବ୍ଲକରେ ଅଧିକାଂଶ ଠିକାଦାର ବିନା ସୂଚନା ଫଳକରେ ଓ ନିମ୍ନ ମାନର କରିବାର ଏବେ ବହୁତ ବିଦ୍ୟାଳୟ ଓ ସ୍ୱସ୍ଥ୍ୟକେନ୍ଦ୍ର ମାନଙ୍କରେ ଦେଖିବାକୁ ମିଳୁଛି। ଏପରି ଏକ କାମ ଦାନଗଦି ବ୍ଲକ ଅନ୍ତର୍ଗତ ରଣାଗୁଣ୍ଡି ପଞ୍ଚାୟତର ବାରାଖାଇ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ହେଉଥିବା ଦେଖିବାକୁ ମିଳିଛ। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନିର୍ମାଣଧୀନ ନୂଆ ସ୍ୱାସ୍ଥ୍ୟ କେନ୍ଦ୍ର କୋଠାଘର ରେ କିଛି ସୂଚନା ଫଳକ ଲଗାଯାଇନାହିଁ। ଫିଲିଙ୍ଗରେ ତଳେ ମାଟି ଦେଇ ଉପରେ ଅଳ୍ପ ବାଲି ଦେଇ ନିମ୍ନ ମାନର କାମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତ। ଏହି ବିଲଡିଙ୍ଗ କାମରେ ନିମ୍ନ ମାନର ସିମେ□ ଓ ଚିପ୍ସ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି ।ତେଣୁ ଏକ କୋଟିରୁ ଉର୍ଦ୍ଧ ଟଙ୍କା ର କାମ ହାତେଇ ଥିବା ଠିକାଦାର ପଲ୍ଲୀ ଅଞ୍ଚଳ ହୋଇଥିବାରୁ ମନମୁଖୀ କାମ କରୁଥିବା ଅଭିଯୋଗ ଗ୍ରାମବାସୀ କରିଛନ୍ତି ।ସେହିପରି ଜିଲ୍ଲା ଖଣିଜ ପାଣ୍ଠିରୁ ବ୍ଲକରେ ଥିବା ବିଭିନ୍ନ ପଞ୍ଚାୟତରେ ନିର୍ମାଣ ଚାଲୁଥିବା ସମସ୍ତ ବିଦ୍ୟାଳୟ ଗୃହ କାମ ଗୁଡିକ ନିମ୍ନ ମାନର ହେଉଥିବା ବହୁତ ପଞ୍ଚାୟତରୁ ଅଭିଯୋଗ ହେଉଛି । ଯେପରିକି ଗତ କିଛି ମାସ ପୂର୍ବରୁ ନୟା ବଗପାଟିଆ ବିଦ୍ୟାଳୟରେ ୧୦ ଲକ୍ଷ ଟଙ୍କାର କାମ ନିମ୍ନ ମାନର



ହୋଉଥିବା ଯୋଗୁଁ ଜଣେ ଛାତ୍ର ର ମୃତ୍ୟୁ ହୋଇଯାଇଛି ।ଦାନଗଦି ବ୍ଲକରେ ହେଉଥିବା କାମ ଗୁଡିକ ନିମ୍ନ ମାନର ହେଉଛି କାରଣ ପ୍ରଶାସନିକ ଅଫିସର ଓ ଠିକାଦାର ସିଂହ ଭାଗ ଟଙ୍କା ଖାଇ ନିମ୍ନ ମାନର କାମ କରୁଛନ୍ତି ।ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ପଣ୍ଡିତ ଡ.ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ବିରୋଧରେ ଆଇନଗତ କାରଯ୍ୟାନୁଷ୍ଠାନ ପାଇଁ ରାଷ୍ଟ୍ରପତି ଙ୍କ ଦାବିପତ୍ର ପ୍ରଦାନ

କରଞ୍ଜିଆ,(ମହାଭାରତ): ଦୈନିକ ଓଡ଼ିଆ ଖବରକାଗଜ ରେ ପଣ୍ଡିତ ଡ.ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଆଦିବାସୀ ଭାଷା ଲାଗି ଓଡ଼ିଆ ଅକ୍ଷର ଶୀର୍ଷକ ଏକ ଲେଖା ପ୍ରକାଶିତ ହୋଇଥିଲା । ଯେଉଁ ଥିରେକି ଆଦିବାସୀ ଭାଷା ଓ ଲିପି କୁ ବିରୋଧ, ହିନ ମାନ ହିଂସା ବଢାଉ ଥିବା ଅଭିଯୋଗ କରିଛନ୍ତି । ଡ.ମିଶ୍ର ତାଙ୍କ ଲେଖାରେ ଆଦିବାସୀ ଭାଷାର ଲିପି ଗୁଡ଼ିକ ଅନାବଶ୍ୟକ, , ଜଟିଳ, ଉଦ୍ଭଟ,ବୋଲି ଉଲ୍ଲେଖ କରିଥିଲେ । ଏହି ଲେଖା ଦ୍ୱାରା ଆଦିବାସୀ ସମ୍ପ୍ରଦାୟ ର ସଂସ୍କୃତି କୁ ଅପମାନ କରିବା ସହିତ ଭାଷା ଓ ଲିପି ର ଶତନ୍ତ୍ରତା- ପ୍ରସାରକୁ ହ୍ରାସ କରାଯାଇଥିବା ଦର୍ଶାଇଛନ୍ତି । ଏହି ଲେଖା ଦ୍ୱାରା ସାନ୍ତାଳୀ ଭାଷା (ଅଲଚିକି) ଲିପିର ଜନକ ପଣ୍ଡିତ ରଘୁନାଥ ମୁର୍ମୁ ,ହୋ ଭାଷା (ୱାରଙ୍ଗଚିତି) ର ଜନକ ପଣ୍ଡିତ ଲାକୋ ବଦ୍ରା,ମୁଣ୍ଡା ଭାଷାଲିପି (ମୁଣ୍ଡରିବାନି) ର ଜନକ ରୋହିଦାସ ସିଂ ନାଗ ଙ୍କୁ ତିରସ୍କାର କରାଯାଇଛି । ଏହି ପ୍ରକାର କାର୍ଯ୍ୟ ସମ୍ବିଧାନ ରେ ଦିଆଯାଇଥିବା ଭାଷା ଗତ ଅଧିକାର କୁ ଅସ୍ୱୀକାର କରୁଛି । ଏହା ଭାଷା ବିବିଧତା ଓ ଏକତା କୁ କ୍ଷୁର୍ଣ୍ଣ କରି ହିଂସା ,ଦ୍ରହ ଓ ଘୃଣା କୁ ପ୍ରସହିତ କରୁଛି। ତେଣୁ ତାଙ୍କ ବିରୋଧ ରେ ଭାରତୀୟ ଦଣ୍ଡ ସଂହିତା ଅନୁଯାୟୀ ଡ଼.ମିଶ୍ରଙ୍କ ବିରୋଧରେ ଆଇନଗୋତ କାର୍ଯାନୁଷ୍ଠାନ ଗ୍ରହଣ କରାଯାଉ । ଏବଂ ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା ପଦ୍ମଶ୍ରୀ ଉପାଧିକୁ ପ୍ରତ୍ୟାହାର କରାଯାଉ ।

# ପାଇକ କବି କୃଷ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ୧୧୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ

ବାଣପୁର :( ମହାଭାରତ )ଓଡ଼ିଆ ଭାଷା ସାହିତ୍ୟର ଅନନ୍ୟ ସାଧକ ଏବଂ ସର୍ବଶ୍ରେଷ୍ଠ ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ,ସମଗ୍ରଓଡ଼ିଶାରେ ପାଇକ କବି ଭାବରେ ପରିଚିତ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ୧୧୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଜନ୍ମମାଟି ଭୀମପୁର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ଭୁବନେଶ୍ୱର ଓ କବିଙ୍କ ନାମରେ ନାମିତ କୃଷ୍ଣଚନ୍ଦ୍ରପାଠାଗାର ଭୀମପୁରଙ୍କ ମିଳିତ ଆନୁକୂଲ୍ୟରେ ବାନାମ୍ବର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସାରସ୍ୱତ ସଭାରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଆନନ୍ଦଚନ୍ଦ୍ରସେନାପତି ସଭାପତି କରିଥିବା ବେଳେ,ବିଶିଷ୍ଟ ସାହିତ୍ୟିକ, ପୂର୍ବତନ ମନ୍ତ୍ରୀ ଡ଼ା



ଦେବେନ୍ଦ୍ରନାଥ ମାନସିଂହ ମୁଖ୍ୟ ଅତିଥି, ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ଓଡ଼ିଆଭାଷା ସାହିତ୍ୟ ବିଭାଗର ପୂର୍ବତନ ପ୍ରାଧାପକ ତଥା ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି, ଇତିହାସ ଗବେଷକ ଗୋପାଳକୃଷ୍ଣ ଦାସ ମୁଖ୍ୟବକ୍ତା, ଗ୍ରାମୀଣ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା କୃଷ୍ଣଚନ୍ଦ୍ର ସାହିତ୍ୟ ବିଷାରଦ ଅଧ୍ୟାପକ ସଂଗ୍ରାମକେଶରୀ ସାହୁ, ଗୋଦାବରୀଶ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ପ୍ରାକ୍ତନ ଅଧାପକ ଭାଷାତ୍ୱିବି ଡ଼ଃ ଚନ୍ଦ୍ରକିଶୋର ତ୍ରିପାଠୀ ଓ ଚିଲିକା ସାହିତ୍ୟ ସମାଜର ସଭାପତି ଶିକ୍ଷାବି୍ ବାଳମୁକୁନ୍ଦ ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କବିତ୍ରିପାଠୀଙ୍କ ଦ୍ୱାରା ରଚିତ ସମାଜର ଅବହେଳିତ,ନିଷ୍ପେସିତଙ୍କ ଶୋଷଣ କଷଣ, ଦୁଃଖ ଯାତନା ଆଧାରିତ ଅଜସ୍ର କବିତାସହ ଖୋର୍ଦ୍ଧାର ବୀରପାଇକ ଜାତିର ଶୌର୍ଯ୍ୟ, ବୀର୍ଯ୍ୟ ପରାକାଷ୍ଠା ଓ ଜନ୍ମଭୂମୀର ସ୍ୱାଧୀନତା ପାଇଁ ବଳିଦାନ ଉପରେ ରଚିତ ସ୍ୱତନ୍ତ୍ରକବିତା ଉପରେ ଆଲୋକପାତ କରି ତାଙ୍କର ସରଳ ସାବଲୀଳ ଜୀବନ ଧର୍ମୀ, ଜାତୀୟତାବାଦୀକବିତା ସମ୍ଭାର ଯୁଗଯୁଗ ଧରି ଓଡ଼ିଆ ଜାତିକୁ ଦିଗଦର୍ଶନ ଦେଉଥିବ ବୋଲି ବ୍ୟକ୍ତବ୍ୟ ରଖି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅଧାପକ ସଂଗ୍ରାମ କେଶରୀ ସାହୁଙ୍କୁ ତାଙ୍କର ସାମଗ୍ରିକ କୃଷ୍ଣଚନ୍ଦ୍ର ସାହିତ୍ୟ ଉପରେ ଉଚ୍ଚକୋଟୀର ଦୀକ୍ଷାନ୍ତ ଗବେଷଣା ନିମନ୍ତେ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।ପାଠାଗାର ତରଫରୁ କୃଷ୍ଣଚନ୍ଦ୍ର ଜୀବନୀ ଓ ସାହିତ୍ୟ ଉପରେ ଅନୁଷ୍ଠିତ ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗୀତାରେ କୃତି୍ ଅର୍ଜନ କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ସହ ପୁରଷ୍କାର ପ୍ରଦାନ କରାଯାଇଥିଲା। ଯୁଗ୍ମ ସଂପାଦକଅଶୋକନନ୍ଦ ,ଅଧାପକ ଜ୍ୟୋର୍ତିମୟ ତ୍ରିପାଠୀ, ଉପଦେଷ୍ଟା ବୈରାଗୀଚରଣ ବେହେରା ଓ ଆମବିଦ୍ୟାଳୟ ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ସଂପାଦନାରେ ଆୟୋଜିତ ଏହି ସମାରୋହରେ ପାଠାଗାରର ସଂପାଦକ ମଧୁସୂଦନନନ୍ଦ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପଠନ କରିଥିବାବେଳେ କୋଷାଧକ୍ଷ ବିଭୂତି ଭୂଷଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟୁଷରେ ଭୀମପୁର ଗ୍ରାମବାସୀ,ସ୍ଥାନୀୟ ଅଞ୍ଚଳର ବହୁ ସାରସ୍ୱତ ସାଧକ, ଶିକ୍ଷକ, ଅଧାପକ ସାମ୍ବାଦିକ,ବୁଦ୍ଧିଜୀବୀ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।ପରିଶେଷରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କବିଙ୍କ ରଚିତ ପାଇକ କବିତା ଏଇ ଯେ ଦିଶୁଛି ଲାଲ୍ମାଟିର ଖୋର୍ଦ୍ଧା ଗଡ଼ଓ ଅନ୍ୟାନ୍ୟ କବିତା ଗୁଡ଼ିକର ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






# ଯେଉଁ ଗାଁକୁ ପକ୍କା ସଡ଼କ ନାହିଁ, ସେଇ ଗାଁରେ ଷ୍ଟ୍ରବେରି ଚାଷ

## ଜମି ଅଛି ଚାଷ ପାଇଁ ଜଳ ସେଚନ ବ୍ୟବସ୍ଥା ନାହିଁ

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆ ପଞ୍ଚାୟତର ଏମିତି ଏକ ଗାଁ ଅଛି ଯାହା ପଞ୍ଚାୟତର ୧ ନମ୍ବର ୱାର୍ଡ଼ ଯେଉଁ ଗାଁ କୁ ନାହିଁ ପକ୍କା ସଡ଼କ ସେଇ ଗାଁ ରେ ଏବେ ଷ୍ଟବେରି ଚାଷ ହେଉଥିବା ଦେଖିବାକୁ ମିଳିଛି । ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଜନସଂଖ୍ୟା ଆଧାରରେ ପକ୍କା ସଡ଼କ ନିର୍ମାଣ ପାଇଁ ଅଯୋଗ୍ୟ ଘୋଷଣା କରି ସର୍ଭେ ପରେ ଗ୍ରାମବାସୀଙ୍କ ଜୀବନର ମୂଲ୍ୟ ନ ବୁଝିପାରି ରାସ୍ତା ନିର୍ମାଣ କରିବାକୁ ମନାକଲେ ସେଠି ରହୁଥିବା ଜନସାଧାରଣଙ୍କ ପାଇଁ ଆମ୍ବୁଲାନ୍ସ ସେବା ମଧ୍ୟ ଉପଲବ୍ଧ ଅଛି ବୋଲି ବୁଝିଲେ ନାହିଁ ସେହି ସୁଗାମାହା ଗ୍ରାମ ଠାରେ ଚାଷୀ ଏବେ ଷ୍ଟବେରି ଚାଷ କରୁଥିବା ଦେଖିବାକୁ ମିଳିଛି। ଏକର ଏକର ଜମିରେ ଉଦ୍ୟାନ ବିଭାଗ ତରଫରୁ ପ୍ରୋତ୍ସାହନ ପାଇ ଷ୍ଟବେରି ଚାଷ କରୁଛନ୍ତି ଚାଷୀ ପ୍ରଭଞ୍ଜନ କୁମାର ପ୍ରଧାନୟ କିନ୍ତୁ ସେଥିରେ ମଧ୍ୟ ସମସ୍ୟା ଦେଖାଦେଇଛି । ସରକାରଙ୍କ ତରଫରୁ ସେଇ ଗାଁ ଚାଷ ଜମିକୁ ଜଳ ସେଚନ ବ୍ୟବସ୍ଥା ନ ଥିବାରୁ ବହୁ ଦୂରରୁ ପାଣି ଆଣି ଜମିରେ ସେଚନ କରାଯାଉଥିବା କହିଛନ୍ତି ଚାଷୀ। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ଷ୍ଟବେରି ଗଛ ଲଗାଯାଇଛି ଆସନ୍ତା ଦିନମାନଙ୍କରେ ପୁଣି ଆଉ ଅଧିକ ଷ୍ଟବେରି ଗଛ ଲଗାଯିବ ବୋଲି ଚାଷୀ କହିଛନ୍ତି ।ଚାଷୀମାନଙ୍କ ପାଖରେ ଜମି ପ୍ରବଳ ରହିଥିବା ବେଳେ ଜଳ ସେଚନ ସମସ୍ୟା ଯୋଗୁଁ ଚାଷୀ ନିଜ ଜମି ପଡ଼ିଆ ପକେଇ ଦାଦନ ଖଟିବାକୁ ଅନ୍ୟ ରାଜ୍ୟ କୁ ଯାଉଛି ।ଚାଷୀ ଙ୍କ କହିବା ଅନୁସାରେ ସୁଗାମାହା ଗ୍ରାମର ଆଖ ପାଖ ଅଞ୍ଚଳରେ ଥିବା ଚାଷ ଜମି ଗୁଡ଼ିକ ୩ ଟି ମୌଜା ଚାଷୀଙ୍କର ରହିଛି। ସେଠାରେ ଥିବା ମୁଣ୍ଡା କୁଟୀ ନାମକ ସ୍ଥାନରେ ବାର ମାସ ଝରୁଥିବା ପାଣି ସୁଖେ ନାହିଁ କି ଉକ୍ତ ପାଣିକୁ ସଞ୍ଚୟ କରି ହୁଏ ନାହିଁୟ ପାହାଡ଼ ଘେରା ଅ□ଳରେ ବର୍ଷା ହେଲେ ବର୍ଷା ପାଣି ଓ ଝରଣା ପାଣି କୁ ସଁଞ୍ଚୟ କରି ରଖିବା ପାଇଁ କୌଣସି ଚେକ୍ ଡ୍ୟାମ ନାହିଁ। ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ପାଣି ସଞ୍ଚୟ ପାଇଁ କିଛି ବ୍ୟବସ୍ଥା କରାଯାଇଥିଲା କିନ୍ତୁ ତାହା ବର୍ଷା ଦିନେ ପାହାଡ଼ ପାଣି ଧୋଇ ଦେଲା। କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ଉକ୍ତ ମୁଣ୍ଡା କୁଟୀ ସ୍ଥାନରେ ବୃହତ ଚେକ୍ ଡ୍ୟାମ ନିର୍ମାଣ କରାଗଲେ ୩ ମୌଜା ର ଚାଷୀ ଙ୍କ ଜଳସେଚନ ସମସ୍ୟା ଦୂର ହୋଇପାରିବ ବୋଲି ଏମ ଆଇ ବିଭାଗ ଅଧିକାରୀଙ୍କୁ ଡ୍ୟାମ ନିର୍ମାଣ ପାଇଁ ନିବେଦନ କରିଛନ୍ତି ଚାଷୀ। ଯାହା ଫଳରେ ଅଞ୍ଚଳରେ ଚାଷୀ ଚାଷ କରି ସ୍ୱାବଲମ୍ବୀ ହେବା ସହ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯିବେ ନାହିଁ।

## ବାଲି ଗାଡି ଧକ୍କା ରେ ଭାଙ୍ଗିଲା ବାରଣ୍ଡା ସାହିରେ ଉତ୍ତେଜନା



ଆସିକା (ମହାଭାରତ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ସୁନାମ୍ବ ସାହିରେ ଆଜି ଭୋର ସମୟରେ ଏକ ବାଲି ବୋଝେଇ ଗାଡି ଅସାବଧାନତା ଯୋଗୁଁ ଜଣଙ୍କ ଘରର ବାରଣ୍ଡା ଟି ଭାଙ୍ଗି ଯାଇଥିଲା। ଏନେଇ ସାହି ବାସିନ୍ଦା ଉକ୍ତ ଗାଡିଟିକୁ ଅଟକାଇ ଥିଲେ। ଏନେଇ ସାହିରେ କିଛି ସମୟ ପାଇଁ ଉ□ଜନା ଦେଖା ଦେଇଥିଲା। ଖବର ପାଇ ଘଟଣା ସ୍ଥଳରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଗିରିଜା ନାରାୟଣ ପଟ୍ଟନାୟକ ଓ ଆସିକା ଥାନା ଅଧିକାରି ଘଟଣା ସ୍ଥଳରେ ପହଞ୍ଚି ଉତ୍ୟେକ୍ତ ଲୋକଙ୍କୁ ବିଝାସୁଝା କରି ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ଶ୍ରେଷ୍ଠ ଏନ୍ ଏସ ଏସ ସ୍ୱେଚ୍ଛାସେବୀ ସମ୍ମାନ ପାଇଲେ ଦେବଗଡ ର ନରେଶ କୁମାର ସାମଲ



ଉଚ୍ଚ ଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ଆନୁକୁଲ୍ୟରେ ଭୁବନେଶ୍ୱରସ୍ଥ ଇଞ୍ଜିନିଅର ଭବନଠାରେ ୨୦୨୩-୨୪ ବର୍ଷ ପାଇଁ ରାଜ୍ୟ ସ୍ତରୀୟ ଶ୍ରେଷ୍ଠ ଏନ ଏସ ଏସ ସ୍ୱେଚ୍ଛାସେବୀ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ଦେବଗଡ଼ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ସ୍ନାତକୋତ୍ତର ଛାତ୍ର ଶ୍ରୀମାନ ନରେଶ କୁମାର ସାମଲଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନରେ ସମ୍ମାନିତ କରାଯାଇଛି। ନରେଶ କୁମାର ଦେବଗଡ଼ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଜଣେ ସକ୍ରିୟ ସଦସ୍ୟ ଅଟନ୍ତି। ଜାତୀୟ ସେବା ଯୋଜନା ଅନ୍ତର୍ଗତ ବିଭିନ୍ନ ସାମାଜିକ ସେବା କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ନିମନ୍ତେ ସେ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତା -୨୧. ୦୧. ୨୦୨୫ ମଙ୍ଗଳବାର ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ ଭୁବନେଶ୍ୱର ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ନରେଶ କୁମାରଙ୍କୁ ଏହି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଛନ୍ତି । ମୁଖ୍ୟତଃ ରାଷ୍ଟ୍ରୀୟ ସ୍ୱଚ୍ଛତା ଅଭିଯାନ,ପରିବେଶ ସୁରକ୍ଷା, ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ତଥା ରକ୍ତଦାନ, ବୃକ୍ଷ ରୋପଣ ଆଦି କାର୍ଯ୍ୟରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେୟ ତାଙ୍କର ଅକୁଣ୍ଠିତ ସେବା, ଧୈର୍ଯ୍ୟ ଓ ତ୍ୟାଗ ମନୋଭାବକୁ ବିଚାରକୁ ନେଇ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛ। ଏଥି ପାଇଁ ଜିଲ୍ଲା ଘଝଝ ସଂଯୋଜିକା ପ୍ରଧାପିକା ଶ୍ରୀମତୀ ସସ୍ମିତା ପ୍ରଧାନ, ଦେବଗଡ଼ ମହାବିଦ୍ୟାଳୟ ଅଧକ୍ଷ ଡ. ସୁଦାମ କୁମାର ପରିଡ଼ା,ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର୍ ଅଧାପକ ପ୍ରତାପ ଚନ୍ଦ୍ର ଦାଶଙ୍କ ସମେତ ମହାବିଦ୍ୟାଳୟର ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ମାନେ ନରେଶ କୁମାର ସାମଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତିୟସେ ଦେବଗଡ଼ ଚଷାସାହି ନିବାସୀ ଶ୍ରୀଯୁକ୍ତ ଜୟକୃଷ୍ଣ ସାମଲଙ୍କ ପୁତ୍ର ଅଟନ୍ତି। ଦେବଗଡ଼ ମହାବିଦ୍ୟାଳୟ ତଥା ଦେବଗଡ଼ ଜିଲ୍ଲା ଆଜି ତାଙ୍କ ପାଇଁ ଗର୍ବିତ।

## ବିଦ୍ୟୁତ ସର୍ଟ ସର୍କିଟ ପାଇଁ ୩ ବଖରା ଘର ଜଳି ସମ୍ପୂର୍ଣ୍ଣ ପାଉଁଶ ଅତି ଆବଶ୍ୟକ କାଗଜପତ୍ର ସବୁ ହଲିଗଲା



କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଘୁ ଉଦୟଗିରି ବ୍ଲକ ଅନ୍ତର୍ଗତ ଗ୍ରେଶୀଙ୍ଗିଆ ପଞ୍ଚାୟତ ର ଡମେଙ୍ଗି ଗ୍ରାମରେ ବିଦ୍ୟୁ ସର୍ଟ ସର୍କିଟ ପାଇଁ ୩ ବଖରା ଘର ନିଆ ଲାଗି ଜଳି ଥିବା ସୂଚନା ରହିଛି ।ଖବର ପାଇଁ ଅଗ୍ନିଶମ ବାହିନୀ ଘଟଣା ସ୍ଥଳକୁ ପହ□ ନିଆକୁ ଆୟତ କରିଥିଲେ କିନ୍ତୁ ସେତିକି ବେଳକୁ ୩ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିବା ସୂଚନା ରହିଛି ।ସୂଚନା ପ୍ରକାରେ ଡମେଙ୍ଗି ନିବାସୀ ଗୌରହରି ପ୍ରଧାନ ନିଜର ଝିଅ ଘରକୁ ଯାଇଥିବା ବେଳେ ସକାଳ ପ୍ରାୟ ୧୧.୪୫ ସମୟରେ ଟାଙ୍କର ୩ ବଖରା ଘର ଓ ଆସବା ପତ୍ର ସମ୍ପୂର୍ଣ ସର୍ଟ ସର୍କିଟ ପାଇଁ ଜଳି ଯାଇଛି ।କୌଣସି ଜିନିଷ ମଧ ନାହି ଯଡ୍ରେସ ପାସାକ,ଆଲମାରୀ,କାଗଜ ପତ୍ର,ସୁନା ରୂପା,ଏହିପରି ଅନେକ ସାମଗ୍ରୀ ଜଳି ପାଉଁସ ହେଇଛି ।ଘରେ ପଟା ଦ୍ୱାରା ଭାଡ଼ି କରାଯାଇଥିବା ବେଳେ ଏହି ଭାଡ଼ିରେ ନିଆ ଲାଗିଯାଇଥିଲା ଓ ସମ୍ପୂର୍ଣ୍ଣ ନିଆଁରେ ଜଳି ଯାଇଥିଲା ।ସେପଟେ ଗ୍ରେଶୀଙ୍ଗିଆ ସରପ□ ତ୍ରିଶିଳା ପ୍ରଧାନ ପହଞ୍ଚି ପରିବାରକୁ ସାକ୍ଷାତ କରି ସାନ୍ତୋନା ଦେବା ସହ, କିଭଳି ପରିସ୍ଥିତି ଘରେ ନିଆ ଲାଗିଲା ତାହା ପଚାରି ବୁଝିଥିଲେ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିବା ସୂଚନା ରହିଛି ।ତେବେ ଅଗ୍ନିଶମ ବିଭାଗ ପକ୍ଷରୁ କିମ୍ବା ରାଜସ୍ୱ ବିଭାଗ ପକ୍ଷରୁ କେତେ କ୍ଷୟ କ୍ଷତି ହେଇଛି ତାହା ଆକଳନ କରାଯାଇ ନ ଥିବା ବେଳେ ବର୍ତମାନ ପରିବାର ବେସାହାରା ହୋଇ ରହିଥିବା ସୂଚନା ରହିଛି ।ଉକ୍ତ ପରିବାର ମଧରେ ମହିଳା ମାନେ ଦୁଇଜଣ ଓ ଜଣେ ଛୋଟ ଛୁଆ ରହୁଥିବା ବେଳେ ଗୌରହରି ପ୍ରଧାନ ଘରର ମୂରବୀ ଭୁବନେଶ୍ୱର ରେ ରହି କାମ କରୁଛନ୍ତି ।ଏହିପରି ଅବସ୍ଥାରେ ଏହିପରି ଦୁର୍ଘଟଣା ଘଟିଛି ଯାହା ଅଞ୍ଚଳ ପାଇଁ ଦୁଃଖର ବିଷୟ ଅଟେ ।

## ତିନି ମାସହେଲା ବସୁଧା ପାଣିରୁ ବଞ୍ଚିତ ଗ୍ରାମବାସୀ ଅଭିଯୋଗ ପରେ ମଧ ଶୁଣୁ ନାହିଁ ପ୍ରଶାସନ




କନ୍ଧମାଳ(ମହାଭାରତ):ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କରି ଲୋକ ମାନଙ୍କ ସୁବିଧା ପାଇଁ ବସୁଧା ଯୋଜନାରେ ଘର କୁ ଘର ପାଣି ପହଞ୍ଚାଇବାକୁ ପ୍ରୟାସ କରୁଥିବା ବେଳେ କିଛି ଅଞ୍ଚଳ ପ୍ରଶାସନ ଅବହେଳା କାରଣରୁ ଗ୍ରାମବାସୀ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ କ୍ରାଣ୍ତିବାଲି ପଞ୍ଚାୟତ ୧୧ ନଂ ୱାର୍ଡ଼ କାମଟଣା ଗ୍ରାମରେ ପ୍ରାୟ ୬୦ ପରିବାର ବସବାସ କରୁଛନ୍ତି । ଏହି ଗ୍ରାମକୁ ବସୁଧା ଯୋଜନାରେ ଆସିଥିବା ପାଣି ପାଇପ୍ ଫାଟି ଥିବାରୁ ପାଣି ପାଇପାରୁ ନାହାନ୍ତି ସେଥିପାଇଁ ସରପଞ୍ଚ, ସମିତି ସଭ୍ୟ ଓ ବିଡ଼ିଓ, ଜେଇଙ୍କୁ ଜଣାଇ ଥିଲେ ମଧ କୌଣସି ମରାମତି ହୋଇ ପାରୁନାହିଁ । ଆଜକୁ ତିନିମାସ ହେବ ଅଭିଯୋଗ ପରେ ମଧ କାମ ହେଉନି । ଏଥିପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଗ୍ରାମର ବଳଭଦ୍ର ଦିଗାଲ, ମନୋଜ ଦିଗାଲ,ମଳୟ ଦିଗାଲ, ପ୍ରଦୀପ ସାହୁ, ଶୁକଦେବ କହଁର, ପ୍ରଦୀପ କହଁର ଦାବି କରିଛନ୍ତି । ଏହି ବିଷୟରେ ସରପ□ଙ୍କୁ ଯୋଗାଯୋଗ କରିବାରୁ ଜେଇଙ୍କୁ ବାରମ୍ବାର ଅବଗତ କରିଛୁ କିନ୍ତୁ ମୁଁ ପାଇପ୍ ଓ ଲୋକ ପଠାଇବି ବୋଲି କହୁଛନ୍ତି କିନ୍ତୁ ଆସୁନାହାନ୍ତି ବୋଲି କହିଛନ୍ତି ।

## ରାଶିପାଳ ହାଇସ୍କୁଲର ରଜତଜୟନ୍ତୀ ପାଳିତ



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ ଏ ସି ସ୍ଥିତ ରାଶିପାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ରଜତ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ଆଜି ହିନ୍ଦୋଳ ଏନ ଏ ସି ୱାର୍ଡ ନଂ ୧୩ସ୍ଥିତ ମଙ୍ଗଳପୁର ଠାରେ ଅବସ୍ଥିତ ରାଶିପାଳ ହାଇସ୍କୁଲର ରଜତ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନ ଏ ସି ଅଧକ୍ଷ କେଶବ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ମୁଖ୍ୟ ବକ୍ତା ଭାବରେ ହିନ୍ଦୋଳ ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ଅଧାପକ ସୁକାନ୍ତ ପତି,ସମ୍ମାନିତ ଅତିଥି ଭାବରେ ୱାର୍ଡନଂ ୧୩ କାଉନସିଲର ପ୍ରତିମା ନାଏକ,ରାଜତ ଜୟନ୍ତୀ ସଭାପତି ପୂର୍ବତନ ସରପଞ୍ଚ ବିଜୟ ଦାସ, ସ୍କୁଲ ପରିଚାଳନା କମିଟି ସଭାପତି ଦିବାକର ସାହୁ, ଉପଦେଷ୍ଟା ଶରତ ମହାରଣା, ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାସ, ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କମିଟି ସଦସ୍ୟ, ଛାତ୍ର ଛାତ୍ରୀ ଯୋଗଦେଇଥିଲେୟ ପ୍ରଦୀପ ପ୍ରଜ୍ୱଳନ ପରେ ସ୍କୁଲର ବାର୍ଷିକ ବିବରଣୀ ପାଠ କରାଯାଇଥିଲା ଏବଂ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେବା ସହ ସ୍କୁଲ ପରିଚାଳନା କମିଟିର ଉତ୍ତୋରତ୍ତର ଉର୍ନ୍ତତି କାମନା କରିବାସହ ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ ଏବଂ ମୁଖ୍ୟ ବକ୍ତା ସୁକାନ୍ତ ପତି ନିଜ ଶିକ୍ଷା ସମ୍ବନ୍ଧୀୟ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଏହି ରଜତ ଜୟନ୍ତୀ ପାଳନ ଅବସରରେ ୱାର୍ଡ କାଉନସିଲର ପ୍ରତିମା ନାଏକ, ସମାଜସେବି ମନୋରଞ୍ଜନ ନାଏକ, ବିଜୟ ଦାସ ସମସ୍ତ ପରିଚାଳନା କମିଟି ସଦସ୍ୟ, ପ୍ରତିଷ୍ଠାତା, ଶିକ୍ଷକ,ଶିକ୍ଷୟତ୍ରୀ ମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

## ମାଁ ସୁରାଦେଇ ଫ୍ରେଣ୍ଡସ୍ କ୍ଲବର ତୃତୀୟ ବାର୍ଷିକ ବନ୍ଧୁମିଳନ



କନ୍ଧମାଳ :(ମହାଭାରତ):କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ସଦରମହକୁମାରେ ଦୀର୍ଘ ତିନି ବର୍ଷ ହେବ ଗଠନ ହୋଇ ଚାଲିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଁ ସୁରାଦେଇ ଫ୍ରେଣ୍ଡସ୍ କ୍ଲବର ତୃତୀୟ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସୂଚନା ପ୍ରକାରେ ଖଜୁରୀପଡା ମାଁ ସୁରାଦେଇ ଫ୍ରେଣ୍ଡସ୍ କ୍ଲବ ତରଫରୁ ସମ୍ପେପଦର ଜଳାଶୟ ନିକଟରେ ଏକ ତୃତୀୟ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡା ତହସିଲଦାର ତଥା ବିଡ଼ିଓ ଶ୍ରୀ ସୌମ୍ୟରଞ୍ଜନ ପାତ୍ର ସମ୍ମାନୀତ ଅତିଥି ରୂପେ ଖଜୁରୀପଡା ରାଜସ୍ୱ ନୀରିକ୍ଷକ ଶ୍ରୀ ଜୟନ୍ତ କୁମାର ସାହୁ, କ୍ଲବର ଶିକ୍ଷକ ତଥା ଗୁରୁ ଶ୍ରୀ ଦଶରଥ ପ୍ରଧାନ, ଶ୍ରୀ ଶୁଶିଲ ବେହେରା ଯୋଗ ଦେଇ ଥିଲେ। ସମସ୍ତ ସଦସ୍ୟ ମାନେ ପରସ୍ପରକୁ ସ୍ୱାଗତ କରି ତହସିଲଦାର ସୌମ୍ୟରଞ୍ଜନ ପାତ୍ର ଦ୍ୱାରା କେକ୍ କଟା ଯାଇଥିଲା ତଦ୍ ସହିତ ସଂଗଠନ କିପରି ଆଗକୁ ଅଧିକ ମଜଭୁତ ହେବ ସେଥି ପାଇଁ ଆଲୋଚନା କରାଯାଇଥିଲା । ତହସିଲଦାର ଶ୍ରୀ ପାତ୍ର କମ୍ ଦିନରେ ଏହି ଅନୁଷ୍ଠାନଟି ଭଲ କାର୍ଯ୍ୟ କରୁଥିବାରୁ ସଂଗଠନକୁ ପ୍ରଶଂସା କରିବା ସହିତ ଧନ୍ୟବାଦ୍ ଦେଇ ଥିଲେ । ସଂଗଠନ ସରକାରୀ ସ୍ତରରେ ରେଜିଷ୍ଟ୍ରେସନ ନଂ - ୪୪୬୩/୭୪/୨୦୨୫-୨୬ ଲାଭ କରିଥିବାରୁ ଅନୁଷ୍ଠାନକୁ ସାର୍ଟିଫିକେଟ ପ୍ରଦାନ କରି ଥିଲେ । ଏଥିରେ ସଭାପତି ବିମଳ କୁମାର ମଳିକ, ଉପସଭାପତି ଶ୍ରୀ ସୁଧାଂଶୁ ବେହେରା, ସମ୍ପାଦକ ବୁଦ୍ଧିଆ ଗଣ୍ଡା ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ବିନା ଖର୍ଚ୍ଚରେ ଟେଣ୍ଟହାଉସ ଯୋଗାଇ ଥିବାରୁ ରାଜା ଟେଣ୍ଟ ହାଉସ୍ ଓ ମିଡ଼ିଆ ସମୀର ପ୍ରସାଦ ଝାଙ୍କରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

## ଉପକାରାଗାର ଠାରେ ୧୦୦ ଦିନିଆ ଯକ୍ଷ୍ମା ରୋଗ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ,ଯକ୍ଷ୍ମା ହଟାଅ ଦେଶ ବଞ୍ଚାଅ



କନ୍ଧମାଳ:(ମହାଭାରତ): କନ୍ଧମାଳ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କ ଆଦେଶ କ୍ରମେ ଜି. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡଃ ରତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ସକାଳ ୧୦ ଘଣ୍ଟିକା ଠାରୁ ଏକ ଟିମ୍ ସ୍ଥାନୀୟ ଉପକାରାଗାର ଯାଇ ୫୭ ଜଣ ଅନ୍ତେବାସୀ ଙ୍କ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଯକ୍ଷ୍ମା ଚିହ୍ନଟ ଓ ଚିକିତ୍ସା ପାଇଁ ଯକ୍ଷ୍ମା ପରୀକ୍ଷା କରାଯାଇଥିଲା। ଏଥି ମଧ୍ୟରୁ ୫ ଜଣ ରୋଗୀଙ୍କୁ ସନ୍ଦେହ କରାଯାଇଛି ସେମାନଙ୍କୁ କିଛି ଦିନ ମଧ୍ୟରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇ ଅନ୍ୟ ପରୀକ୍ଷା ସହ ଛାତିର ଏକ୍ସରେ କରାଯାଇ ଯକ୍ଷ୍ମା ରୋଗୀ କୁ ଚିହ୍ନଟ କରାଯାଇ ଚିକିତ୍ସା କରାଯିବ। ୧୦୦ ଦିନ ମଧ୍ୟରେ ବ୍ଲକ, ଜିଲ୍ଲା, ରାଜ୍ୟ ଓ ସମ୍ପୂର୍ଣ୍ଣ ଦେଶରେ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କ ଚିକିତ୍ସା କରାଯାଇ ଦେଶକୁ ଯକ୍ଷ୍ମା ରୋଗ ମୁକ୍ତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ର ମୁଳ ଲକ୍ଷ୍ୟ। ଏହି କ୍ରମରେ ସ୍ଥାନୀୟ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ତରଫରୁ ୧୦୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ବ୍ଲକ କୁ ଯକ୍ଷ୍ମା ରୋଗୀଙ୍କୁ ଚିକିତ୍ସା କରି ଯକ୍ଷ୍ମା ରୋଗ ମୁକ୍ତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଉପକାରାଗାର ଠାରେ ମଙ୍ଗଳବାର ଦିନ ୪ ଘଣ୍ଟା ଧରି ଅନ୍ତେବାସୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଡଃ ଦେବବ୍ରତ ବାରିକ, ସୂରଜ କୁମାର ପାତ୍ର, ପ୍ରଭାସିନି ସେନାପତି, କଇଧର ପ୍ରଧାନ ତଥା ଟିବି ସୁପରଭାଇଜର ଅଶୋକ କୁମାର ପ୍ରଧାନ ଙ୍କ ସହ ଉପକାରାଗାର ସୁପରିଟେଣ୍ଡେ□, ସ୍ୱାସ୍ଥ୍ୟ କର୍ମୀ ଭାଗବତୀ ଦେବୀ ବେହେରା, ବିକ୍ରମ ଦେବ ପ୍ରଧାନ ଉପସ୍ଥିତ ରହିଥିଲେ। ଶେଷରେ ଅନ୍ତେବାସୀ ମାନଙ୍କୁ ଯକ୍ଷ୍ମା ରୋଗ କୁ ମୂଳୋତ୍ପାଟନ ପାଇଁ ଶପଥ ପାଠ କରାଯାଇ ଯକ୍ଷ୍ମା ହଟାଅ ଦେଶ ବଞ୍ଚାଅ ନାରା ସହ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା।

## ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ବନ୍ଧୁ ମିଳିବ

ରାୟଗଡ(ମହାଭାରତ): ରାୟଗଡ ସହର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅସର ପ୍ରାପ୍ତ ଶିକ୍ଷକ ଓ ଶିକ୍ଷିକା ମନଙ୍କର ପ୍ରଥମ ବର୍ଷିକ ବନ୍ଧୁମିଳନ ବୈଠକ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।ଅସର ପରେ ଭି ନିଜ କର୍ମମୟ ଜୀବନ ରୁ କିଛି ସମୟ ବାହାର କରି ନିଜର ପୁରୁଣା ଅନୁଭୂତି କୁ ସମସ୍ତେ ବଖାଣିଥିଲେ । ଏହା ସହ ଆଗାମୀ ଦିନରେ ଶିକ୍ଷାର ବିକାଶ ସହ ଗରିବ ଛାତ୍ର ଛାତ୍ରୀ ଙ୍କୁ ମାଗଣା ପାଠ ପାଇବା ପାଇଁ ସମସ୍ତେ ଶପଥ ନେଇଥିଲେ।ଅବସର ପରେ ଭି ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ କଟକ,ଭୁବନେଶ୍ୱର,ପୁରୀ, କୋରାପୁଟ ଏପରିକି ସୁଦୂର ବେଙ୍ଗାଲୁରୁ ,ହାଇଦ୍ରାବାଦ ରୁ ଅସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ। ଏଥିରେ ଶ୍ରୀମତୀ ଶ୍ରେହ୍ନପୂର୍ଣା ମହାନ୍ତି, ବିଜୟ ଲକ୍ଷ୍ମୀ ସେନାପତି,ପ୍ରୀତିଲତା ମହାପାତ୍ର,ମୀରାରାଣୀ ଦାସ, ଜି ଗୌତମି, ସଲୀଳା ସେଠି,ନିଲିମା ଚୌଧୁରୀ ,ଶାରଦା କୁମାରୀ , ପ୍ରଭାତୀ ପ୍ରଧାନ, ବିଷ୍ଣୁପ୍ରିୟା ରଥ,ସୌଦାମିନି ମିଶ୍ର, ଭି ,ଜନାର୍ଦ୍ଦନ ଗୌରୀ ,ବାସୁଦେବ ସୁନାନୀ ,କେ ,ଲକ୍ଷ୍ମୀ ପ୍ରମୁଖ ଯୋଗଦେଇଥିଲେ।

## କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଦେବଗଡ଼ରେ ଉଦଯାପିତ



ଦେବଗଡ଼(ମହାଭାରତ): ଜିଲ୍ଲା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଧାନପାଟ ବଡ଼ବଗିଚ ଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଆଜି ଉଦଯାପିତ ହୋଇଯାଇଛି । ଉଦଯାପିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, କୃଷି ବିଜ୍ଞାନ କେନ୍ଦ୍ର ର ବରିଷ୍ଠ ବୈଜ୍ଞାନିକ ମାନସୀ ଭୋଲ, ଜିଲ୍ଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ ବରେଣ୍ୟ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ବିକାଶ ତଥା ଉତ୍ପାଦନ ବୃଦ୍ଧି ସହ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଅନେକ ବ୍ୟବସ୍ଥା କରିଥିବା ବେଳେ ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନ କୌଶଳ ଉତ୍ପାଦନ କ୍ଷମତା ବଢ଼ାଉଛି ଏବଂ କୃଷି ଓ କୃଷକ ଙ୍କୁ ସଶକ୍ତ କରିବା ସହ କୃଷି ଯନ୍ତ୍ରପାତି ଓ ଯୁବ ଚାଷୀ ଙ୍କୁ ପ୍ରେରଣା ଯୋଗାଇ ଥିବା ଅତିଥି ମାନେ ମତବ୍ୟକ୍ତ କରଥିଲେ । ଏହି ଅବସରରେ ଉଦ୍ୟାନ କୃଷି କ୍ଷେତ୍ରରେ ଅଗ୍ରଣୀ ଚାଷୀ ସୁଶାନ୍ତ କୁମାର ପାତ୍ର କଣ୍ଢେଲ ବାରକୋଟ, ଲିଙ୍ଗରାଜ ପ୍ରଧାନ କୁଣ୍ଢେଇଗୋଳା ରିଆମାଳ, ଗୋକୁଳାନନ୍ଦ ଭୋଇ ପାଲକୁଦର ତିଳେଇବଣି, ଉନ୍ନତ ଷ୍ଟଲ କ୍ଷେତ୍ରରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକ ବିଭାଗ, ଓଡିଶା କୃଷି ଶିଳ୍ପ ଲିଗମ ଲିମିଟେଡ଼, ଏନ ଜି ଓ ପାର୍ଟନର ସି ଏସ ଡି ଆର, ଡିଲର ପାର୍ଟନର ମିଶ୍ର ଏ□ରପ୍ରାଇସେସ ଓ ପାଢ଼ୀ ଅଟୋମୋବାଇଲ ଅତିଥି ମାନଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପ୍ରଦର୍ଶନୀ ମେଳା ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କୃଷି ଯନ୍ତ୍ରପାତି ବିଭାଗ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ମୋଟ ୫୦ ଷ୍ଟଲ ଖୋଲାଯାଇଥିଲା । ତିଳେଇବଣି ଗୋଷ୍ଠୀ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ସଭାକୁ ସଂଯୋଜନା କରିଥିଲେ ପଙ୍କଜିନୀ ନାଏକ ଓ ବିଦେଶୀ ସାହୁ ।

## ସଡକ ସୁରକ୍ଷା ନିରାପତ୍ତା ପାଇଁ ଶୋଭାଯାତ୍ରା

ଦେବଗଡ଼ (ମହାଭାରତ): ଜାନୁଆରୀ ୧ ତାରିଖ ରୁ ୩୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି । ଏହି ପରିପେକ୍ଷିରେ ମଙ୍ଗଳବାର ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ରିଆମାଳ ମହାବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି ହୋଇଥିଲା। ସଚେତନତା ଶୋଭା ଯାତ୍ରା କୁ ଜିଲ୍ଲା ରୋଡ ସେଫ୍ଟୀ କମିଟି ଦ୍ୱାରା ଶୁଭାରମ୍ଭ କରିଥିଲେ ।ଶୋଭା ଯାତ୍ରା ରଥ ଏବଂ ଛାତ୍ର ଛାତ୍ରୀ ମାନେ ପଞ୍ଚାୟତ ର ଗ୍ରାମ ଗୁଡିକରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାତ୍ରା ଦୁର୍ଘଟଣା ହାର କମେଇବା ଏବଂ ହେଲମେଟ ଓ ସିଟ୍ ବେଲ୍ଟ ବ୍ୟବହାର କରିବା ଉପରେ ରାଲୀ ମାଧ୍ୟମରେ ଜନସଚେତନତା କରିଥିଲେ।

# ସାଧାରଣତନ୍ତ୍ର ଦିବସରେ ଇଣ୍ଡୋନେସିଆର ରାଷ୍ଟ୍ରପତି ମୁଖ୍ୟ ଅତିଥି



**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):** ଭାରତରେ ହେବାକୁ ଥିବା ଆସନ୍ତା ୭୬ତମ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଯାଉଛନ୍ତି ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋ ସୁବିଆନ୍ତୋ । ଗୁରୁବାର ଏହି ସୂଚନା ଦେଇଛି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ । ଆସନ୍ତା ଜାନୁଆରୀ ୨୫ ଓ ୨୬ ତାରିଖରେ ସୁବିଆନ୍ତୋ ଭାରତ ଗସ୍ତରେ ଆସିବେ । ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବାକୁ ଯାଉଛି । ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ସୁବିଆନ୍ତୋଙ୍କ ଯୋଗଦାନ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ କୂଟନୈତିକ ସମ୍ପର୍କକୁ ମଜବୁତ କରିବ । ଏଣୁ ତାଙ୍କର ଏହି ଯାତ୍ରାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଉଛି । ତେବେ ଭାରତର ଆକ୍ଟ ଇଷ୍ଟ ପଲିସି ଓ ଇଣ୍ଡୋ-ପେସିଫିକ ନୀତିରେ ଇଣ୍ଡୋନେସିଆ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏଣୁ ଚଳିତ ଥରର ସାଧାରଣତନ୍ତ୍ର ଉତ୍ସବରେ ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଘୋଷଣା କରିଛି । ସୂଚନା ମୁତାବକ, ଭାରତ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଯୋଗ ଦେବା ପାଇଁ ବିଶ୍ୱ ନେତା ମାନଙ୍କୁ ଆମନ୍ତ୍ରିତ କରିଥାଏ । ପୂର୍ବ ବର୍ଷ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋ ମୁଖ୍ୟ ଅତିଥି ରୁପେ ଏହି ଉତ୍ସବରେ ଯୋଗ ଦେଇଥିଲେ । ୨୦୨୩ ମସିହାରେ ମିଶ୍ରର ରାଷ୍ଟ୍ରପତି ଅବ୍ଦେଲ ଫତହା ଅଲ-ସିସି ଏହି ଉତ୍ସବରେ ଯୋଗଦେଇ ଉତ୍ସବର ଗାରିମା ମଣ୍ଡନ କରିଥିଲେ । ୨୦୨୧ ଓ ୨୦୨୨ରେ କୋଭିଡ-୧୯ ମହାମାରୀ କାରଣରୁ ସାଧାରଣତନ୍ତ୍ର ଦିବସରେ କୌଣସି ମୁଖ୍ୟ ଅତିଥି ଏହି ଉତ୍ସବରେ ଯୋଗଦେଇ ନଥିଲେ । ତେବେ ୨୦୨୦ରେ ବ୍ରାଜିଲର ତତ୍କାଳିନ ରାଷ୍ଟ୍ରପତି ଜେର ବୋଲସେନାରେ, ୨୦୧୯ରେ ଦକ୍ଷିଣ ଆଫ୍ରିକାର ତତ୍କାଳିନ ରାଷ୍ଟ୍ରପତି ସିରିଲ ରାମାଫେସା ଓ ୨୦୧୮ରେ ASEAN ଦେଶର ସମସ୍ତ ୧୦ ନେତା ଏହି ଉତ୍ସବରେ ଯୋଗଦେଇ ଥିଲେ । ଗଣତନ୍ତ୍ର ଦିବସରେ ଭାଗନେଇଥିବା ଅନ୍ୟ ପ୍ରମୁଖ ରାଷ୍ଟ୍ରାଧ୍ୟକ୍ଷ ମାନଙ୍କ ମଧ୍ୟରେ ନିକୋଲସ ସରଫୋଜୀ, ଭ୍ଲାଦିମିର ପୁତିନ, ନେଲସନ ମାଣ୍ଡେଲା, ଜନ ମେଜର, ମହମ୍ମଦ ଖାତମୀ ଓ ଜେକ୍ସ ସିରାଫ ଆଦି ରହିଛନ୍ତି । ୧୯୯୩ ମସିହାରେ ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଜନ ମେଜର, ୧୯୯୫ ମସିହାରେ ନେଲସନ ମାଣ୍ଡେଲା ଓ ୨୦୧୦ ମସିହାରେ ତତ୍କାଳୀନ ଦକ୍ଷିଣ କୋରିଆର ରାଷ୍ଟ୍ରପତି ଲି ମ୍ୟୁଙ୍ଗ ବାକ ମଧ୍ୟ ଏହି ମହାନ ଉତ୍ସବରେ ଯୋଗ ଦେଇ ଏହାର ଗରିମା ମଣ୍ଡନ କରିଥିଲେ ।

# ମୁଖ୍ୟମନ୍ତ୍ରୀ ନୁହେଁ ସୁପର ମୁଖ୍ୟମନ୍ତ୍ରୀ ଚଳାଉଛନ୍ତି ସରକାର




**ପାଟନା,୨୧।୧(ଏଜେନ୍ସି):** ଆଜି ବିହାରର ଔରଙ୍ଗାବାଦରେ ଏକ କାର୍ଯ୍ୟକ୍ରମରେ ଆରଜେଡି ନେତା ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଟାର୍ଗେଟ କରିଥିଲେ । ତେଜସ୍ୱୀ କହିଛନ୍ତି ଯେ ସେ ଏହା ଅନେକ ଥର କହିଛନ୍ତି ଏବଂ ଏବେ ଜେଡିୟୁ ଛାଡି ବିଜେପିରେ ଯୋଗ ଦେଇଥିବା ମଙ୍ଗାନି ଲାଲ ମଣ୍ଡଳ ମଧ୍ୟ ସମାନ ବୟାନ ଦେଇଛନ୍ତି ଯେ କେବଳ ସାଢ଼େ ତିନି ଜଣ ଲୋକ ବିହାର ଚଳାଉଛନ୍ତି । ପ୍ରକୃତ ମୁଖ୍ୟମନ୍ତ୍ରୀ ଅର୍ଥାତ୍ ସୁପର ମୁଖ୍ୟମନ୍ତ୍ରୀ ହେଉଛନ୍ତି ଡିକେ ବସ୍ । ତାଙ୍କ ଇସାରାରେ ମୁଖ୍ୟମନ୍ତ୍ରୀଙ୍କ ସହିତ ସମଗ୍ର ବିହାର ଚାଲିଛି । ନୀତିଶ କୁମାରଙ୍କ ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ ତେଜସ୍ୱୀ କହିଛନ୍ତି ଯେ ଏହି ମାମଲାରେ କିଏ କ'ଣ କହୁଛି ସେ ବିଷୟରେ ସେ ଚିନ୍ତିତ ନୁହଁନ୍ତି । ସେ କାହାର ବ୍ୟକ୍ତିଗତ ପ୍ରସଙ୍ଗରେ କିଛି କହିବାକୁ ଚାହାଁନ୍ତି ନାହିଁ, କିନ୍ତୁ ଏହା ସତ୍ୟ ଯେ ବୟସ ବଢ଼ିବା ସହିତ ସମସ୍ୟା ମଧ୍ୟ ବଢ଼ିଥାଏ । ତାଙ୍କର ୨୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ କୌଣସି ସଫଳତା ନାହିଁ । ସରକାରଙ୍କର କୌଣସି ଦୃଷ୍ଟିକୋଣ ନାହିଁ, କୌଣସି ବ୍ଲୁ ପ୍ରିଣ୍ଟ ନାହିଁ । ସେ କୁହନ୍ତି ଯେ ସମସ୍ତ କାମ ସରିଯାଇଛି ଏବଂ ଏବେ ଆଉ କିଛି ବାକି ନାହିଁ । ସେମାନେ ଭାବନ୍ତି ଯେ ସେମାନଙ୍କ ଆଗମନ ପରେ ଦୁନିଆ ଅସ୍ତିତ୍ୱ ପାଇଥିଲା ଏବଂ ସେମାନଙ୍କ ପ୍ରସ୍ଥାନ ପରେ ଶେଷ ହୋଇଯିବ । ତୁମେ କେବେ ଦେଖିଛ ଯେ ଦୁନିଆ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଚିନ୍ତାଧାରା ଉପରେ ନିର୍ଭରଶୀଳ ? ମୁଁ କହିବାକୁ ଚାହୁଁଛି ଯେ ସେ କ୍ଲାନ୍ତ ଏବଂ ତାଙ୍କୁ ବିଶ୍ରାମ ଦରକାର । ୨୦୨୫ ବିଧାନସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟର ପ୍ରଶ୍ନରେ ତେଜସ୍ୱୀ କହିଥିଲେ ଯେ ବିହାରରେ ଇଣ୍ଡିଆ ମେଣ୍ଟ ଏବେ ବି ଏକାଠି ଅଛି, କିନ୍ତୁ ପଶ୍ଚିମବଙ୍ଗରେ ଟିଏମସି ପୃଥକ ଭାବରେ ଲଢ଼ିଥିଲା, କେରଳରେ ବାମପୃଥକ ଭାବରେ ଲଢ଼ିଥିଲା, ପଞ୍ଜାବରେ ଆପ ପୃଥକ ଭାବରେ ଲଢ଼ିଥିଲା, ଦିଲ୍ଲୀରେ ଆମ ଆଦମୀ ପାର୍ଟି ପୃଥକ ଭାବରେ ଲଢ଼ିଥିଲା । କିନ୍ତୁ ଆମର ମେଣ୍ଟ ଏବେ ବି ବିହାରରେ ରହିଛି । କାରଣ ସମସ୍ତ ଦଳ ବିଜେପି ବିରୋଧରେ । ନୀତିଶ କୁମାରଙ୍କୁ ସାଙ୍ଗରେ ନେବା ପ୍ରଶ୍ନରେ ସେ କହିଥିଲେ ଯେ ଏବେ ଜନତା ବାଛିବେ । ତେଜସ୍ୱୀ ସ୍ପଷ୍ଟ କରିଥିଲେ ଯେ ଆମେ ସାମାଜିକ ନ୍ୟାୟର କଥା କହୁଥିବା ଲୋକ । ସେ ଲାଲୁଙ୍କ ବିଚାରଧାରା ଆଗକୁ ନେବା ପାଇଁ କାମ କରୁଛନ୍ତି । ଯଦି ଆମ ସରକାର ଗଠନ ହୁଏ, ତେବେ ଆମେ ଆର୍ଥିକ ନ୍ୟାୟ ପ୍ରଦାନ କରିବୁ ।

# ନିଜ ନାଗରିକଙ୍କ ଉପରେ ଗୁଳି ବର୍ଷା କରୁଛି ପାକିସ୍ତାନୀ ସେନା

**ଇସଲାମାବାଦ,୨୧।୧(ଏଜେନ୍ସି):** ଖାଇବର ପାସ୍ତୁନଖ୍ୱାର କୁର୍ରମ ଅଞ୍ଚଳରେ ପାକିସ୍ତାନୀ ସେନା ଏକ ପ୍ରମୁଖ ସାମରିକ କାର୍ଯ୍ୟ ଆରମ୍ଭ କରିଛି । କୁହାଯାଉଛି ଯେ, ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସିମ ମୁନିରଙ୍କ ନିର୍ଦ୍ଦେଶରେ ବହୁ ସଂଖ୍ୟକ ସୈନିକ ଅସ୍ତ୍ରଶସ୍ତ୍ର ସହିତ କୁରମ ଅଞ୍ଚଳରେ ପହଞ୍ଚିଛନ୍ତି । ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ,ସେନା ଆତଙ୍କବାଦୀଙ୍କ ଶିବିରକୁ ଧ୍ୱଂସ କରିବା ପାଇଁ ବହୁ ପରିମାଣରେ ତୋପ ବ୍ୟବହାର କରୁଛି । କୁର୍ରମ ଜିଲ୍ଲାର ବାଗାନ, ମାଣ୍ଡୋରି, ଚପରି ଏବଂ ଚପରି ପଡାଭ ଆଦି ୪ଟି ଗାଁରେ ଏହି ସାମରିକ ଅପରେସନ ଚାଲିଛି । ଶିଆ ଏବଂ ସୁନ୍ନି ମୁସଲମାନମାନଙ୍କ ମଧ୍ୟରେ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଥିବା ପେରାଚିନାରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମଧ୍ୟ ଗତ ତିନି ମାସ ଧରି ବନ୍ଦ ରହିଛି । ପାକିସ୍ତାନର ଏହି କୁରମ ଅଞ୍ଚଳରେ ଗତ କିଛି ଦଶନ୍ଧି ଧରି ଶିଆ ଏବଂ ସୁନ୍ନି ମୁସଲମାନମାନଙ୍କ ମଧ୍ୟରେ ପ୍ରବଳ ହିଂସା ଘଟିଛି । ନିକଟରେ ସୁନ୍ନି ମୁସଲମାନମାନେ ୪୫ ଜଣ ଶିଆ ତୀର୍ଥଯାତ୍ରୀଙ୍କୁ ହତ୍ୟା କରିଥିଲେ । ଏହି ଘଟଣା ୨୧ ନଭେମ୍ବର ୨୦୨୪ରେ ବାଗାନ ସହରରେ ଘଟିଥିଲା । ଏହା ପରେ ଅନେକ ଦିନ ଧରି ଦୁଇପକ୍ଷଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଥିଲା । ଯେଉଁଥିରେ ପ୍ରାୟ ୧୪୦ଜଣଙ୍କର ମୃତ୍ୟୁ ଘଟିଥିଲା । ଏହା ପରେ ପାକିସ୍ତାନୀ ସେନା ଏବଂ ସରକାର ଅଞ୍ଚଳରେ ଦୁଇପକ୍ଷଙ୍କ ମଧ୍ୟରେ ସମନ୍ୱୟ ଆଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହା ବିଫଳ ହୋଇଥିଲା । ଉଭୟ ଗୋଷ୍ଠୀ ଏହି କ୍ଷେତ୍ରରେ ଅନେକ ବଙ୍କର ନିର୍ମାଣ କରିଛନ୍ତି । ସେମାନେ ମଧ୍ୟ ସେନା ଏବଂ ସରକାରୀ ଲୋକଙ୍କ ଉପରେ ଆକ୍ରମଣ କରୁଛନ୍ତି । ବର୍ତ୍ତମାନ ପାକିସ୍ତାନୀ ସେନା ଏହି ଅଞ୍ଚଳ ଖାଲି କରିବାକୁ ଏକ ପ୍ରମୁଖ ସାମରିକ କାର୍ଯ୍ୟ ଆରମ୍ଭ କରିଛି । ଏହି ଅଞ୍ଚଳର ବହୁ ସଂଖ୍ୟକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଯାଇଛି । ଏହି ସମଗ୍ର ଅଞ୍ଚଳରେ ପ୍ରଶାସନ କର୍ଫ୍ୟୁ ଲାଗୁ କରିଛି । ଏହାପୂର୍ବରୁ ସହାୟତା ସାମଗ୍ରୀ ବୋଝେଇ ଟ୍ରକ ଉପରେ ଏକ ବଡ଼ ଆକ୍ରମଣ ହୋଇଥିଲା । ଯେଉଁଥିରେ ୬ଜଣ ସହାୟତା କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା । ଅନେକ ଲୋକଙ୍କୁ ମଧ୍ୟ ଅପହରଣ କରାଯାଇଥିଲା । ପାକିସ୍ତାନୀ ସେନାର ସଶସ୍ତ୍ର ଯାନ ମଧ୍ୟ ଏହି ଅଞ୍ଚଳକୁ ପଠାଯାଇଛି ଏବଂ ସେନା ଧିରେଧିରେ ଆଗକୁ ବଢୁଛି । ଅନେକ ବଙ୍କରକୁ ପାକିସ୍ତାନୀ ସେନା ନିଜର ନିୟନ୍ତ୍ରଣକୁ ନେଇଛି । କୁର୍ରମବାସୀଙ୍କୁ ସେମାନଙ୍କ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅପରାଧୀଙ୍କୁ ଦେଖି ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନେକ ଦଶନ୍ଧି ଧରି କୁର୍ରମ ଜିଲ୍ଲାରେ ଶିଆ ଏବଂ ସୁନ୍ନି ହିଂସା ଚାଲିଆସୁଛି । ୨୦୨୫ ଜାନୁଆରୀ ୧ ରେ ଉଭୟ ପକ୍ଷ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ ମଧ୍ୟ ଏହାକୁ ପାଳନ କରି ନଥିଲେ । ଉଭୟପକ୍ଷ କହିଥିଲେ ଯେ, ସେମାନେ ଅସ୍ତ୍ର ବିରତି କରିବେ । ଫେବ୍ରୁଆରୀ ୨୦୨୫ସୁଦ୍ଧା ସମସ୍ତ ବଙ୍କରକୁ ଧ୍ୱଂସ କରିବାକୁ ପାକିସ୍ତାନୀ ସେନା ଅଣ୍ଟା ଭିଡ଼ିଛି ।

# ଭରଣପୋଷଣ ମାମଲାରେ ପିତାମାତା ଆଇନଜୀବୀଙ୍କ ସାହାଯ୍ୟ ନେଇପାରିବେ



**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):** ଦୀର୍ଘ ଦିନ ଧରି ବିରୋଧ ପରେ ସରକାର ନୂଆ ଆଇନ ଆଣିବାକୁ ଯାଉଛନ୍ତି । ନୂଆ ଆଇନ କାର୍ଯ୍ୟକାରୀ ହେଲେ ବୃଦ୍ଧ ପିତାମାତା ସେମାନଙ୍କ ପିଲାମାନଙ୍କଠାରୁ ଭରଣପୋଷଣ ନେବା ମାମଲାରେ ଜଣେ ଆଇନଜୀବୀଙ୍କ ସାହାଯ୍ୟ ନେଇପାରିବେ । ବୃଦ୍ଧ ପିତାମାତାଙ୍କ ଭରଣପୋଷଣ ପାଇଁ ପ୍ରସ୍ତୁତ ଆଇନରେ ଆଇନଜୀବୀଙ୍କ ଉପରେ ଥିବା ପ୍ରତିବନ୍ଧକକୁ ହଟାଇବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି । କିନ୍ତୁ ସରକାର ଏହା ମଧ୍ୟ ଚାହୁଁଛନ୍ତି ଯେ, ଆଇନର ମୌଳିକ ଉଦ୍ଦେଶ୍ୟ ଯେପରି ପ୍ରଭାବିତ ହେବନାହିଁ । ସୂଚନାନୁସାରେ, 'ପିତାମାତାଙ୍କ ଭରଣପୋଷଣ ଏବଂ କଲ୍ୟାଣ ତଥା ପିତାମାତା ଓ ବରିଷ୍ଠ ନାଗରିକ ଅଧିନିୟମ' ଅନୁଯାୟୀ ବରିଷ୍ଠ ନାଗରିକଙ୍କ ମାମଲା ଟ୍ରିବ୍ୟୁନାଲରେ ଆଇନଜୀବୀମାନଙ୍କୁ ଅନୁମତି ଦେବାକୁ ଏକ ପ୍ରସ୍ତାବ ଉପରେ ବିଚାର କରାଯାଉଛି । କିନ୍ତୁ ଯେଉଁ ପିଲାମାନଙ୍କ ବିରୋଧରେ ମାମଲା ଦାଏର କରାଯିବ ସେମାନଙ୍କୁ ଆଇନଜୀବୀଙ୍କ ସହାୟତା ନେବାକୁ ଅନୁମତି ଦିଆଯିବ ନାହିଁ । ଏହି ପରିବର୍ତ୍ତନ ଅଣାଯାଉଛି କାରଣ ଏହା ଦେଖାଯାଉଛି ଯେ, ଅନେକ ଥର ବୃଦ୍ଧ ପିତାମାତା ଏବଂ ବରିଷ୍ଠ ନାଗରିକମାନେ ଟ୍ରିବ୍ୟୁନାଲ ସମ୍ମୁଖରେ ସେମାନଙ୍କର ମତାମତକୁ ସଠିକ୍ ଭାବରେ ଉପସ୍ଥାପନ କରିବାକୁ ସକ୍ଷମ ହେଉ ନାହାନ୍ତି । ସେମାନଙ୍କୁ ସେମାନଙ୍କ ପ୍ରତି ପିଲାମାନଙ୍କର ଅବହେଳା ଏବଂ ଅତ୍ୟାଚାର ପ୍ରମାଣ କରିବା କଷ୍ଟକର ହୋଇପଡୁଛି । ଏହି ନୂଆ ଆଇନ ଦ୍ୱାରା ଆଇନଜୀବୀଙ୍କ ସହାୟତାରେ ବୃଦ୍ଧ ପିତାମାତାମାନେ ସେମାନଙ୍କର ଦାବିକୁ ଦୃଢ଼ ଭାବରେ ଉପସ୍ଥାପନ କରିପାରିବେ ଏବଂ ଭରଣପୋଷଣ ଭତ୍ତା ପାଇପାରିବେ ବୋଲି ଅନୁମାନ କରାଯାଉଛି । ସମ୍ପ୍ରତି ପ୍ରଚଳିତ ଏହି ଆଇନର ଧାରା ୧୭ ଅନୁସାରେ କେଣସି ପକ୍ଷ ଟ୍ରିବ୍ୟୁନାଲ କିମ୍ବା ଆପିଲ ଟ୍ରିବ୍ୟୁନାଲ ସମ୍ମୁଖରେ ହେଉଥିବା ପ୍ରକ୍ରିୟାରେ ଆଇନଜୀବୀଙ୍କୁ ପ୍ରତିନିଧିତ୍ୱ କରିବେ ନାହିଁ । ଯଦି ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଏଭଳି ପ୍ରସ୍ତାବ କାର୍ଯ୍ୟକାରୀ ହୁଏ, ତେବେ ଏହା ଆଇନର ଧାରାରେ ଏକ ବଡ଼ ପରିବର୍ତ୍ତନ ହେବ । ୨୦୦୭ ରେ ଯେତେବେଳେ ଏହି ଆଇନ ତିଆରି ହେଲା, ସରକାର ଏବଂ ଅନ୍ୟମାନଙ୍କ ସହ ବହୁ ଆଲୋଚନା ପରେ, ଆଇନଜୀବୀଙ୍କୁ ଏଥିରୁ ଦୂରେଇ ରଖିବାକୁ ନିଷ୍ପତ୍ତି ନିଆଗଲା । ଏହା ପଛରେ ଧାରଣା ଥିଲା ଯେ, ବୃଦ୍ଧପିତାମାତାମାନଙ୍କୁ ସେମାନଙ୍କ ପିଲାମାନଙ୍କ ଅବହେଳା ଏବଂ ଅତ୍ୟାଚାର ବିରୁଦ୍ଧରେ ଲିବା ପାଇଁ ଏହି ଆଇନ ପ୍ରସ୍ତୁତ କରାଯିବୟ । ପରିବାରରେ ସମସ୍ୟାର ସମାଧାନ ପାଇଁ ଏହା ପ୍ରଥମ ନିୟମ ଥିଲା । କିନ୍ତୁ ଏହା ମଧ୍ୟ ଅନୁଭବ କରାଯାଇଥିଲା ଯେ, ଶୁଣାଣି ଶୀଘ୍ର ଏବଂ କାର୍ଯ୍ୟକାରୀ କରିବା କେଣସି ଆଇନଜୀବୀ ବିନା ସମ୍ଭବ ହେଉ ନାହିଁ । ଏହା ମଧ୍ୟ ଆଇନରେ ଲେଖାଯାଇଛି ଯେ, ଭରଣପୋଷଣ ମାମଲାର ଆବେଦନର ୯୦ ଦିନ ମଧ୍ୟରେ ଫଇସଲା କରାଯିବା ଉଚିତ୍ । ଆଇନଜୀବୀମାନଙ୍କ ଉପରେ ପ୍ରତିବନ୍ଧକ ବିଶେଷ ଭାବରେ ବୃଦ୍ଧ ପିତାମାତାଙ୍କୁ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହି ପ୍ରକ୍ରିୟାରେ ଗୁରୁତ୍ୱ ହେଉଛି ଆଇନରେ ପ୍ରଦତ୍ତ ଦଣ୍ଡବିଧାନ ବ୍ୟବସ୍ଥା ଉପରେ ନୁହେଁ ବରଂ ସମାଧାନ ଉପରେ ହେବା ଆବଶ୍ୟକ । ମାତ୍ର ଏହି ଉଦ୍ଦେଶ୍ୟ ସଫଳ ହେଉ ନଥିବା ଦେଖିବାକୁ ମିଳୁଛି । ଭବିଷ୍ୟତରେ ଆଇନଜୀବୀମାନଙ୍କୁ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଇପାରେ । ଏହା ବରିଷ୍ଠ ନାଗରିକମାନଙ୍କୁ ସାହାଯ୍ୟ କରିବ ।

# ମୁକ୍ତ ହେଲେ ୩ ମହିଳା ଇସ୍ରାଏଲୀ ପଣବନ୍ଦୀ

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):** ହମାସ କବଳରୁ ଫେରିଲେ ୩ ଇସ୍ରାଏଲୀ ପଣବନ୍ଦୀ । ଇସ୍ରାଏଲ-ଗାଜା ମଧ୍ୟରେ ଯୁଦ୍ଧବିରତି ଘୋଷଣା ପରେ ଗତକାଲି ୩ ମହିଳା ପଣବନ୍ଦୀଙ୍କୁ ମୁକ୍ତ କରିଛି ଆତଙ୍କୀ ସଂଗଠନ ହମାସ । ଦୀର୍ଘ ୪୭୧ ଦିନ ପରେ ହମାସ କବଳରୁ ଏହି ପଣବନ୍ଦୀ ମୁକ୍ତ ହୋଇଛନ୍ତି । ହମାସର ଆତଙ୍କୀ ୩ ପଣବନ୍ଦୀଙ୍କୁ ରେଡକ୍ରସ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ । ୩ ପଣବନ୍ଦୀ ମୁକ୍ତ ହେବାପରେ ସେମାନଙ୍କ ପରିବାରକୁ ଭେଟି ଭାବବିହ୍ୱଳ ହୋଇପଡିଛନ୍ତି । ଦୀର୍ଘ ୧୫ ମାସର ପଣବନ୍ଦୀ ଜୀବନ କାଟିବା ପରେ ଏମାନେ ଆତଙ୍କୀଙ୍କ କବଳରୁ ମୁକ୍ତ ହୋଇଛନ୍ତି । ୩ ପଣବନ୍ଦୀ ହେଲେ ରୋମି ଗୋନେନ, ଏମିଲି ଦାମାରି ଏବଂ ଡୋରେନ ଷ୍ଟିନବ୍ରେଚର । ଏହି ୩ ମହିଳା ପଣବନ୍ଦୀ ମୁକ୍ତ ହେବାପରେ ନିଜ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି । ୩ ପଣବନ୍ଦୀଙ୍କ ବଦଳରେ ଇସ୍ରାଏଲ ୯୦ ଦଣ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିଛି । ଇସ୍ରାଏଲ-ଗାଜା ମଧ୍ୟରେ ଯୁଦ୍ଧ ବିରାମର ଏହା ପ୍ରଥମ ପର୍ଯ୍ୟାୟୟ ଦୀର୍ଘ ୪୨ ଦିନର ହେବ ଏହି ଯୁଦ୍ଧବିରାମ । ଏହି ସମୟରେ ୩୩ ପଣବନ୍ଦୀଙ୍କୁ ମୁକ୍ତ କରିବେ ହମାସ ଆତଙ୍କୀ । ଏହାର ବଦଳରେ ଇସ୍ରାଏଲ ଶତାଧିକ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିବ । ଯୁଦ୍ଧ ବିରାମ ସତ୍ତ୍ୱେ ଇସ୍ରାଏଲ ସେନା ପକ୍ଷରୁ ବିଭିନ ସ୍ଥାନରେ ସୈନ୍ୟ ଅପରେସନ ଜାରି ରହିଥିଲା । ଯୁଦ୍ଧବିରାମରେ ସାମାନ୍ୟ ବିଳମ୍ବ ଯୋଗୁ ଏହି ସୈନ୍ୟ ଅଭିଯାନରେ ୧୯ ଜଣଙ୍କ ମୃତ୍ୟୁ ଘଟିଥବାବେଳେ ୨୫ ଜଣ ଆହତ ହୋଇଛନ୍ତି । ଯୁଦ୍ଧ ବିରାମ ଲାଗୁ ହେବାପରେ ଗାଜାରେ ଅନେକ ଲୋକ ତମ୍ବୁ, ପୋଷାକ ଏବଂ ନିଜ ନିଜ ଜିନିଷ ନେଇ ଘରକୁ ଫେରୁଥିବା ଦେଖିବାକୁ ମିଳିଥିଲା । ଯୁଦ୍ଧର ଭୟରେ ଅନେକ ବଂକର ତଳେ ଲୁଚି ରହିଥିଲେ । ଘରକୁ ଫେରୁଥିବାରୁ ଲୋକଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି ।

# ଫେବୃଆରୀ ୫ରେ ମହାକୁମ୍ଭରେ ସାମିଲ ହୋଇପାରନ୍ତି ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):** ଉତ୍ତରପ୍ରଦେଶ ପ୍ରୟାଗରାଜରେ ଭବ୍ୟ ଦିବ୍ୟ ମହାକୁମ୍ଭ ମେଳା ଜାରି ରହିଛି । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି । ଆସନ୍ତା ଫେବୃଆରୀ ୫ ତାରିଖରେ କୁମ୍ଭମେଳାରେ ସାମିଲ ହୋଇପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରୟାଗରାଜ ମହାକୁମ୍ଭରେ ବୁଡ ପକାଇପାରନ୍ତି ପ୍ରଧାନମନ୍ତ୍ରୀ । ଏ ନେଇ ବିଶେଷ ସୁତ୍ରରୁ ସୂଚନା ମିଳିଛି । ଆସନ୍ତା ଫେବୃଆରୀ ୫ ତାରିଖରେ ପ୍ରଧାନମନ୍ତ୍ରୀ ପ୍ରୟାଗରାଜ କୁମ୍ଭମେଳାରେ ସାମିଲ ହେବା ସହ ଗରୁତ୍ୱପୂର୍ଣ୍ଣ ସରକାରୀ ଯୋଜନାର ସମୀକ୍ଷା କରିପାରନ୍ତି । ଏହା ସହିତ ଏକାଧିକ କାର୍ଯ୍ୟକ୍ରମରେ ସାମିଲ ହେବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ସଙ୍ଗମ କ୍ଷେତ୍ର ଓ ପାଖାପାଖି ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଉଛି । ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶରେ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି । ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ- ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଫେବୃଆରୀ ୧ ତାରିଖରେ ସଙ୍ଗମ କ୍ଷେତ୍ରରେ ବୁଡ ପକାଇବାର ସମ୍ଭାବନା ରହିଛି । ଏହା ସହିତ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୧୦ ତାରିଖରେ ପ୍ରୟାଗରାଜ ଗସ୍ତ କରିବାର ସମ୍ଭାବନା ଅଛି । ରାଷ୍ଟ୍ରପତି ଏହି ଗସ୍ତରେ କିଛି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ ନେଇ ପ୍ରଶାସନିକ ସ୍ତର ଓ ସୁରକ୍ଷାରେ ବ୍ୟାପକ ବ୍ୟବସ୍ଥା ଆରମ୍ଭ ହୋଇଛି । ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଉଛି । କହି ରଖୁଛୁ କି, ଜାନୁଆରୀ ୧୩ ତାରିଖରୁ ଉତ୍ତରପ୍ରେଦଶର ପ୍ରୟାଗରାଜର ତ୍ରିବେଣୀ ସଙ୍ଗମ ତଟରେ ସନାତନ ଆସ୍ଥାର ମହାପର୍ବ ମହାକୁମ୍ଭ ମେଳାର ଶୁଭାରମ୍ଭ ହୋଇଛି । ଦିବ୍ୟ ଓ ଆସ୍ଥାର ସଙ୍ଗମରେ ଶ୍ରଦ୍ଧାର ବୁଡ ପକାଉଛନ୍ତି ଶ୍ରଦ୍ଧାଳୁ । ଅସନ୍ତା ଫେବୃଅରୀ ୨୬ ତାରିଖ ପର୍ଯ୍ୟନ୍ତ କୁମ୍ଭମେଳା ଚାଲିବ । କିଛି ଦିନ ତଳେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତ୍ରିବେଣୀ ସଙ୍ଗମରେ ଶ୍ରଦ୍ଧାର ବୁଡ ପକାଇଥିଲେ ।

# ଆମେରିକାରେ ଟିକ୍‌ଟକ୍ ବନ୍ଦ

**ୱାସିଂଟନ,୨୧।୧(ଏଜେନ୍ସି):** ନିର୍ଦ୍ଧାରିତ ସମୟ ଶେଷ ହେବା ପୂର୍ବରୁ ଆମେରିକାର ଲୋକପ୍ରିୟ କ୍ଷୁଦ୍ର ଭିଡିଓ ଆପ୍ ଟିକଟକ୍ ବନ୍ଦ ହୋଇଯାଇଛି । ତାହାକୁ ଲୋକମାନେ ବ୍ୟବହାର କରିପାରୁନାହାନ୍ତ । ସମ୍ଭାବ୍ୟ ନିଷେଧାଦେଶରୁ ନିଜକୁ ମୁକ୍ତ କରିବା ଲାଗି କମ୍ପାନୀ ଶେଷ ପ୍ରୟାସ କରି ଆମେରିକା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । କିନ୍ତୁ ସେଠାରେ ନିରାଶ ହେବା ପରେ ନିଜ ସେବାକୁ ଅଫ୍ଲାଇନ୍ କରିଦେଇଛି । ଆପଲ୍ ଓ ଗୁଗଲ୍ ପ୍ଲେ ଷ୍ଟୋରୁ ଟିକ୍ଟକ୍ ଆପ୍ ହଟିଯାଇଛି । ଟିକ୍ଟକ୍ ଡଟ୍ କମରେ ମଧ୍ୟ କ୍ଷୁଦ୍ର ଭିଡିଓଗୁଡ଼ିକୁ ଦେଖି ହେଉନାହିଁ । ଚୀନର ସଂସ୍ଥା ବାଇଟ୍ଡ୍ୟାନ୍ସ ଦ୍ୱାରା ପରିଚାଳିତ ଟିକ୍ଟକ୍ ବିରୋଧରେ ଲୋକଙ୍କ ସମ୍ବେଦନଶୀଳ ତଥ୍ୟ ଚୀନ୍ ପ୍ରେରଣ କରୁଥିବା ଅଭିଯୋଗ ରହିଛି । ସେହି ଆଧାରରେ ଆମେରିକାର ବ୍ୟବସାୟ ଶାଖାର ଅଂଶଧନ ବିକ୍ରି କରିବାକୁ କମ୍ପାନୀ ଉପରେ ଚାପ ପ୍ରୟୋଗ କରାଯାଇଥିଲା । ୨୦୨୫ ଜାନୁଆରୀ ୧୯ ସୁଦ୍ଧା ସେହି କାର୍ଯ୍ୟ କରିବା ଲାଗି କୁହାଯାଇଥିଲା । କମ୍ପାନୀକୁ ଦୁଇଟି ବିକଳ୍ପ ଦିଆଯାଇଥିଲା । ତାହା ହେଉଛି ଆପକୁ ସମ୍ପୂର୍ଣ୍ଣ ବନ୍ଦ କରିବା କିମ୍ବା ନିଜକୁ ବିକ୍ରି କରିବା । ଟିକଟକ୍ ପ୍ରସଙ୍ଗରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ହସ୍ତକ୍ଷେପ କରିବାକୁ ମନା କରିବା ସହ ତାଙ୍କ ଉତ୍ତରାଧିକାରୀ ଡୋନାଲ୍ଡ ଟ୍ରମ୍ପ୍ଙ୍କ ଉପରେ ନିଷ୍ପତ୍ତି ଛାଡ଼ିଛନ୍ତି । ଆସନ୍ତାକାଲି ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ପରେ ଟିକଟକ୍‌କୁ ସେ ଆଉ ୯୦ ଦିନର ମହଲତ ଦେଇପାରନ୍ତି ବୋଲି ଆଲୋଚନା ହେଉଛି । ଏନେଇ ଟ୍ରମ୍ପ୍ ଏକ ସାକ୍ଷାତକାରରେ ଆଭାସ ଦେଇଛନ୍ତି । ଟିକଟକ୍‌କୁ ନିଷିଦ୍ଧ କରିବା ଲାଗି ଗତବର୍ଷ ଏପ୍ରିଲରେ ଆମେରିକା ନିଷ୍ପତ୍ତି ନେଇଥିଲା । ଟିକଟକ୍ ପକ୍ଷରୁ ଯୁକ୍ତି କରାଯାଇଛି ଯେ ଆପକୁ ବନ୍ଦ କରିବା ଏହାର ୧୭ କୋଟି ଆମେରିକୀୟ ବ୍ୟବହାରକାରୀଙ୍କ ବାକ୍ ସ୍ୱାଧୀନତା ଉଲ୍ଲଂଘନ କରୁଛି । ଟିକ୍ଟକ୍ ସମସ୍ୟାର ସମାଧାନ କରିବା ଲାଗି କାମ କରିବାକୁ ଟ୍ରମ୍ପ୍ ସଙ୍କେତ ଦେଇଥିବାରୁ ଟିକ୍‌ଟକ ସିଇଓ ସୋ ଜି ଚିଉ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆସନ୍ତାକାଲି ଟ୍ରମ୍ପ୍ଙ୍କ ଶପଥ ଗ୍ରହଣ ସମାରୋହରେ ସେ ଯୋଗଦେବାକୁ ଯାଉଛନ୍ତି ।

# ଡବ୍ଲୁଏଚଓ କୋଭିଡ୍-୧୯ ମହାମାରୀର ସଠିକ୍ ମୁକାବିଲା କରିପାରିଲା ନାହିଁ

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):** ଆମେରିକାର ନୂଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ବିଶ୍ୱର ପ୍ରମୁଖ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ)ରୁ ସେ ନିଜ ଦେଶକୁ ଅଲଗା କରିଛନ୍ତି । ଶପଥ ଗ୍ରହଣ କରିବାର ପ୍ରାୟ ୮ ଘଣ୍ଟା ପରେ ଜାରି ହୋଇଥିବା ଏକ କାର୍ଯ୍ୟକାରୀ ନିର୍ଦ୍ଦେଶନାମାରେ ଡୋନାଲ୍ଡ ଟ୍ରମ୍ପ ଆମେରିକା ପ୍ରତ୍ୟାହାର ପାଇଁ ଅନେକ କାରଣ ଦର୍ଶାଇଛନ୍ତି । ସେ କହିଛନ୍ତି ଯେ ଡବ୍ଲ୍ୟୁଏଚଓ କୋଭିଡ୍-୧୯ ମହାମାରୀର ସଠିକ୍ ମୁକାବିଲା କରିପାରିଲା ନାହିଁ । ଆବଶ୍ୟକ ସଂସ୍କାରକୁ ତୁରନ୍ତ ଗ୍ରହଣ କରିବାରେ ସଂଗଠନ ବିଫଳ ହୋଇଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି । ଡବ୍ଲ୍ୟୁଏଚ୍ଓ ଚଳାଇବା ପାଇଁ ଆମେରିକା ଅତ୍ୟଧିକ ଟଙ୍କା ଦେଉଥିବା ବେଳେ ଚୀନ୍ ଭଳି ଦେଶ କମ୍ ଟଙ୍କା ଦେଉଛନ୍ତି ବୋଲି ସେ କହିଛନ୍ତି । ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଏହି ପଦକ୍ଷେପ ବିଶ୍ୱର ନେତା ଭାବରେ ଆମେରିକାର ଖ୍ୟାତିକୁ କ୍ଷୁର୍ଣ୍ଣ କରିବ । ଏହାବ୍ୟତୀତ ପରବର୍ତ୍ତୀ ମହାମାରୀ ସହ ଲଢ଼ିବା ଆମେରିକା ପାଇଁ କଷ୍ଟକର ହୋଇପଡ଼ିବ । ତେବେ ଡୋନାଲ୍ଡ ଟ୍ରମ୍ପଙ୍କ ଏହି ପଦକ୍ଷେପ ଅପ୍ରତ୍ୟାଶିତ ନୁହେଁ । ଟ୍ରମ୍ପ ୨୦୨୦ରୁ ଡବ୍ଲ୍ୟୁଏଚ୍ଓ ବିରୋଧରେ ସ୍ୱର ଉତ୍ତୋଳନ କରିଆସୁଛନ୍ତି । ଏହା ପୂର୍ବରୁ ସେ କରୋନା ଭାଇରସ୍ ମହାମାରୀ ବିରୋଧରେ ଏଜେନ୍ସିର ଆଭିମୁଖ୍ୟ ଉପରେ ଆକ୍ରମଣ କରିଥିଲେ ଏବଂ ଆମେରିକାରୁ ପାଣ୍ଠି ବନ୍ଦ କରିବାକୁ ଧମକ ଦେଇଥିଲେ । ଜୁଲାଇ ୨୦୨୦ରେ ଟ୍ରମ୍ପ ଏଜେନ୍ସିରୁ ଓହରିଯିବା ପାଇଁ ଆନୁଷ୍ଠାନିକ ପଦକ୍ଷେପ ନେଇଥିଲେ । କିନ୍ତୁ ୨୦୨୦ ନିର୍ବାଚନ ହାରିବା କାରଣରୁ ଏହି ଧମକ ପୂରଣ ହୋଇପାରିନଥିଲା ।

# ଏକୁଟିଆ ବିଏମସି ନିର୍ବାଚନ ଲଢିବ ସପା

**ମୁମ୍ବାଇ,୨୧।୧(ଏଜେନ୍ସି):** ମହାରାଷ୍ଟ୍ରରେ ବ୍ରିହନ୍ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ (BMC)ନିର୍ବାଚନ ପୂର୍ବରୁ ମହା ବିକାଶ ଆଘାଡି ମେଣ୍ଟକୁ ଏକ ବଡ଼ ଝଟକା ଲାଗିଛି । ସମାଜବାଦୀ ପାର୍ଟି ମେଣ୍ଟରୁ ଦୂରେଇ ରହି ବିଏମସି ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି । ସମାଜବାଦୀ ପାର୍ଟି ବିଏମସିର ୧୫୦ଟି ଆସନରେ ଲଢ଼ିବାକୁ ପ୍ରସ୍ତୁତ ହେଉଛି । ଦଳ ପ୍ରାର୍ଥୀ ଚୟନ ପ୍ରକ୍ରିୟା ମଧ୍ୟ ଆରମ୍ଭ କରିସାରିଛି । ଏହି ସମୟରେ, ଆବୁ ଆଜମୀ କହିଛନ୍ତି ଯେ ମହା ବିକାଶ ଆଘାଡିରେ କୌଣସି ସମନ୍ୱୟ ନାହିଁ । ସମାଜବାଦୀ ପାର୍ଟି ପୂର୍ବରୁ ଉଦ୍ଧବ ଠାକରେ ଘୋଷଣା କରିଥିଲେ ଯେ ଶିବସେନା (ଉଦ୍ଧବ ବାଲାସାହେବ ଠାକରେ) ମଧ୍ୟ ଏକାକୀ ବିଏମସି ନିର୍ବାଚନ ଲଢ଼ିବ । ଏପରି ପରିସ୍ଥିତିରେ, ଏହି ନିର୍ବାଚନ ପାଇଁ ଏମ୍ଭିଏରେ କଂଗ୍ରେସ ଏବଂ ଏନ୍ସିପି(ଏସପି) କେବଳ ଦୁଇଟି ପ୍ରମୁଖ ଦଳ ବାକି ଅଛନ୍ତି । ଆବୁ ଆଜମୀ କହିଛନ୍ତି ଯେ ସେ ଭଲ ପ୍ରାର୍ଥୀଙ୍କୁ ଟିକେଟ୍ ଦେବେ । ନିର୍ବାଚନ ପ୍ରସ୍ତୁତି ଅରମ୍ଭ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି । ୧୯୯୭ ରୁ ୨୦୨୨ ପର୍ଯ୍ୟନ୍ତ ଲଗାତାର ୨୫ ବର୍ଷ ଧରି ଅବିଭକ୍ତ ଶିବସେନା ବିଏମସି ଉପରେ ନିୟନ୍ତ୍ରଣ ରଖିଥିଲା । ବିଏମସିର ପୂର୍ବ ନିର୍ବାଚିତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ୨୦୨୨ ମାର୍ଚ୍ଚ ଆରମ୍ଭରେ ଶେଷ ହୋଇଥିଲା । ବିଏମସିରେ ମୋଟ ୨୨୭ଟି ସିଟ୍ ଅଛି । ଶାସକ ମହାଯୁତି ମେଣ୍ଟ ଏହି ୨୨୭ ଆସନରେ ମିଳିତ ଭାବରେ ଲଢ଼ିବାକୁ ଯୋଜନା କରୁଛି । ଏହି ଆସନଗୁଡ଼ିକ ମଧ୍ୟରୁ ଅଧିକାଂଶ ଏକନାଥ ସିନ୍ଦେ ଗୋଷ୍ଠୀର ଶିବସେନା ଏବଂ ବିଜେପି ଖାତାକୁ ଯାଇପାରେ, ଯେତେବେଳେ ଅଜିତ ପାୱାରଙ୍କ ଏନସିପି କମ୍ ଆସନ ପାଇପାରେ । ସେହି ସମୟରେ, ମହା ବିକାଶ ଆଘାଡିର ଦଳଗୁଡ଼ିକ ମୁମ୍ବାଇରେ ଏକାକୀ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି, ଯେତେବେଳେ ପୁଣେ, ପିମ୍ପରି-ଚିଞ୍ଚୱାଡ ଏବଂ ନାସିକ ପୌର ସଂସ୍ଥାରେ ସେମାନେ ଏମ୍ଭିଏ ମେଣ୍ଟରେ ରହି ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି ।

# ଟୟୋଟା ଫର୍ଚୁନରକୁ ଟକ୍କର ଦେବାକୁ ଏମଜି ଆଣିଲା ମାଜେଷ୍ଟର

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):** ଏମଜି ମୋଟର ଇଣ୍ଡିଆ ଅଟୋ ଏକ୍ସପୋରେ ଏହାର ନୂତନ ଏସୟୁଭି ମାଜେଷ୍ଟରର ପ୍ରଦର୍ଶନ କରିଛି । ଏହି ଏସୟୁଭିକୁ ଗ୍ଲୋଷ୍ଟରର ଫେସଲିଫ୍ଟ ସଂସ୍କରଣ ଭାବରେ ଦେଖାଯାଉଛି । କମ୍ପାନୀ କହିଛି ଯେ ଏହି ଫ୍ଲାଗସିପ୍ ମଡେଲ୍ କମ୍ପାନୀର ଗ୍ଲୋଷ୍ଟର ରେଞ୍ଜର ଶ୍ରେଷ୍ଠ ଭାରିଆଣ୍ଟ ହେବ । ଏହାର ବୋଲ୍ଡ ଡିଜାଇନ୍ ଏବଂ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ ଏହାକୁ ଟୟୋଟା ଫର୍ଚୁନରର ପ୍ରକୃତ ପ୍ରତିଦ୍ୱନ୍ଦ୍ୱୀ କରିଥାଏ । ଏହି କାରର ଡିଜାଇନ୍ ବୋଲ୍ଡ ଏବଂ ସ୍ପୋର୍ଟି ଦିଆଯାଇଥିବାବେଳେ ଏଥିରେ ବହୁତ ବୈଶିଷ୍ଟ୍ୟ ରହିଛି । ଏହି କାରରେ ୧୨.୩ ଇଞ୍ଚ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ, ପାନୋରାମିକ୍ ସନରୁଫ୍, ନୂତନ ସମ୍ପୂର୍ଣ୍ଣ ଡିଜିଟାଲ୍ ଇଣ୍ଡଷ୍ଟ୍ରୁମେଣ୍ଟ କନସୋଲ୍, କ୍ଲାଇମେଟ୍ କଣ୍ଟ୍ରୋଲ୍ ଏବଂ ୱାୟାରଲେସ୍ ମୋବାଇଲ୍ ଚାର୍ଜିଂ ଭଳି ବିଶେଷ ବୈଶିଷ୍ଟ୍ୟ ଦେଖିବାକୁ ମିଳିଛି । କାର୍ଯ୍ୟଦକ୍ଷତା ପାଇଁ, ଏଥିରେ ୨.୦ ଲିଟର ଟ୍ୱିନ୍ ଟର୍ବୋ ଡିଜେଲ୍ ଇଞ୍ଜିନ୍ ଅଛି ଯାହା ୨୧୩ବିଏଚପି ପାୱାର ଏବଂ ୪୭୮ଏନଏମ ଟର୍କ ଜେନେରେଟ୍ କରେ । ଏଥିରେ ୮ ସ୍ପିଡ୍ ଅଟୋମେଟିକ୍ ଟ୍ରାନ୍ସମିସନ୍ ରହିବ, ଏହି ବୈଶିଷ୍ଟ୍ୟ ଏହି କାରର ସମସ୍ତ ପ୍ରକାରରେ ଉପଲବ୍ଧ ହେବ । ମାଜେଷ୍ଟରର ମୂଲ୍ୟ ବାବଦରେ ଖୁଲାସା ହୋଇନଥିଲେ ବି ଏହାର ମୂଲ୍ୟ ୪୦ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ରୁ ୪୫ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ମଧ୍ୟରେ ରହିବୟଅନ୍ୟପଟେ ଏମଜି ଗ୍ଲୋଷ୍ଟର ବିଷୟରେ କହିବାକୁ ଗଲେ, ଏହି ଏସୟୁଭିର ମୂଲ୍ୟ ୩୯.୫୭ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ରୁ ୪୪.୦୩ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ମଧ୍ୟରେ ରହିଛି । ଏହି ସେଗମେଣ୍ଟରେ ମାଜେଷ୍ଟର ସିଧାସଳଖ ଟୟୋଟା ଫର୍ଚୁନର ସହିତ ପ୍ରତିଯୋଗିତା କରିବ ।

# ଇଡେନ୍ ଗାର୍ଡେନ୍ସରେ ଆଜି ପ୍ରଥମ ଟ୍ୱେଣ୍ଟି-୨୦






କୋଲକାତା,୨୧।୧: : ଆସନ୍ତାକାଲିଠୁ ଘରୋଇ ପରିବେଶରେ ଭାରତ-ଇଂଲଣ୍ଡ ଫଟାଫଟ୍ କ୍ରିକେଟ୍‌ର ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ମୁହାଁମୁହିଁ ହେବ। ପ୍ରଥମ ଲଢ଼େଇ ଐତିହାସିକ ଇଡେନ୍ ଗାର୍ଡେନ୍ସରେ ଖେଳାଯିବ। ସେଥିପାଇଁ କୋଲକାତା ବେଶ୍ ଚଳଚଞ୍ଚଳ ଇଡେନ୍ ଗାର୍ଡେନ୍ସର ଭିତର ଓ ବାହାର ପରିବେଶ ମଧ୍ୟ ବେଶ୍ ମନ୍ତ୍ରମୁଗ୍ଧକର ଏହି ପ୍ରତୀକ୍ଷିତ ମ୍ୟାଚ୍ ଲାଗି ଶନିବାର ସଂଧ୍ୟାରେ ଉଭୟ ଦଳର ଖେଳାଳି ଏଠାରେ ପହଞ୍ଚି ସାରିଛନ୍ତି। ଯାହା ଫଳରେ ପୂରା କୋଲକାତା ସହର ଯେମିତି ଇଡେନ୍ ମୁହାଁ ହୋଇଛି ଏବଂ କ୍ରିକେଟ୍ ଜ୍ୱର ପ୍ରତିଟି ସ୍ଥାନୀୟ କ୍ରିକେଟ୍‌ପ୍ରେମୀଙ୍କୁ ଘାରିଛି।ଏହି ଶୃଙ୍ଖଳା ପାକିସ୍ତାନ ଓ ୟୁଏଇରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଖେଳାଯାଉଥିବାରୁ ଉଭୟ ଦଳ ମଧ୍ୟ ଏହାକୁ ବେଶ୍ ଗୁରୁତ୍ୱ ଦେଉଛନ୍ତି।

ରବିବାର ସକାଳେ ବିଶ୍ରାମ ନେବା ପରେ ଇଂଲଣ୍ଡ ଖେଳାଳିମାନେ ଅପରାହ୍ଣରେ ଇଡେନ୍ ଗାର୍ଡେନ୍ସ ଆସି ହାଲ୍‌କା ଫୁଲ୍‌କା ଅଭ୍ୟାସ କରିଥିଲେ। ସଂଧ୍ୟାରେ ଭାରତୀୟ ଖେଳାଳି ମଧ୍ୟ ଅଭ୍ୟାସ ଆରମ୍ଭ କରିଥିଲେ। ତେବେ ଉଭୟ ଦଳ ତିନିଟି ଲେଖାଏଁ ଅଭ୍ୟାସ ଅଧିବେଶନରେ ଯୋଗଦେବେ। ବୋଲି ବେଙ୍ଗଲ କ୍ରିକେଟ୍ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ମଧ୍ୟ ଉଭୟ ଦଳ ଦୁଇଟି ପର୍ଯ୍ୟାୟରେ ଅଭ୍ୟାସ କରିଥିବା ସୂଚନା ମିଳିଛି। କୋଲକାତାରେ ପ୍ରଥମ ଟ୍ୱେଣ୍ଟି-୨୦ ଖେଳିବା ପରେ ସେଠାରୁ ୨୩ ତାରିଖ ସକାଳେ ଦୁଇଟି ଯାକ ଦଳର ଖେଳାଳିମାନେ ଚେନ୍ନାଇ ଅଭିମୁଖେ ଯାତ୍ରା କରିବେ। ସେଠାରେ ୨୫ ତାରିଖରେ ଦ୍ୱିତୀୟ ଟ୍ୱେଣ୍ଟି-୨୦ ଖେଳାଯିବ। ଏହା ପରେ ୨୮ରେ ରାଜକୋଟ ଏବଂ ୩୧ରେ ପୁଣେରେ ପରବର୍ତ୍ତୀ ଦୁଇ ମ୍ୟାଚ୍ ଖେଳିବେ ଶେଷରେ ମୁମ୍ବାଇରେ ଫେବ୍ରୁଆରି ୨ରେ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଖେଳି ଶୃଙ୍ଖଳା ଶେଷ କରିବେ। ଟ୍ୱେଣ୍ଟି-୨୦ ପରେ ଭାରତୀୟ ଦଳ ରୋହିତ ଶର୍ମାଙ୍କ ନେତୃତ୍ୱରେ ନାଗପୁର, କଟକ ଓ ଅହମଦାବାଦରେ ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ଖେଳିବ ଇଂଲଣ୍ଡ ବିପକ୍ଷ ଏହି ଘରୋଇ ଶୃଙ୍ଖଳା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତର ଶେଷ ସୀମିତ ଓଭର ଶୃଙ୍ଖଳା ହେବ।

ଟ୍ୱେଣ୍ଟି-୨୦ ପରିସଂଖ୍ୟାନରେ ଇଂଲଣ୍ଡଠାରୁ ଭାରତ ସାମାନ୍ୟ ଆଗରେ ରହିଛି। ଭାରତ ଓ ଇଂଲଣ୍ଡ ଆଜି ପର୍ଯ୍ୟନ୍ତ ୨୪ଟି ଟ୍ୱେଣ୍ଟି-୨୦ରେ ମୁହାଁମୁହିଁ ହୋଇଛନ୍ତି। ସେଥିମଧ୍ୟରୁ ଭାରତ ୧୩ଟି ଜିତିଥିଲା ବେଳେ ଇଂଲଣ୍ଡ ୧୧ଟିରେ ବିଜୟୀ ହୋଇଛି।ପୁଣି ଘରୋଇ ପରିବେଶରେ ଭାରତ ୬, ବିଦେଶରେ ୪ ଏବଂ ନିରପେକ୍ଷ ସ୍ଥାନରେ ୩ଟି ମ୍ୟାଚ୍ ଜିତିଛି। ଅନ୍ୟପକ୍ଷରେ ଇଂଲଣ୍ଡ ଘରୋଇ ପରିବେଶରେ ୫, ବିଦେଶରେ ୫ ଏବଂ ନିରପେକ୍ଷ ସ୍ଥାନରେ ଖେଳିଥିବା ଗୋଟିଏ ମ୍ୟାଚ୍‌ରେ ବିଜୟର ମିଠାମିଠା ସ୍ୱାଦ ଚାଖିଛି। ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ମ୍ୟାଚ୍‌ରୁ ଭାରତ ତିନିଟି ଜିତିଥିଲା ବେଳେ ଇଂଲଣ୍ଡ ଦୁଇଟିରେ ବିଜୟୀ ହୋଇଛି। ଉଭୟ ଦଳ ମଧ୍ୟରେ ଶେଷ ମ୍ୟାଚ୍ ପ୍ରୋଭିଡେନ୍ସଠାରେ ଗତବର୍ଷ ଜୁନ୍ ୨୭ ତାରିଖରେ ଖେଳାଯାଇଥିଲା। ଏହାକୁ ଭାରତ ଅତି ସହଜରେ ୬୮ ରନ୍‌ରେ ଜିତି ନେଇଥିଲା। ପରେ ଯାଇ ବିଶ୍ୱବିଜେତା ମଧ୍ୟ ହୋଇଥିଲା। ଆଗାମୀ ଶୃଙ୍ଖଳାରେ ଭାରତ ଏହି ସଫଳତା ଦୋହରାଇବ ବୋଲି ପ୍ରଶଂସକ ଆଶା ରଖିଛନ୍ତି।

### ଜିଲ୍ଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଆଲି କ୍ରିକେଟ୍ ଆଣ୍ଡ ସ୍ପୋର୍ସ କାଉନ୍‌ସିଲ ବିଜୟୀ

କେନ୍ଦ୍ରାପଡ଼ା,୨୧।୧: କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ ସୁପର ଲିଗ୍ ମ୍ୟାଚ୍‌ରେ ମଙ୍ଗଳବାର ଆଲି କ୍ରିକେଟ ଓ ସ୍ପୋର୍ସ କାଉନ୍‌ସିଲ ବିଜୟୀ ହୋଇଛି। ମଙ୍ଗଳବାର ରୟାଲ୍ କ୍ରିକେଟ୍ କ୍ଲବ ଓ ଆଲି କ୍ରିକେଟ ଓ ସ୍ପୋର୍ସ କାଉନ୍‌ସିଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ଆଲି କ୍ରିକେଟ ଓ ସ୍ପୋର୍ସ କାଉନ୍‌ସିଲ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ଆଲି କ୍ରିକେଟ ଓ ସ୍ପୋର୍ସ କାଉନ୍‌ସିଲ ବ୍ୟାଟିଂ କରି ୩୫ ଓଭରରେ ୯ ୱିକେଟ୍ ବିନିମୟରେ ୨୨୨ ରନ୍ କରିଥିଲା। ଜବାବରେ ରୟାଲ୍ କ୍ରିକେଟ୍ କ୍ଲବ ୨୮ ଓଭରରେ ୧୦ ୱିକେଟ୍ ବିନିମୟରେ ୧୫୨ ରନ୍ କରିଥିଲା। ଫଳରେ ଆଲି କ୍ରିକେଟ ଓ ସ୍ପୋର୍ସ କାଉନ୍‌ସିଲ ୭୦ ରନ୍‌ରେ ବିଜୟ ହାସଲ କରିଥିଲା। ଏହି ମ୍ୟାଚ୍‌ରେ ଆଲି କ୍ରିକେଟ ଓ ସ୍ପୋର୍ସ କାଉନ୍‌ସିଲର ସତ୍ୟଜିତ୍ ମାହାଳିକ ୧୫ଟି ଚୌକା ଓ ୫ଟି ଛକା ମାରି ୧୨୭ ବଲ୍‌ରେ ୧୨୯ ରନ୍ କରି ମ୍ୟାନ ଅଫ୍ ଦ ମ୍ୟାଚ୍ ଟ୍ରଫି ଗ୍ରହଣ କରିଥିଲେ। କାର୍ତ୍ତିକ ସାହୁ ଅତିଥି ଭାବେ ଯୋଗଦେଇ ଏହି ଟ୍ରଫି ସତ୍ୟଜିତ୍‌ଙ୍କୁ ପ୍ରଦାନ କରିଥିଲେ। ମ୍ୟାଚରେ ବିଶ୍ୱଜିତ ଅଧିକାରୀ ଓ ଲଲିତେନ୍ଦୁ ପଣ୍ଡା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଚିରଞ୍ଜୀବୀ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର କାର୍ଯ୍ୟ କରିଥିଲେ। ବରଦାକାନ୍ତ ବରାଳ ଖେଳର ବିବରଣୀ ପ୍ରକାଶ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, ସମିର ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ।




# ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ, ହ୍ୟାରି ବ୍ରୁକ୍‌ଙ୍କୁ ନୂଆ ଦାୟିତ୍ୱ

ନୂଆଦିଲ୍ଲୀ,୨୧।୧: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ବୁଧବାରଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ। ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ କୋଲକାତାର ଇଡନ ଗାର୍ଡନ୍ ଷ୍ଟାଡିୟମରେ ଖେଳାଯିବ। ଏହା ପୂର୍ବରୁ ଇଂଲଣ୍ଡ ମଙ୍ଗଳବାର ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ନିଜ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି ଇଂଲଣ୍ଡର ଷ୍ଟାର୍ ବ୍ୟାଟର ହ୍ୟାରି ବ୍ରୁକଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ଟିମର ଉପଅଧିନାୟକ କରାଯାଇଛି।୨୫ ବର୍ଷୀୟ ବ୍ରୁକ୍ ୨୦୨୨ରେ ଇଣ୍ଟରନ୍ୟାସନାଲ୍ ଡେବ୍ୟୁ କରିବା ପରଠୁ ବ୍ୟାଟିଂ ବଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।




କୋଲକାତା ଟି-୨୦ ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ବେନ୍ ଡକେଟ୍ ଏବଂ ୱିକେଟ୍ କିପରି ଫିଲ୍ ସାଲ୍ଟ ଓପନିଂ କରିବେ। ତୃତୀୟ ସ୍ଥାନରେ ଇଂଲଣ୍ଡର ଅଧିନାୟକ ଜୋଶ ବଟଲର୍ ଆସିବେ ଇଂଲଣ୍ଡ ଟିମ୍‌ର ମୁଖ୍ୟ କୋଚ୍ ବ୍ରାଡନ ମ୍ୟାକୁଲମ ପୂର୍ବରୁ ସ୍ପଷ୍ଟ କରିଥିଲେ ଯେ ଅନୁଭବୀ ବ୍ୟାଟର ବଟଲର୍ କେବଳ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ରୂପେ ଖେଳିବେ ଏବଂ ୱିକେଟ୍ କିପର ଭୂମିକାରେ ନଜର ଆସିବେ ନାହିଁ। ଉପଅଧିନାୟକ ହ୍ୟାରି ବ୍ରୁକ୍ ଚତୁର୍ଥ ସ୍ଥାନରେ ବ୍ୟାଟିଂ ପାଇଁ ଓହ୍ଲାଇବେ ତାଙ୍କ ପରେ ଅଲ୍‌ରାଉଣ୍ଡର ଲିୟାମ ଲିଭିଙ୍ଗଷ୍ଟୋନ୍ ଏବଂ ଜ୍ୟାକବ ବେଥେଲ ଆସିବେ।

ଅନ୍ୟପଟେ ଦ୍ରୁତ ବୋଲର ମାର୍କ ଉଡ୍‌ଙ୍କ ଟିମକୁ କମବ୍ୟାକ୍ ହୋଇଛି ଟି-୨୦ ଇଣ୍ଟରନ୍ୟାସନାଲର ଶେଷ ମୁକାବିଲା ଗତ ବର୍ଷ ଜୁନରେ ଟି-୨୦ ବିଶ୍ୱକପରେ ଖେଳିଥିଲେ ୩୫ ବର୍ଷୀୟ ପେସର ଆହତ କାରଣରୁ ଟିମରୁ ଅନେକ ମାସ ଧରି ବାହାରେ ରହିଥିଲେ।

ଭାରତ ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ: ବେନ୍ ଡକେଟ୍, ଫିଲ୍ ସାଲ୍ଟ, ଜୋଶ ବଟଲର୍ (ଅଧିନାୟକ), ହ୍ୟାରି ବ୍ରୁକ୍ (ଉପଅଧିନାୟକ), ଲିୟାମ ଲିଭିଙ୍ଗଷ୍ଟୋନ୍, ଜ୍ୟାକବ ବେଥେଲ, ଜେମି ଓଭରଟନ୍, ଗସ୍ ଏଟକିନ୍ସନ, ଜୋଫ୍ରା ଆର୍ଚର, ଆଦିଲ ରସିଦ, ମାର୍କ ଉଡ୍ ।

## ନିୟୋଜିତ ହେବେ ୧୨୦୦ ସ୍ୱତନ୍ତ୍ର କ୍ରୀଡ଼ା ସ୍ୱେଚ୍ଛାସେବୀ

ଭୁବନେଶ୍ୱର,୨୧।୧: ଉତ୍ତରାଖଣ୍ଡର ଡେରାଡୁନଠାରେ ଖେଳାଯିବାକୁ ଥିବା ୩୮ତମ ଜାତୀୟ କ୍ରୀଡ଼ା ଅବସରରେ ୧୨୦୦ ସ୍ୱତନ୍ତ୍ର କ୍ରୀଡ଼ା ସ୍ୱେଚ୍ଛାସେବୀ ନିୟୋଜିତ ହେବେ ଉତ୍ତରାଖଣ୍ଡ ସରକାରଙ୍କୁ ବିଭିନ୍ନ ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏଫ୍‌ଏସ୍‌ଆଇ) ଏହି ସ୍ୱେଚ୍ଛାସେବୀମାନଙ୍କୁ ଯୋଗାଇ ଦେବେ। ଏହା ଛଡ଼ା ଉତ୍ତରାଖଣ୍ଡ ସରକାର ମଧ୍ୟ ନିଜସ୍ୱ ଉଦ୍ୟମରେ ଅତିରିକ୍ତ ୨୩୦୦ ସାଧାରଣ ସ୍ୱେଚ୍ଛାସେବୀ ନିୟୋଜନ କରିବେ ସ୍ୱତନ୍ତ୍ର କ୍ରୀଡ଼ା ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ ଓ ଦାୟିତ୍ୱ ସାଧାରଣ ସ୍ୱେଚ୍ଛାସେବୀଙ୍କଠାରୁ ଭିନ୍ନ ରହିବ ହେଲେ ସାଧାରଣ ସ୍ୱେଚ୍ଛାସେବୀଙ୍କ ସହ ଏମାନେ ମଧ୍ୟ ଉତ୍ତମ ବ୍ୟବହାର ଓ ଶିଷ୍ଟାଚାରରେ ପ୍ରଶିକ୍ଷଣ ନେବେ। ୩୮ତମ ଜାତୀୟ କ୍ରୀଡ଼ା ଚଳିତ ଜାନୁଆରି ୨୮ରୁ ଫେବ୍ରୁଆରି ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ।

## ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ : ବ୍ଲୁ ବାର୍ଡ କ୍ଲବ୍, ଗୁରୁଜଙ୍ଗ ବିଜୟୀ



ଖୋର୍ଦ୍ଧା,୨୧।୧: ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୁଲ୍ୟ ରେ ଷଷ୍ଠ ଦିବସ ଖେଳରେ ବ୍ଲୁ ବାର୍ଡ କ୍ଲବ୍, ଗୁରୁଜଙ୍ଗ ଜଟଣୀ କ୍ରିକେଟ ଏକାଡେମି କୁ ୨୪୨ ରନ ରେ ପରାସ୍ତ କରିଛି। ଟସ୍ ରେ ବିଜୟ ହୋଇ ଗୁରୁଜଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରି ୪୦ ଓଭର ରେ ୮ ୱିକେଟ୍ ହରାଇ ୨୮୫ ରନ କରିଥିଲେଦଳ ତରଫରୁ ନିକଟରେ ଓଡ଼ିଶା ୧୯ ବର୍ଷ ରୁ କମ ଦଳରେ ସ୍ଥାନ ପାଇଥିବା ରୁଦ୍ର ପ୍ରସାଦ ମଲ୍ଲିକ ୭୭ ବଲ ରୁ ୧୫୦ ରନ(୧୪ ଚଉକା ଓ ୧୨ ଛକା)ସଂଗ୍ରହ କରିଥିଲେଜବାବରେ ଜଟଣୀ ଦଳ ଦଳ ୧୪ ସମସ୍ତ ୱିକେଟ୍ ହରାଇ ମାତ୍ର ୪୩ ରନ କରିଥିଲେ। ଗୁରୁଜଙ୍ଗ ଦଳ ତରଫରୁ ଆଶୁତୋଷ ସିଂ ୭ ଓଭର ରେ ୧୪ ରନ୍ ବ୍ୟୟ କରି ୭ ଟି ୱିକେଟ ସଂଗ୍ରହ କରିଥିଲେ। ଖେଳକୁ ପ୍ରିତିରଞ୍ଜନ ବିଜୟଶିଂ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରୀ ଭାବେ ଓ ରୋହିତ ରଞ୍ଜନ ରାୟ ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ ବି ଜେ ବି ହାଇସ୍କୁଲ ପଡିଆରେ ଜିଲ୍ଲା ସ୍ତରୀୟ ପ୍ୟାରେଡ ଅଭିବାଦନ ଥିବାରୁ ଏହି ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ପର୍ଯ୍ୟାୟ ଆସନ୍ତା ୨୯ ତାରିଖ ଠାରୁ ଆରମ୍ଭ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

# ଟିମ୍ ଇଣ୍ଡିଆ ଜର୍ସିରୁ ପାକିସ୍ତାନ ନାଁ ଗାୟବ

ନୂଆଦିଲ୍ଲୀ ୨୧/୦୧: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଏଥର ଟୁର୍ଣ୍ଣାମେଣ୍ଟ ଖେଳାଯିବ 'ହାଇବ୍ରିଡ୍ ମଡେଲ୍' ପାକିସ୍ତାନର ତିନୋଟି ସହର (ରାଲପିଣ୍ଡି, କରାଚୀ ଏବଂ ଲାହୋର) ଓ ଦୁବାଇରେ ଖେଳାଯିବ ଏହି ଟୁର୍ଣ୍ଣାମେଣ୍ଟ ଟୁର୍ଣ୍ଣାମେଣ୍ଟ ୧୯ ଫେବୃଆରୀରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ନୂଆ। ବିବାଦ ତେଜିଛି

ଘଟଣାଟି ହେଉଛି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆୟୋଜକ ପାକିସ୍ତାନ ଥାଇ ବି ଏଥର ଭାରତୀୟ କ୍ରିକେଟ ଦଳର ଜର୍ସିରେ ପାକ୍ ନାଁ ନାହିଁ। ତେବେ ଜର୍ସିରେ ପାକିସ୍ତାନ (ଆୟୋଜକ ଦେଶର ନାମ) ନଥିବାକୁ ନେଇ ଆପତ୍ତି ଉଠିଛି ଭାରତ ଏହାର ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍ ଦୁବାଇରେ ଖେଳିବାକୁ ପ୍ରସ୍ତୁତ ଯଦିଓ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟର ଆନୁଷ୍ଠାନିକ ଆୟୋଜକ ରହିଛି ।

ପିସିବିର ବହୁ ଜିଦ୍ ସତ୍ତ୍ୱେ, ବିସିସିଆଇ ଚାମ୍ପିଅନ୍ସ ଟ୍ରଫି ପାଇଁ ଟିମ୍ ଇଣ୍ଡିଆକୁ ପାକିସ୍ତାନ ପଠାଇବାକୁ ମନା କରିବା ନେଇ ନିଜର ମତ ବଦଳାଇ ନଥିଲା ଶେଷରେ, ପାକିସ୍ତାନ ବୋର୍ଡକୁ ଭାରତର ସର୍ତ୍ତାବଳୀରେ ରାଜି ହେବାକୁ ପଡିଥିଲା ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ପାକିସ୍ତାନକୁ ଦଳ ପଠାଇବାକୁ ମନା କରିବା ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ଏବଂ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ହାଇବ୍ରିଡ୍-ମଡେଲ୍ ପାଇଁ ରାଜି ହୋଇଥିଲେ । କିନ୍ତୁ ଜର୍ସିରେ ହୋଷ୍ଟ ନାମ ନଥିବାରୁ ନୂଆ। ବିବାଦ ମୁଣ୍ଡ ଟେକିଛି । ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବାକୁ ଆଉ ମାତ୍ର ଗୋଟିଏ ମାସ ବାକି ଅଛି ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଏପର୍ଯ୍ୟନ୍ତ ତା'ର ଦଳ ଘୋଷଣା କରିନାହିଁ ଭାରତୀୟ ଦଳ ଘୋଷଣା କରାଯାଇଛି ଏହି ମାମଲାରେ ପିସିବିର ଜଣେ ଅଧିକାରୀ କହିଛନ୍ତି- ଟିମ୍ ଇଣ୍ଡିଆର ଜର୍ସିରେ ପାକିସ୍ତାନର ନାମ ନଛାପି ବିସିସିଆଇ 'କ୍ରିକେଟରେ ରାଜନୀତି' କରୁଛି ପୂର୍ବରୁ, ଭାରତୀୟ ବୋର୍ଡ ଚାମ୍ପିଅନ୍ସ ଟ୍ରଫି ପାଇଁ ଅଧିନାୟକଙ୍କ ବୈଠକରେ ଅଧିନାୟକ ରୋହିତ ଶର୍ମାଙ୍କୁ ପାକିସ୍ତାନ ପଠାଇବାକୁ ମଧ୍ୟ ମନା କରିଦେଇଥିବା ଜଣାପଡ଼ିଛି। ସେ ଆହୁରି କହିଛନ୍ତି କି, ବିସିସିଆଇ ଯାହା କରୁଛି ତାହା ଖେଳ ପାଇଁ ଆଦୌ ଭଲ ନୁହେଁ। ଉଦଘାଟନୀ ସମାରୋହ ପାଇଁ ସେମାନଙ୍କର ଅଧିନାୟକଙ୍କୁ ପାକିସ୍ତାନ ପଠାଇବାକୁ ଚାହୁଁନାହାଁନ୍ତି, ଏବେ ଏପରି ରିପୋର୍ଟ ଆସିଛି ଯେ ସେମାନେ ନିଜ ଜର୍ସିରେ ଆୟୋଜକ ଦେଶ (ପାକିସ୍ତାନ)ର ନାମ ଛାପିବାକୁ ଚାହୁଁନାହାଁନ୍ତି ଆମେ ବିଶ୍ୱାସ କରୁଛୁ ଯେ ଏହାକୁ ହେବାକୁ ଦେବ ନାହିଁ ଏବଂ ପାକିସ୍ତାନକୁ ସମର୍ଥନ କରିବ।




### ମୁଖ୍ୟମନ୍ତ୍ରୀ କପ ଜୁନିଅର ଫୁଟବଲ

# ଏସଏସାଇସି ଆଗରପଡା ବିଜୟୀ



ଧାମନଗର,୨୧।୧: ଧାମନଗର ବ୍ଲକ ଦୋବଲସ୍ଥିତ କାଳୀ ପଡିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କପ ଜୁନିୟର ଫୁଟବଲ ପ୍ରତିଯୋଗିତାରେ ଏସଏସାଇସି ଆଗରପଡା ବିଜୟୀ ହୋଇଛିପ୍ରଥମ ମ୍ୟାଚ ଏସବିଡି ସ୍କୁଲ ଭଦ୍ରକ ଏବଂ ଏସଏସାଇସି ଆଗରପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲାଆଗରପଡା ଟିମ ଖେଳର ଉଭୟ ହାଫରେ ପ୍ରାଧାନ୍ୟ ବିସ୍ତାର କରିବା ସଙ୍ଗେ ସଙ୍ଗେ ମ୍ୟାଚକୁ ଏକତରଫା ଭାବେ ୧୧-୦ ଗୋଲ ବ୍ୟବଧାନରେ ଜିତି ନେଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଶ୍ୟାମା କ୍ଲବ ତିହିଡି ଏବଂ ହେଲ୍ଥ ଲାଇନ କ୍ଲବ ଧାମନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲାଏଥିରେ ଶ୍ୟାମା କ୍ଲବ ୪-୦ ଗୋଲ ବ୍ୟବଧାନରେ ହେଲ୍ଥ ଲାଇନ ଧାମନଗରକୁ ହରାଇଥିଲାରିଆଜ ଖାନ,ସୁଶାନ୍ତ ବିଶ୍ୱାଳ,ଏମ ଡ଼ି ଇଜାହାର ଏବଂ ସେକ ସଲିମ ରେଫେରି ଭାବେ ଖେଳ ପରିଚାଳନା କରିଥିଲେଦୁଇଟି ମ୍ୟାଚରେ ଅତିଥି ରୂପେ ଧାମନଗର ପ୍ରେସ କ୍ଲବର ସଭାପତି ବୈକୁଣ୍ଠ ନାଥ ସାହୁ,ସାଧାରଣ ସମ୍ପାଦକ ରଜତ ପଣ୍ଡା,ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା,ଦେବେନ୍ଦ୍ର ଆଦିଆ, ସୁଧାକର ଦାସ, ସେକ ଜାଫର ଅଲ୍ଲୀ,ଗୋଲମ ଜିଲାନି ହବିବ,ସୁଶାନ୍ତ ରାଉତ,ସରୋଜ ସେଠୀ,ସଂଜୀବ ମହାନ୍ତି,ସନ୍ତୋଷ ମହାପାତ୍ର,ପ୍ରଶାନ୍ତ ସାହୁ,ପ୍ରଶାନ୍ତ ଦ୍ୱିବେଦୀ,ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ,ପ୍ରାକ୍ତନ ସରପଞ୍ଚ ପ୍ରମୋଦ ସୂତାର ପ୍ରମୁଖ ଯୋଗ ଦେଇଥିଲେପ୍ରତିଯୋଗିତାର ଫାଇନାଲ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ ବୋଲି ଆୟୋଜନ ସହଯୋଗୀ ଆଇନଜୀବୀ ରଞ୍ଜିତ ମହାନ୍ତି,ନାରାୟଣ ସାହାଣି ସୂଚନା ଦେଇଛନ୍ତି।

## ଆମେ ୩୦୦ ରନ୍ କରିବୁ

ନୂଆଦିଲ୍ଲୀ,୨୧।୧: ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ ପୂର୍ବରୁ ଟିମ୍ ଇଣ୍ଡିଆ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବଡ଼ ବୟାନ ଦେଇଛନ୍ତି।ଟିମ୍ ଇଣ୍ଡିଆ। ଟି୨୦ରେ ୩୦୦ ରନ୍ କରିପାରେ ବୋଲି ସେ କହିଛନ୍ତି। ଷ୍ଟାର ସ୍ପୋର୍ଟ୍ସର ଏକ କାର୍ଯ୍ୟକ୍ରମରେ ପଚରାଯାଇଥିଲା ଯେ, କଣ ଟି୨୦ରେ ୩୦୦ ରନ୍ ସ୍କୋର କରିବା ସହଜ ଏହାକୁ ନେଇ ସୂର୍ଯ୍ୟକୁମାର କହିଥିଲେ ଯେ ୨୯୭ ରନ୍ ଦଳ କରିସାରିଛି ଏମିତିରେ ୩୦୦ ରନ୍ ବେଶି ଦୂର ନୁହେଁ।ଏହାପରେ କେଉଁ ଟିମ୍ ପ୍ରଥମେ ଏହି ଉପଲବ୍ଧି ହାସଲ କରିବ ବୋଲି ପଚରାଯାଇଥିଲା। ଏଥିରେ ସୂର୍ଯ୍ୟକୁମାର ଭାରତୀୟ ଟିମ୍ ବୋଲି ଉତ୍ତର ଦେଇଥିଲେ ଏବେ ତାଙ୍କର ଏହି ବୟାନ ଚର୍ଚ୍ଚାରେ ରହିଛି।।

# ରଣଜୀ ଖେଳିବେ କୋହଲି

ନୂଆଦିଲ୍ଲୀ,୨୧।୧: ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ, ପୂର୍ବତନ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲିଙ୍କୁ ନେଇ ସାମ୍ନାକୁ ଆସିଛି ବଡ ଖବର। ଖୁବ୍‌ଶୀଘ୍ର କୋହଲି ରଣଜୀ ଟ୍ରଫି ମ୍ୟାଚ୍ ଖେଳୁଥିବାର ଦେଖିବାକୁ ମିଳିବ। ତେବେ ରୋହିତ ଶର୍ମା ଖେଳିବା ପକ୍କା ହୋଇଛି। ରଣଜୀ ଟ୍ରଫି ପାଇଁ ମୁମ୍ବାଇ ଦଳ ଘୋଷଣା କରାଯାଇଛି, ଯେଉଁଥିରେ ରୋହିତ ଶର୍ମାଙ୍କୁ ମଧ୍ୟ ସାମିଲ କରାଯାଇଛି ଏହି ସମୟରେ, ଖବର ଆସୁଛି ଯେ ବିରାଟ କୋହଲି ରଣଜୀ ଟ୍ରଫିରେ ଦିଲ୍ଲୀ ଦଳ ପାଇଁ ଖେଳିବେ ଦିଲ୍ଲୀ ଏବଂ ଜିଲ୍ଲା କ୍ରିକେଟ୍ ସଂଘ (ଡିଡିସିଏ) ସୂତ୍ର ଏହି ସୂଚନା ଦେଇଛି।

ରିପୋର୍ଟରୁ ଜଣାପଡିଛି କି, କୋହଲି ଡିଡିସିଏକୁ କହିଛନ୍ତି ଯେ ସେ ରେଳବାଇ ବିପକ୍ଷ ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ। ଦିଲ୍ଲୀ ଦଳକୁ ଜାନୁଆରୀ ୩୦ରୁ ରେଳବାଇ ବିପକ୍ଷରେ ଏହି ମ୍ୟାଚ୍ ଖେଳିବାକୁ ପଡିବ। ଏହି ମ୍ୟାଚ୍ ଖେଳୁଥିବାର ଦେଖିବାକୁ ମିଳିବ କୋହଲିଙ୍କୁ।

ଘରୋଇ କ୍ରିକେଟ ଖେଳୁଥିବା ଭାରତର ବଡ଼ ଖେଳାଳିଙ୍କ ମଧ୍ୟରେ ବିରାଟ କୋହଲି ହେଉଛନ୍ତି ସଦ୍ୟତମ ନାମ। ତାଙ୍କର ବେକ ସମସ୍ୟା ଥିବାରୁ ସେ ଷଷ୍ଠ ରାଉଣ୍ଡରେ ଖେଳୁନାହାଁନ୍ତି। ଯଦି କୋହଲି ରେଳବାଇ ବିପକ୍ଷରେ ମ୍ୟାଚ୍ ଖେଳନ୍ତି, ତେବେ ଏହା ୧୩ ବର୍ଷ ମଧ୍ୟରେ ତାଙ୍କର ପ୍ରଥମ ରଣଜୀ ମ୍ୟାଚ୍ ହେବ।

କୋହଲି ଶେଷ ଥର ପାଇଁ ୨୦୧୨ ମସିହାରେ ରଣଜୀ ମ୍ୟାଚ୍ ଖେଳିଥିଲେ। ସେ ଶେଷ ଥର ପାଇଁ ଗାଜିଆବାଦରେ ଉତ୍ତର ପ୍ରଦେଶ ବିପକ୍ଷରେ ରଣଜୀ ମ୍ୟାଚ୍ ଖେଳିଥିଲେ। ଦିଲ୍ଲୀ ଦଳ ଜାନୁଆରୀ ୨୩-୨୫ ମଧ୍ୟରେ ରାଜକୋଟରେ ସୌରାଷ୍ଟ୍ର ବିପକ୍ଷରେ ପରବର୍ତ୍ତୀ ରଣଜୀ ମ୍ୟାଚ୍ ଖେଳିବ ହେଲେ କୋହଲି ଏହି ମ୍ୟାଚ୍‌ରେ ଖେଳିବେ ନାହିଁ।

ଆପଣଙ୍କୁ କହିରଖୁଛୁ ଯେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ସମସ୍ତ କେନ୍ଦ୍ରୀୟ ଚୁକ୍ତିବଦ୍ଧ ଖେଳାଳିଙ୍କ ପାଇଁ ଘରୋଇ କ୍ରିକେଟ୍ ଖେଳିବା ବାଧ୍ୟତାମୂଳକ କରିଛି ରୋହିତ ଶର୍ମା, ଯଶସ୍ୱୀ ଜୟସାଲ ଏବଂ ଶ୍ରେୟସ ଆୟର ମୁମ୍ବାଇ ପାଇଁ ଖେଳୁଛନ୍ତି ଯେତେବେଳେ ଶୁଭମନ ଗିଲ୍ ପଞ୍ଜାବ ପାଇଁ ଖେଳିବେ।

# ଟିମ୍ ଇଣ୍ଡିଆକୁ କମ୍‌ବ୍ୟାକ୍ କରିବାକୁ ଶାମୀଙ୍କ ବଳିଦାନ

ନୂଆଦିଲ୍ଲୀ ୨୧/୦୧: ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମୀ ତାଙ୍କର ପ୍ରିୟ ଖାଦ୍ୟ ବିରିୟାନୀ ସବୁବେଳେ ସେ ବିରିୟାନୀ ଖାଇବାକୁ ପସନ୍ଦ କରନ୍ତି ଶାମୀ ଅନେକ ସାକ୍ଷାତକାରରେ ବିରିୟାନୀ ବିଷୟରେ କହିଛନ୍ତି । ଯେଉଁଥିରୁ ଜଣାପଡେ ସେ କେତେ ବିରିୟାନୀ ଲଭର ହେଲେ ଦୁଇମାସ ହେବ ବିରିୟାନୀ ଖିବା ତ ଦୂରର କଥା ହାତ ମାରିନାହାଁନ୍ତି।ଏହାର କାରଣ ଟିମ୍ ଇଣ୍ଡିଆରେ ତାଙ୍କର କମ୍‌ବ୍ୟାକ୍ ଟିମ୍‌କୁ ଫେରିବାକୁ ଶାମୀ ନିଜର ପ୍ରିୟର ଖାଦ୍ୟକୁ ତ୍ୟାଗ କରିଦେଇଥିଲେ କମ୍‌ବ୍ୟାକ୍ ପାଇଁ, ଭାରତୀୟ ଦ୍ରୁତ ବୋଲର ଦୁଇ ମାସ ପର୍ଯ୍ୟନ୍ତ ତାଙ୍କ ପ୍ରିୟ ଖାଦ୍ୟ ଛୁଇଁ ନଥିଲେ ବେଙ୍ଗଲର ଦ୍ରୁତ ବୋଲିଂ ପ୍ରଶିକ୍ଷକ ଶିବ ଶଙ୍କର ପାଉଲ କହିଥିଲେ ଯେ ଶାମୀ କିପରି ପ୍ରତ୍ୟାବର୍ତ୍ତନ ପାଇଁ କଠିନ ପରିଶ୍ରମ କରିଥିଲେ।।

କୋଚ୍ କହିଛନ୍ତି ଯେ ବିରିୟାନି ଛାଡିବା ବ୍ୟତୀତ, ଶାମୀ ଅଭ୍ୟାସ ପାଇଁ ଗ୍ରାଉଣ୍ଡକୁ ପ୍ରଥମେ ଆସୁଥିଲେ। ଏହା ବ୍ୟତୀତ, ସେ ମ୍ୟାଚ୍ ଶେଷ ହେବା ପରେ ମଧ୍ୟ ବୋଲିଂ କରୁଥିଲେ। କହିବାକୁ ଗଲେ ଶାମୀ ଆଘାତ ଯୋଗୁଁ ଗତ ୧୪ମାସ ଧରି ଅନ୍ତର୍ଜାତୀୟ କ୍ରିକେଟରୁ ବାହାରେ ଥିଲେ। ଏବେ ତାଙ୍କୁ ଜାନୁଆରୀ ୨୨ରୁ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଟି-୨୦ ସିରିଜ୍ ପାଇଁ ଭାରତୀୟ ଦଳରେ ମନୋନୀତ କରାଯାଇଛି ।ତଥାପି, ଏହା ପୂର୍ବରୁ ଶାମୀ ଘରୋଇ କ୍ରିକେଟ୍ ମାଧ୍ୟମରେ ବୃତ୍ତିଗତ କ୍ରିକେଟକୁ ଫେରିଥିଲେ । ଗତବର୍ଷ ନଭେମ୍ବରରେ, ଭାରତୀୟ ଦ୍ରୁତ ବୋଲର ବେଙ୍ଗଲ ପାଇଁ ଘରୋଇ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଶାମୀ ବେଙ୍ଗଲ ପାଇଁ ରଣଜୀ ଟ୍ରଫି ମ୍ୟାଚ୍ ଖେଳି ତାଙ୍କ କ୍ୟାରିର ଆରମ୍ଭ କରିଥିଲେ। ଏହା ପରେ ସେ ସୟଦ ମୁସ୍ତାକ ଅଲୀ ଟ୍ରଫି ଏବଂ ବିଜୟ ହଜାରେ ଟ୍ରଫି ଖେଳିଥିଲେ।।

ପ୍ରଶିକ୍ଷକ ଶିବ ଶଙ୍କର ପାଉଲ୍ ଶାମିଙ୍କ ଉତ୍ସର୍ଗତା ବିଷୟରେ କହିଛନ୍ତି, ଦ୍ରୁତ ବୋଲରମାନେ ଆଘାତରୁ ଫେରିବା ପାଇଁ ସମୟ ନିଅନ୍ତି ହେଲେ ଶାମୀଙ୍କଠାରେ ପୁଣିଥରେ ଫେରିବା ଝୁଙ୍କ ଏତେ ଥିଲା କି, ଖେଳ ଶେଷ କରିବା ପରେ ମଧ୍ୟ ବୋଲିଂ ଜାରି ରଖିଥିଲେ ସେ ବୋଲିଂ କରିବାକୁ ଚାହୁଁଥିଲେ। ଏହା ଜଣେ ଖେଳାଳିଙ୍କ ଏକ ମହାନ ସମର୍ପଣ। କିଛି ଖେଳାଳି ଖେଳ ପରେ ୩୦ରୁ ୪୫ ମିନିଟ୍ ଅଧିକ ବୋଲିଂ କରିବାକୁ ଚାହାଁନ୍ତି । ସେ ମଧ୍ୟ ସେହି ବ୍ୟକ୍ତି ଯିଏ ମ୍ୟାଚ୍ ଦିନ ସକାଳ ୬ଟାରେ ଦଳ ଆସିବା ପୂର୍ବରୁ ଗ୍ରାଉଣ୍ଡରେ ପହଞ୍ଚିଯାଏ ଘରୋଇ ଟି-୨୦ ମ୍ୟାଚ୍ ସେ ପ୍ରଥମ ବ୍ୟକ୍ତି ଥିଲେ ।

ଶାମୀଙ୍କ ଖାଦ୍ୟ ବିଷୟରେ କହିବାକୁ ଗଲେ, ପ୍ରଶିକ୍ଷକ କହିଛନ୍ତି, ସେ ଏକ କଠୋର ଡାଏଟ୍ ପାଳନ କରୁଥିଲେ ମୁଁ ତାଙ୍କୁ ଦିନକୁ କେବଳ ଥରେ ଖାଇବାର ଦେଖିଲି ସେ ବିରିୟାନୀ ପସନ୍ଦ କରନ୍ତି, କିନ୍ତୁ ଆଘାତକୁ ଫେରିବା ପରେ ଗତ ଦୁଇ ମାସ ମଧ୍ୟରେ ମୁଁ ତାଙ୍କୁ ବିରିୟାନୀ ଦେଇନାହିଁ ମୁଁ ତାକୁ ଖାଇବାର ଦେଖିନାହିଁ।


Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ